ପୃଷ୍ଠା ୬
ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ମହମଦୁଲ୍ଲାଙ୍କ ଅବସର

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 350 | ଭାଗ ୩୨ | ସଂଖ୍ୟା ୩୫୦ | Bhubaneswar | Monday 17 March 2025 | Page 8 Rs. 4.00 | ● ଭୁବନେଶ୍ୱର ସୋମବାର ୧୭ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଆରପାରିରେ କାଳଜୟୀ



- ଲିଭିଗଲା ସାହିତ୍ୟାକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କ
- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ
- ୨୦୦୬ରେ ପାଇଥିଲେ ପଦ୍ମଭୂଷଣ
- କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଥିଲେ
- 'ଶ୍ରୀରାଧା' ଦେଇଥିଲା ସ୍ୱତନ୍ତ୍ର ପରିଚିତି
- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୬।୩ (ସଂଚାର ବ୍ୟୁରୋ): କାଳଜୟୀ ସାହିତ୍ୟିକ ତଥା ପୂର୍ବତନ ପ୍ରଶାସକ ପଦ୍ମଭୂଷଣ ରମାକାନ୍ତ ରଥଙ୍କର ଆଜି ୯୧ ବର୍ଷ ବୟସରେ ଦେହାନ୍ତ ହୋଇଛି। ଶ୍ରୀ ରଥ ତାଙ୍କ ଖାରବେଳ ନଗରସ୍ଥିତ ତାଙ୍କ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ରଥଙ୍କ ବାସଭବନରେ ପହଞ୍ଚି ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିବା ସହ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଘୋଷଣା କରିଛନ୍ତି। ଏଥିସହ ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

ଶ୍ରୀ ରଥ ୧୯୩୪ ଡିସେମ୍ବର ୧୩ରେ କଟକରେ ଜନ୍ମଗ୍ରହଣ କରିଥିଲେ। ସେ ଇଂରାଜୀରେ ଭାଷା ସାହିତ୍ୟରେ ରେଭେନ୍ସା କଲେଜରୁ ସ୍ନାତକୋତ୍ତର କରିବା ପରେ ୧୯୫୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ଏହି ସମୟରେ ତାଙ୍କ ରଚିତ କବିତା ସଂକଳନ କେତେ ଦିନର (୧୯୬୨), ସନ୍ଦିଗ୍ଧ ମୃଗୟା (୧୯୭୧), ସପ୍ତମ ଋତୁ (୧୯୭୭), ସଚିତ୍ର ଅନ୍ଧାର (୧୯୮୨), ଶ୍ରୀରାଧା (୧୯୮୫) ଏବଂ ଶ୍ରେଷ୍ଠ କବିତା (୧୯୯୨) ପ୍ରକାଶ ପାଇଥିଲା। ଏହି ସାତଟି କବିତା ସଂକଳନ ମଧ୍ୟରୁ 'ଶ୍ରୀରାଧା' ଲାଗି ସେ ସର୍ବାଧିକ ଚର୍ଚ୍ଚିତ ହେବା ସହ ପାଠକୀୟ ଶ୍ରଦ୍ଧା ଲାଭ କରିଥିଲେ। ତାଙ୍କ ରଚିତ ସଂକଳନ ସୀମାନ୍ତ ବାସ, ଫେରି ଚାହିଁଲେ, ସବୁଦିନେ ସେପାଖେ, ଯା ନ ଯା କହୁ କହୁ, ସରଳ ହୃଦଗଣିତ ଓ ଧର୍ମପଦର ଆତ୍ମହତ୍ୟା ଆଦି ପାଠକ ମହଲରେ ବେଶ୍ ଆଦୃତ ହୋଇଥିଲା। କବି ରମାକାନ୍ତ ସଦ୍ଧ କବୀରଙ୍କ କବିତାର ମଧ୍ୟ ଅନୁବାଦ କରିଥିଲେ ଏବଂ ତାହା 'ସେବେ, ଏବେ, ସବୁବେଳେ' ସଂକଳନରେ ସ୍ଥାନିତ ହୋଇଥିଲା। ତେବେ ୧୯୭୮ରେ ତାଙ୍କ କବିତା ସଂକଳନ 'ସପ୍ତମ ଋତୁ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଏଥିସହ ୧୯୮୪ରେ 'ସଚିତ୍ର ଅନ୍ଧାର' ସଂକଳନ ପାଇଁ ତାଙ୍କୁ ଶାରଳା ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୯୨ରେ ସେ ଓଡ଼ିଶାର ମୁଖ୍ୟ ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ଉକ୍ତ ବର୍ଷ ତାଙ୍କୁ ସରସ୍ୱତୀ ପୃଷ୍ଠା-୬

ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି: ମୋହନ

ପଦ୍ମଭୂଷଣ ସ୍ୱର୍ଗତଃ ରଥ ଭାରତୀୟ ସାହିତ୍ୟ ଜଗତର ଅଳ୍ପ କେତେଜଣ ଶ୍ରେଷ୍ଠ କବିଙ୍କ ମଧ୍ୟରେ ଅନ୍ୟତମ ଥିଲେ। ସପ୍ତମ ଋତୁ, ଶ୍ରୀରାଧା, ସଚିତ୍ର ଅନ୍ଧାର, କେତେ ଦିନର, ଦୁଆର ଏପଟୁ, ନଯା ନଯା କହୁ କହୁ ପରି ଅନେକ କାଳଜୟୀ ରଚନା ତାଙ୍କୁ ସାହିତ୍ୟ ଜଗତରେ ଚିରଦିନ ପାଇଁ ଅମର କରି ରଖିବ। ବିଭିନ୍ନ ବିଭାଗର ସଚିବ ଓ ମୁଖ୍ୟ ଶାସନ ସଚିବ ଭାବେ ମଧ୍ୟ ରାଜ୍ୟର ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଛନ୍ତି। ଓଡ଼ିଆ ସାହିତ୍ୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ତାଙ୍କ ଭୂମିକାକୁ ଅସ୍ୱୀକାର କରିହେବନି। ଅନେକ ମର୍ଯ୍ୟାଦାଜନକ ସମ୍ମାନ ଓ ପୁରସ୍କାର ହାତେଇଥିବା ଶ୍ରୀ ରଥଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି।

ଜନମାନସରେ ଚିରସ୍ମରଣୀୟ ରହିବେ: ଧର୍ମେନ୍ଦ୍ର

ଓଡ଼ିଶାର ଖ୍ୟାତନାମା କବି ତଥା ପଦ୍ମଭୂଷଣ ପୁରସ୍କାର ପ୍ରାପ୍ତ ରମାକାନ୍ତ ରଥଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । କବିତା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଜଗତକୁ ସୁସମୃଦ୍ଧ କରିବାରେ ତାଙ୍କର ଯୋଗଦାନ ବାସ୍ତବିକ ଅକଳ୍ପନୀୟ। କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ତଥା ଅନେକ ସମ୍ମାନର ଅଧିକାରୀ ଶ୍ରୀ ରଥଙ୍କ ଲେଖାରେ ଆଧ୍ୟାତ୍ମିକତାର ସ୍ପଷ୍ଟ ଝଲକ ଦେଖିବାକୁ ମିଳିଥାଏ। ତାଙ୍କର କାଳଜୟୀ କବିତାଗୁଡିକ ପାଇଁ ସେ ଓଡ଼ିଆ ଜନମାନସରେ ଚିରସ୍ମରଣୀୟ ହୋଇ ରହିବେ। ତାଙ୍କ ଅମର ଆତ୍ମାର ସଦଗତି ହେଉ ଓ ଏପରି ଏକ କଷ୍ଟସାଧ ସମୟରେ ପରିବାର ଲୋକଙ୍କୁ ପ୍ରଭୁ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ।

ସାହିତ୍ୟ ଜଗତରେ ବିରାଟ ଶୂନ୍ୟସ୍ଥାନ: ନବୀନ

ପଦ୍ମଭୂଷଣ ସ୍ୱର୍ଗତଃ ରଥ ଭାରତୀୟ ସାହିତ୍ୟ ଜଗତର ଜଣେ ସଫଳ ସ୍ରଷ୍ଟା ଥିଲେ। ତାଙ୍କ ସୃଷ୍ଟି ସମ୍ଭାର ତାଙ୍କ ପାଇଁ ଅନେକ ଯଶ ଓ ସମ୍ମାନ ଆଣିଦେଇଥିଲା। ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ ପାଇଁ ସେ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବେ। ଜଣେ ବିଜ୍ଞ ତଥା ଦକ୍ଷ ପ୍ରଶାସକ ଭାବେ ମଧ୍ୟ ସ୍ୱର୍ଗତଃ ରଥଙ୍କର ବିଶେଷ ସୁନାମ ରହିଥିଲା। ତାଙ୍କ ବିୟୋଗ ସାହିତ୍ୟ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି।

ଜଳୁଛି ପଶ୍ଚିମ ଓଡ଼ିଶା, ବୌଦ୍ଧରେ ୪୩ ଡିଗ୍ରୀ



- କ୍ରମାଗତ ଦ୍ୱିତୀୟ ଦିନ ଦେଶର ସବୁଠୁ ଉତ୍ତପ୍ତ ସହର
- ଝାରସୁଗୁଡ଼ାରେ ୪୧ ଡେଇଁଲା ତାପମାତ୍ରା
- ଆଗୁଆ ହୋଇପାରେ ସକାଳୁଆ ସ୍କୁଲ୍
- ୨୦ ପରେ ଆଶ୍ୱସ୍ତି ମିଳିପାରେ

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ରାଜ୍ୟରେ ଦିନକୁ ଦିନ ପାରଦ ଉପରମୁହାଁ ହୋଇଚାଲିଛି। ଦିନବେଳା ସତେ ଯେମିତି ଆକାଶରୁ ଅଗ୍ନିପିଣ୍ଡୁଳା ଖସୁଛି। ସୂର୍ଯ୍ୟଙ୍କ ଉତ୍ତାପ କ୍ରମଶଃ ଜନସାଧାରଣଙ୍କ ପାଇଁ ଅସହ୍ୟ ହେଉଛି। ତାତି ସାଙ୍ଗକୁ ଭୀଷଣ ଗୁଳୁଗୁଳି ପରିସ୍ଥିତିକୁ ଆହୁରି ଅସହ୍ୟ କରିଦେଉଛି। ଚଳିତ ମାସରେ ଦିନ ଗଡ଼ି ଚାଲିବା ସହ ତାପମାତ୍ରା ମିଟର ମଧ୍ୟ ଉପରକୁ ବଢ଼ିଚାଲିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ କ୍ରମାଗତ ଭାବେ ଅସହ୍ୟ ହେବାରେ ଲାଗିଛି। ଏହି କ୍ରମରେ ଆଜି କ୍ରମାଗତ ଦ୍ୱିତୀୟ ଦିନରେ ବୌଦ୍ଧ ରାଜ୍ୟର ଉତ୍ତପ୍ତତମ ସହର ରହିଛି। ଏଠାରେ ଶନିବାର ୪୨.୫ ଡିଗ୍ରୀ ସହ ବୌଦ୍ଧ ଦେଶର ଉତ୍ତପ୍ତତମ ସହର ଥିବା ବେଳେ ଆଜି ସହରେ ତାପମାତ୍ରା ଆହୁରି ଉପରକୁ ଉଠିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏଠାରେ ତାପମାତ୍ରା ୪୩ ଡିଗ୍ରୀ ପାର୍ କରି ୪୩.୬ ଡିଗ୍ରୀରେ ପହଞ୍ଚିଛି। ଏଥିସହ ବୌଦ୍ଧ ଆଜି ମଧ୍ୟ ଦେଶର ସବୁଠାରୁ ଉତ୍ତପ୍ତ ସହ ରହିଛି। ସେହିପରି ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ଝାରସୁଗୁଡ଼ାରେ ଆଜିର ତାପମାତ୍ରା ୪୧ ଡିଗ୍ରୀକୁ ଟପିବା ଫଳରେ ସେଠାକାର ବାସିନ୍ଦାଙ୍କ ପାଇଁ ପରିସ୍ଥିତି ବାସ୍ତବିକ ଦୁର୍ବିସହ ହୋଇପଡ଼ିଛି। ଆଜି ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ଝାରସୁଗୁଡ଼ାରେ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଆଜି ଝାରସୁଗୁଡ଼ା ପୁଣିଥରେ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହ ରହିଛି। ଦ୍ୱିତୀୟ ସ୍ଥାନରେ ରାଉରକେଲା ରହିଥିବା ବେଳେ ସେଠାରେ ତାପମାତ୍ରା ୩୯.୮ ଡିଗ୍ରୀ, ସମ୍ବଲପୁରରେ ୩୯ ଓ ହୀରାକୁଦରେ ୩୮.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ସେହିପରି କେନ୍ଦୁଝର ଓ ଚାନ୍ଦବାଲିରେ ତାପମାତ୍ରା ୩୭.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ନିକଟ ଭବିଷ୍ୟତରେ ରାଜ୍ୟବାସୀଙ୍କୁ ଭୀଷଣ ତାତିରୁ ତ୍ରାହି ମିଳିବ ପୃଷ୍ଠା-୬

ଭାଙ୍ଗୁଛି ଲାଲ୍ ଦମ୍ ୬୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୬।୩(ସଂଚାର ବ୍ୟୁରୋ): ଦିନକୁ ଦିନ ମାଓବାଦୀଙ୍କ ଶିବିର ଉପରେ ସୁରକ୍ଷାକର୍ମୀମାନେ ସେମାନଙ୍କ ଆକ୍ରମଣକୁ ବଢ଼ାଇଆସିଥିବା ବେଳେ ବିଭିନ୍ନ ସ୍ଥାନରେ ହିଂସାର ପଥକୁ ପଛ କରି ମାଓବାଦୀମାନେ ସାମାଜିକ ସ୍ରୋତରେ ସାମିଲ୍ ହେଉଛନ୍ତି। ଏହି କ୍ରମରେ ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ଜିଲା ପୁଲିସ ନିକଟରେ ଆଜି ଛତିଶଗଡ଼ ବିଜାପୁର ଓ ସୁକ୍‌ମାର ୬୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି, ଯାହାକି ଏକ ରେକର୍ଡ। ପୂର୍ବରୁ ରାଜ୍ୟରେ କଦାପି ଏତେ ସଂଖ୍ୟକ ମାଓବାଦୀ ଏକକାଳୀନ ଆତ୍ମସମର୍ପଣ କରିନଥିଲେ। ସୁକ୍‌ମା ଓ ବିଜାପୁରରେ ଏହି ମାଓବାଦୀମାନେ ଦଳ ସଭ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ଆଜି ସମାଜର ମୁଖ୍ୟ ସ୍ରୋତକୁ ଫେରିଥିବା ମାଓବାଦୀଙ୍କ ମଧ୍ୟରେ ୧୬ ଜଣ ମହିଳା ସାମିଲ୍ ଅଛନ୍ତି। ଏହି ମାଓବାଦୀମାନେ ସଂଗଠନର ଜନ ମିଲିସିଆ, ଡିଭିସିଏମ୍, ଏସିଏମ୍, ପାର୍ଟି ମେମ୍ବର, ପିପିସିଏମ କ୍ୟାଡରରେ କାର୍ଯ୍ୟ କରୁଥିଲେ। ସଂଗଠନର ହିଡମା ଓ ଦେବା ଭଳି ବଡ଼ ବଡ଼ ନେତାଙ୍କ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସେମାନେ ନିରୀହ ଆଦିବାସୀଙ୍କୁ ହତ୍ୟା କରୁଛନ୍ତି। ତେଣୁ ଏଥିରେ ନିଜ ଜୀବନ ପ୍ରତି ବିପଦ ପୃଷ୍ଠା-୬

ଏସ୍‌ପିଙ୍କ ପାରିବାପଣିଆକୁ ଠାଏ

- ଶ୍ରୀମନ୍ଦିର ଭିତରକୁ କେମିତି ଯାଉଛି ସ୍ପାଏ କ୍ୟାମେରା
- ଡ୍ରୋନରେ ଭିତର ବେଢ଼ାର ଚିତ୍ର ହେଉଛି ଭାଇରାଲ
- ଫଟୋ ସେସନ ଓ ଭିଆଇପି ଡ୍ୟୁଟିରେ ବ୍ୟସ୍ତ ଏସପି
- ମାଳ ମାଳ ପୁଲିସ ଥାଇ ବି ବିପଦରେ ଶ୍ରୀମନ୍ଦିର ସୁରକ୍ଷା



ପୁରୀ,୧୬।୩(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ମେଟାଲ ଡିଟେକ୍ଟର ସବୁ କିଛି ଥାଇ ବି ପୁଲିସ ଆଖିରେ ଧୂଳି ଦେଇ ଭିତରକୁ ଯାଉଛି ସ୍ପାଏ କ୍ୟାମେରା ଆଉ ମନ୍ଦିର ଉପରେ ଉଡୁଛି ଡ୍ରୋନ। ନିୟମିତ ବ୍ୟବଧାନରେ ଶ୍ରୀମନ୍ଦିରର ଭିତର ଫଟୋ ଏପରିକି ଗର୍ଭଗୃହ ଫଟୋ ବି ସୋସିଆଲ ମିଡିଆରେ ଘୁରି ବୁଲିଛି। ଏହା ଏବେ ପୁରୀ ଏସପିଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ଲଗାଇଦେଲାଣି।

ବର୍ତ୍ତମାନର ପୁରୀ ଏସପି ଫଟୋ ସେସନରେ ଓ ବଡ ବଡିଆଙ୍କ ସେବାରେ ମାତିଥିବା ବେଳେ ବାଜିରେ ଲାଗୁଛି ଶ୍ରୀମନ୍ଦିର ସୁରକ୍ଷା। ସମସ୍ତ କଟକଣାକୁ ଫୁ' କରି ସବୁ ସୁରକ୍ଷା ବଳୟ ଭେଦି ଭିଡିଓ ଓ ଫଟୋ ଉଠାଯାଇଥିବାରୁ ପୁରୀ ଏସପି କ'ଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ଉପରେ କଟକଣା ରହିଛି । ତଥାପି ସବୁ ନିୟମ, କଟକଣାକୁ ଦଳି ଦେଇ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଛି । ମନ୍ଦିରର ଚାରିପାର୍ଶ୍ୱର ଭିଡିଓ ଆକାଶ ମାର୍ଗରୁ ଉତ୍ତୋଳନ କରାଯାଇଛି । ଆଉ ଏହି ଭିଡିଓକୁ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଅପଲୋଡ୍ ବି କରାଯାଇଛି।

'ମନୀଷ ସୋଲାଙ୍କି ବ୍ଲଗ୍' ନାମକ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଶ୍ରୀମନ୍ଦିର ଉପରେ ଉଡ଼ାଇ ନିଆଯାଇଥିବା ଭିଜୁଆଲକୁ ଅପଲୋଡ୍ କରାଯାଇଛି । ପୃଷ୍ଠା-୬

ବାର୍‌ରେ ବାବୁଙ୍କ ଭାଗ

ପେସା ଆଇପିଏସ, ନିଶା କିନ୍ତୁ ଭିନ୍ନ। ଆଇପିଏସର ଖୋଳପା ଭିତରେ କେତେବେଳେ ନେତା ହେବାର ସ୍ୱପ୍ନ ତ ଆଉ କେତେବେଳେ ବାର ମାଲିକ। ଏଭଳି ଜଣେ ବରିଷ୍ଠ ଆଇପିଏସ ବାବୁଙ୍କୁ ନେଇ ଏବେ ପୁଲିସ ମହଲରେ ବେଶ ଚର୍ଚ୍ଚା। ଆଇପିଏସ ଭାବେ ବେଶ ଭଲ ଅଭିଜ୍ଞତା। ସବୁ ବିଭାଗରେ କାମ କରିସାରିଛନ୍ତି। ସବୁ ବିଭାଗରେ ନିନ୍ଦା ଓ ପ୍ରଶଂସା ବି ସାଉଁଟିଛନ୍ତି। ତଥାପି ଚାକିରିର ଶେଷ ଭାଗରେ ଭଲ ଦି' ପଇସା ରୋଜଗାର ପାଇଁ ବଡ଼ ବାବୁ ଜଣଙ୍କ କୁଆଡ଼େ ବାର୍‌ରେ ଭାଗ ବସାଇଛନ୍ତି। ପଟିଆ ଅଞ୍ଚଳରେ ଥିବା ଏକ ଡ୍ୟାନ୍ସ ପବ ଓ ବାରରେ ବାବୁଙ୍କ ମୋଟା ଅଙ୍କର ଅର୍ଥ ଲାଗିଛି। ଯେଉଁଥିପାଇଁ ବାର ମାଲିକ ଜଣଙ୍କ ମଣିଷ ମାନୁନଥିବା ଖୋଦ୍ ପୁଲିସ ମହଲରେ ଚର୍ଚ୍ଚା ଜୋର ଧରିଛି। ଆମେ କହୁଛୁ ପଟିଆ ଅଞ୍ଚଳରେ ଥିବା ଏକ ପ୍ରିମିୟମ ଡ୍ୟାନ୍ସ ପବ୍ ଓ ବାର୍‌ର କଥା। ସବୁ ଡ୍ୟାନ୍ସ ପବ୍‌ଠାରୁ ଏଠାରେ ରେଟ୍ ଟିକେ ଅଧିକ। ଏକ ଭିନ୍ନ ଗୋଷ୍ଠୀର ଗରାଖ ଏଠାକୁ ଯାଆନ୍ତି। ବିଶେଷଭାବେ କିଛି ଆଇପିଏସ, ଆଇପିଏସଙ୍କ ପତ୍ନୀ, ଖଣି ମାଲିକ, ସୁନା ଦୋକାନ ମାଲିକଙ୍କର ଏଠାରେ ଭିଡ଼ ଜମେ। ବଡବଡ଼ିଆମାନେ ବାର୍‌ରେ ମଦ ପିଉଥିବାରୁ ରାତି ଅଧ ଯାଏଁ ଏହା ଖୋଲା ମଧ୍ୟ ରହେ। ସମସ୍ତ ନିୟମକୁ ଜଳାଞ୍ଜଳି ଦିଆଯାଏ। ସମ୍ପୃକ୍ତ ଥାନାଧିକାରୀ ମଧ୍ୟ ବଡ଼ବାବୁଙ୍କ ଡ୍ୟାନ୍ସ ପବ କୁ ସୁରକ୍ଷା ଦେବାରେ ଲାଗିପଡନ୍ତି। ଅଭିଯୋଗ କଲେ ବାର ବନ୍ଦ ହେବା ଦୂର କଥା, ବରଂ ପୋଲିସ ଆସି ଅଭିଯୋଗକାରୀକୁ ଉଠାଇ ନିଏ। ଏଭଳି ଖବର ଏବେ ପାୱାର କରିଡରରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ନବୀନ ସରକାରରେ ବେଶ ପ୍ରଭାବଶାଳୀ ବନି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥଇଥାନ ହୋଇଥିବା ଏହି ଅଫିସରଙ୍କୁ ପାନେ ଚଖାଇବା ପାଇଁ ଯୋଜନା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଆଇନଶୃଙ୍ଖଳା ନେଇ ବିରୋଧୀ-ଶାସକ ମୁହାଁମୁହିଁ

- ବିଧାନସଭାରେ ସରକାରଙ୍କୁ ଘେରିବାକୁ ସଜବାଜ
- ବିଜେପି କହିଲା ବିରୋଧୀଙ୍କୁ ଦିଶୁନି ନିଜ କୁକର୍ମ

ଭୁବନେଶ୍ୱର,୧୬।୩ (ସଂଚାର ବ୍ୟୁରୋ): ଏବର୍ଷ ହୋଲି ରକ୍ତରଞ୍ଜିତ ହୋଇଥିବା ବେଳେ ବିରୋଧୀଙ୍କୁ ମିଳିଛି ମଉକା। ଗୋଟିଏ ଦିନରେ ୭ଟି ହତ୍ୟାକାଣ୍ଡ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ବିରୋଧୀ ଆସନ୍ତାକାଲି ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବାକୁ ସଜବାଜ ହେଉଛନ୍ତି। ବିଜେଡି ସବୁ ପ୍ରସଙ୍ଗ ଛାଡି ଆଇନ ଶୃଙ୍ଖଳା ନେଇ ସରକାରଙ୍କଠାରୁ ଜବାବ ମାଗିବ ବୋଲି କହିଥିବା ବେଳେ କଂଗ୍ରେସ ବି ନାରୀ ସୁରକ୍ଷାକୁ ନେଇ ଆନ୍ଦୋଳନ ଜାରି ରଖିବ ବୋଲି କହିଛି। ସେପଟେ ବିଜେପି କହିଛି ବିରୋଧୀ ନିଜର କୁକର୍ମକୁ ଲୁଚାଇବାକୁ ଆଇନଶୃଙ୍ଖଳାକୁ ଢାଲ କରୁଛି। ପୃଷ୍ଠା-୬

ପ୍ରସ୍ତୁତି ବୈଠକରେ ତାତିଲେ ଜୟନାରାୟଣ

ବରିଷ୍ଠଙ୍କର କୌଣସି ଭାଲ୍ୟୁ ନାହିଁ ବୋଲି କହିଲେ

ଭୁବନେଶ୍ୱର,୧୬।୩: କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଆସନ୍ତା ୨୨ ତାରିଖରେ ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସୁଥିବା ବେଳେ ଏଥିସକାଶେ ରାଜ୍ୟ ବିଜେପି ପକ୍ଷରୁ ପ୍ରସ୍ତୁତି ସକାଶେ ବୁର୍ଲାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ତେବେ ଏହି ବୈଠକରେ ଅତିଥିଙ୍କ ସକାଶେ ଉଦ୍ଦିଷ୍ଟ ମଞ୍ଚରେ ନ ବସି ସମ୍ବଲପୁର ବିଧାୟକ ତଥା ରାଜ୍ୟର ଅନ୍ୟତମ ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ର ବିଧାୟକଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିଥିଲେ। ଏନେଇ ପରବର୍ତ୍ତୀ ସମୟରେ ସାମ୍ବାଦିକମାନେ ପ୍ରଶ୍ନ କରିବାରୁ ସେ ଏଥିରେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଦଳରେ ତାଙ୍କର କୌଣସି ଭାଲ୍ୟୁ ନାହିଁ। ତାଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। କାରଣ ଦଳରେ ଅନେକ ବଡ଼ବଡ଼ିଆ ନେତା ଅଛନ୍ତି। ଦଳରେ ସେ ଜଣେ ଛୋଟକାଟିଆ ନେତା ହୋଇଥିବାରୁ ତାଙ୍କୁ କାହିଁକି ପ୍ରଶ୍ନ କରୁଛ ବୋଲି ଜୟନାରାୟଣ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବସିବା ସକାଶେ ଯୋଗ୍ୟତା ଦରକାର। ମୋର ଯୋଗ୍ୟତା ନାହିଁ ବୋଲି ଭାବିଲି, ତେଣୁ ବୈଠକରେ ଆଗ ସିଟ୍‌କୁ ଯିବାକୁ ଉଚିତ ମଣିଲିନି। ସେ ଜାଗା ରାଜ୍ୟ ସଭାପତି, ସମ୍ପାଦକ ଓ ମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ସେଥି ମଧ୍ୟରୁ ମୁଁ କୌଣସି ପଦରେ ବି ନାହିଁ, ତେଣୁ ସେଠି ବସିବାର ଆବଶ୍ୟକତା ନ ଥିଲା ବୋଲି ଜୟନାରାୟଣ କହିଛନ୍ତି। ଆଜି ବୁର୍ଲାରେ ଅନୁଷ୍ଠିତ ଭାଜପା ବୈଠକରେ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ମଞ୍ଚରେ ନବସି ସେ ପଛ ଧାଡ଼ିରେ ବିଧାୟକଙ୍କ ଗ

ରଙ୍ଗରାଗ

ସୁଜିତ୍ କୁମାର ମିଶ୍ର

ରଙ୍ଗ
କୋଳାକୋଳି ହୋଇ ରଙ୍ଗ ବୋଳି ହେଉ
ପରବରେ ପରସ୍ପର,
ବାକି ଦିନେ କିନ୍ତୁ ଛାଇକୁ ଦେଖିଲେ
ନାହି ଡିଏଁ ବାରମ୍ବାର ।

ବିମାନ
ବିମାନରେ ରାଧା କୃଷ୍ଣଙ୍କୁ ବସେଇ
ବୁଲାଉ ଝୁଲଣ କରି,
କୁହ କେଉଁ ଲାଭ ମନ ବିମାନଟି
ଯଦି ଭଗ୍ନ ପାପ ଭରି ।

ହାପି ହୋଲି
ହଜାରେ ହୃଦୟ ଆମେ ଜିଣିପାରୁ
ହାପି ହୋଲି କହୁଥାଇ,
କେଉଁ ଲାଭ ଯଦି ହୃଦ ନୁହେଁ ଆର୍ଦ୍ର
ନିସ୍ୱ ମଣିଷଟି ପାଇଁ ।

ସ୍ନାନ
ରଙ୍ଗ ଖେଳ ପରେ ସ୍ନାନେ ଦେହୁ ସିନା
ରଙ୍ଗ ଆମ ଛାଡ଼ିଯାଏ,
ଚେତନାର ସ୍ନାନ ବିନା ଷଡରିପୁ
ହୃଦୟକୁ ଦହୁଥାଏ ।

ପ୍ରେମ
ଦୋଳ ପରବଟି ରାଧାକୃଷ୍ଣଙ୍କର
ଦିବ୍ୟ ପ୍ରେମ ଉତ୍ତରଣ,
ଏବେ ପ୍ରେମ କିନ୍ତୁ ରଙ୍ଗହୀନ ସ୍ୱର
ଦ୍ରବ୍ୟ କିଣାବିକା ଜାଣ ।

ଜନାର୍ଦ୍ଦନପୁର ଶାସନ କେନ୍ଦୁଝର
ମୋବାଇଲ୍: ୭୬୮୩୮୬୭୭୪୨

ଋତୁରାଜ

ସାଗର କୁମାର ପରିଡା

ଋତୁରାଜ ତୁମେ ଧରାକୁ ଆସିଲେ
ସପନ ରାଜ୍ୟର ହୁଏ ଉଦୟ
ଯୁଆଡେ ଦେଖିଲେ ଚାରିଆଡେ ଦିଶେ
ପ୍ରକୃତି ରାଣୀର ଶୋଭା ନୀଳୟ ।।
ତରୁଲତା ହୁଏ ନବ କୁସୁମିତ
ଭିନ୍ନ ଭିନ୍ନ ରଙ୍ଗ କରେ ରାଜୁତି
ପଳାଶ ଶିମିଳି କୃଷ୍ଣଚୂଡ଼ା ଫୁଲେ
ଲୋହିତ ବରଣ ଦିଶେ ଧରିତ୍ରୀ ।।
ଅଶୋକ ସ୍ତବକ ବକୁଳ ମହକ
ମାଧବୀ ବାସଙ୍ଗ କାଞ୍ଚନ ଫୁଲ
ସୁଗନ୍ଧ ସୁରଭି ବହି ଗନ୍ଧ ବହ
ପରିବେଶ କରିଦିଏ ଉତ୍ ଫୁଲ ।।
ଆମ୍ର କାନନରୁ ପରଭୃତ କଣ୍ଠୁ
କୁହୁ କୁହୁ ସ୍ୱର ଭାସି ଆସଇ
ମଧୁପାନ ଆଶେ ଷଟପଦ ହରଷେ
ପୁଷ୍ପରୁ ପୁଷ୍ପକୁ ଉଡି ବୁଲଇ ।।
ତୁମ ଆଗମନେ ଗଗନ ପବନେ
ଚରାଚର ପ୍ରାଣେ ଆନନ୍ଦ ଜାତ
ତୁମ ପରଶରେ ସରସ ସୁନ୍ଦର
ମଧୁମୟ ଦିଶେ ବିଶ୍ୱ ଜଗତ ।।
ଦୋଳ ପୂର୍ଣ୍ଣିମାର ମଧୁର ଆସର
ହୋଲି ବାଣ୍ଟି ଥାଏ ରଙ୍ଗ ପସରା
ମେଳନ ଉତ୍ସବେ ଚଇତି ପରବେ
ମୋହିତ ହୁଅନ୍ତି ଦୁନିଆ ସାରା ।।
ସର୍ବ ସୁଷମାର ସୁଷମ ସମ୍ଭାରେ
ବାଢ଼ିଦେଇ ଅନେକ ସୁଖରାଶି
ନିଅତ ବିଦାୟ ଡାକିଆଣ ହାୟ
ପ୍ରଚଣ୍ଡ ନିଦାଘ ରୌଦ୍ର ସନ୍ନ୍ୟାସୀ ।।
ଦେଇଥିଲ ଯେଉଁ ଅମୀୟ ପରଶ
କୁସୁମ ସୁରଭି ମନ୍ଦମଳୟ
ତୁମେ ଗଲାପରେ ଗ୍ରୀଷମ ପ୍ରବାହ
ଜାଳିପୋଡି ସୃଷ୍ଟି କରେ ଅଥୟ ।।

ରାଇଘର, ନବରଙ୍ଗପୁର

ଅନୁପମା ବିଶ୍ୱାଳ

ଫେରିବାଲା

ରେଳଷ୍ଟେସନରେ ବହୁତ ଭିଡ଼। କିଏ ରେଲଗାଡିରୁ ଓହ୍ଲାଉଛି, କିଏ ରେଳଗାଡିରେ ଚଢୁଛି, କିଏ ହାତ ହଲାଇ ବନ୍ଧୁ ପରିଜନଙ୍କୁ ବିଦାୟ ଦେଉଛି ଆଉ କିଏ ବନ୍ଧୁକୁ ଦେଖି ଖୁସିରେ ନାଚି ଉଠୁଛି। ସମସ୍ତେ ବ୍ୟସ୍ତ ବିବ୍ରତ ହୋଇ ଯିବା ଆସିବା କରୁଥାନ୍ତି। ଜଣେ ଫେରିବାଲା ମୁଣ୍ଡରେ ଟୋକେଇଟିଏ ଧରି ଟ୍ରେନର ଗୋଟିଏ ଝରକା ପାଖରୁ ଆଉ ଗୋଟିଏ ଝରକାକୁ ଯାଇ କଣ ସବୁ ବିକିବାରେ ଲାଗିଛି। ବୟସ ବେଶୀ ହୋଇ ନ ଥିଲେ ବି ଅଧିକ ଜଣାପଡୁଥାଏ। କାରଣ ତା ପୋଷାକ ପରିଚ୍ଛଦ ସେତେ ଉନ୍ନତ ନଥିଲା। ଦେଖିଲେ ଜଣା ପଡୁଥାଏ ତା'ର ସରଳତା।

ଜଣେ ଯୁବତୀ ସେ ସମୟରେ ଗୋଟିଏ ଛୋଟ ପିଲା ଧରି ସେଠାରେ ଠିଆ ହୋଇଥିଲା। ସେ ବୋଧହୁଏ କାହା ଅପେକ୍ଷାରେ ଥାଏ। ହାବଭାବରୁ ଜଣା ପଡୁଥିଲା ତା'ର ବ୍ୟସ୍ତତା। ହଳଦିଆ ଚମ୍ପା ପରି ଗୋରା ଶରୀର। ଦେଖିବାକୁ ଭାରି ସୁନ୍ଦର। ଗୋଟିଏ ଚାଉଳରେ ଗଢ଼ା।

ହଠାତ ଲୋକଟିଏ ଆସି କହିଲା,'ତୁମେ ରାହୁଲ ବାବୁଙ୍କ ଝିଅ କି? ବହୁତ ଖରାପ ଲୋକଟିଏ। ମଣିଷ ତ ନୁହଁନ୍ତି, ଜଣେ ରାକ୍ଷସ। କ୍ରୁର ସ୍ୱଭାବ। ହୃଦୟ ବୋଲି କିଛି ନାହିଁ। ତାଙ୍କ ହାତ ହିଁ ଗୋଟିଏ ଅସ୍ତ୍ର। ବାପରେ! ମୁଁ ଆଖିରେ ଦେଖିଛି ସେ ଭୟଙ୍କର ଦୃଶ୍ୟ। ଦେଖୁ ଦେଖୁ କେମିତି ସେଦିନ ସେ ଫେରିବାଲାର ବାପାକୁ ପାହାର ଉପରେ ପାହାର ଦେଇ ଚାଲିଥିଲେ। ବିଚରା ଯେତେ ନେହୁରା ହେଲେ ବି ଶୁଣୁ ନ ଥିଲେ। ଓଲଟା ଦାମୀ ଜୋତାର କମାଲ ଦେଖାଇ ସେ ବିଚରାର ପାଦ ସହ ଖେଳୁଥିଲେ। ତଳେ ପଡି ଲୋକଟି ଛଟପଟ ହେଉଥିଲେ ମଧ୍ୟ ଆମେ ବି କିଛି କରି ପାରୁ ନଥିଲୁ। ଯେ ପାଖକୁ ଯିବ ଦଶା ପାଇବ। ଓଃ ସେଦିନ..... ଥର ମୂର୍ତ୍ତି ପରି ଛିଡା ହୋଇ ଯୁବତୀ ସବୁ ଶୁଣୁଥାନ୍ତି। କଣ ବା କହିବେ। ଏସବୁ ସତ ହେଲେବି ସ୍ୱପ୍ନ ହୋଇଯାଇଛି। ଅତୀତ ପୃଷ୍ଠାରେ ହଜି ଯାଇଛି ସବୁ। ହେଲେ ହୃଦୟ ଭିତରେ ଚିର ସବୁଜ ତାଙ୍କ ମନର ମଣିଷ,ଆଉ ନିଃସ୍ୱାର୍ଥ ପ୍ରେମ। ଭଦ୍ର ବ୍ୟକ୍ତିଟି ଚାଲିଗଲା ପରେ ଯୁବତୀ ଏଣେତେଣେ ଟିକିଏ ଅନେଇ ଆଖିରୁ ଝରି ଆସୁଥିବା ଲୁହ ଧାରକୁ ଲୁଚି ଲୁଚି ପୋଛିଦେଉଥାନ୍ତି। ଅବ୍ୟକ୍ତ ବେଦନା। ଯାହାକୁ ଏ ସମାଜ ସାଧାରଣ ଫେରିବାଲାଟେ ବୋଲି ଆଦର,ସମ୍ମାନ କରେ ନାହିଁ,ସେଇ ଫେରିବାଲା ଟିଏ ଥିଲା ତା ଜୀବନର ସର୍ବସ୍ୱ। ମନ ହୃଦୟ ଦେଇଥିଲା ତାକୁ। କଥା ଦେଇଥିଲେ ଦୁହେଁ ଦୁହିଁଙ୍କୁ। କିନ୍ତୁ ରଖି ପାରିଲେ ନାହିଁ। କାଖରେ ଥାଇ ପିଲାଟି ମା ଆଖିର ଲୁହକୁ ପୋଛି ଦେଉଥାଏ। ସେ ବା କଣ ବୁଝିବ। ମନେ ପଡିଯାଉଥାଏ ଯୁବତୀଙ୍କ ଜୀବନର ଅଭୁଲା ମୁହୂର୍ତ୍ତ। ପ୍ରାୟତଃ ଫେରିବାଲାଟିଏ ଗାଁକୁ ଆସେ। ଭିନ୍ନ ଭିନ୍ନ ଜିନିଷ ଟୋକେଇରେ ରଖି ବିକ୍ରିକରେ। ଆଜି ଏ ଗାଆଁରେ ତ କାଲି ସେ ଗାଁରେ। ଖୁବ ସୁନ୍ଦର ଚେହେରା। ସରଳ ଠାଣି। ମାର୍ଜିତ ବ୍ୟବହାର। ତାକୁ ଦେଖି ସେ ମନେ ମନେ ଭଲପାଇ ବସିଲେ। ପରେ ତାକୁ ଜଣାଇଲେ ମଧ୍ୟ। ସାହସ କରି ପାରୁ ନଥିଲେ ମଧ୍ୟ ଫେରିବାଲା ବି ତାଙ୍କୁ ଭଲ ପାଇଲା। ଦୁହେଁ ଧୀରେ ଧୀରେ ଅନ୍ତରଙ୍ଗ ହୋଇଗଲେ। ବାପା ଏକଥା ଜାଣି ଫେରିବାଲା କୁ ମାରିବା ସହ ତା ବାପାଙ୍କୁ ମଧ୍ୟ ବହୁତ ମାରିଥିଲେ। ଆଉ ତା ରାସ୍ତା ବନ୍ଦ କରି ନିଜ ଝିଅର ବାହାଘର କରିଦେଲେ।

ତାଙ୍କ ସାଙ୍ଗ ଏଇ ଷ୍ଟେସନରେ ଫେରିବାଲା କୁ ଦେଖିବା କଥା କହିଥିଲା ବୋଲି ସେ ଆଜି ଆସିଛନ୍ତି। ଏଇ ସମୟରେ କାଖରେ ଥିବା ଛୁଆଟି ଜଣେ ଫେରିବାଲା କୁ ଦେଖି କଣ କିଣିବାକୁ ଜିଦ କରିବାରୁ ପାଖକୁ ସେ ଗଲେ। ହେଲେ ଚମକି ପଡିଲେ। ଆରେ ଏଇ ତ ତାଙ୍କ ମନର ମଣିଷ। ବହୁତ ଖୁସି ହୋଇ ଅନେକ କଥା ଗପିଗଲେ ସେଦିନ। ଯାହେଉ ଏତିକି ଜାଣିଲେ ସେ ଭଲରେ ଅଛନ୍ତି। ଆଶ୍ୱସ୍ତି ହେଲେ ଓ ଠାକୁରଙ୍କୁ ଅଶେଷ ଧନ୍ୟବାଦ ଜଣାଇଲେ।

ସମ୍ବଲପୁର,ମୋବାଇଲ୍: ୭୯୭୮୫୬୮୩୨୨

ଫେରିଛି ଫଗୁଣ

ଜୟଶ୍ରୀ ପଟ୍ଟନାୟକ

ସେଦିନ ସେ ଦୂରେଇଗଲା
ମୋ ଦୃଶ୍ୟପଟରୁ, ମନ ଚୌହଦୀରୁ
ମୁଁ ତାକୁ ଆଉ ଖୋଜିନି କି
ଖୋଜିବାର ଅଭିପ୍ରାୟ ବି ରଖିନି ।

ଏତିକି ଜାଣିଚି, କେବେ ଆସିଥିଲା
ଆପଣାର ହୋଇ, ସାଥିରେ ଆଣିଥିଲା
ମୃଦୁ ମଳୟ, ନଈରେ ତରଙ୍ଗ
ବନାନୀରେ ସବୁଜ ରଙ୍ଗ
ଫୁଲ ଫୁଟୁ ନ ଥିବା ସମୟରେ
ଫୁଟେଇ ଥିଲା ପ୍ରୀତିର
କିଆରି କିଆରି ଫୁଲ
ମଧୁ ସମ୍ଭାଷଣ ରେ ବାନ୍ଧି ରଖିଥିଲା
ଚେତନାର ଚୌହଦୀ
କଳ୍ପନାର କାନଭାସରେ ଆଙ୍କିଥିଲା
ପ୍ରେମର ଯେଉଁ ନିଖୁଣ ଛବି
ତହିଁରେ ଭରିଥିଲା ନାହିଁ ନ ଥିବା
ଆକର୍ଷଣୀୟ ରଙ୍ଗ
ସମୟକୁ ଦେଇଥିଲା ଭିନ୍ନରୁପ ।

ତାପରେ ମନ ସହ ମନର ଦୁର୍ଘଟଣା
ଘଟିଗଲା ନାହିଁ ନ ଥିବା ଘଟଣା
ମିଛ ର ପ୍ରଲେପ ଦେଇ ସେମାନେ
ଭାଙ୍ଗି ଚାଲିଥିଲେ ଦୁଇ ସରଳ ମନ
ଘଟିଗଲା ବିଛେଦାତ୍ମକ ଦୃଶ୍ୟ
ବିୟୋଗାତ୍ମକ ନାଟକ ।

ସେ ଫେରିଗଲା ତା ବାଟରେ
ହେଲେ ମୁଁ ଫେରି ପାରିଲିନି
ମନ ଦେବାଟା ଯେତେ ସହଜ
ଫେରେଇ ନେବାଟା କଣ ସେତେ ସହଜ ?
ନା ଭଲପାଇବା ଓ ଭୁଲିଯିବା
ଦୁଇଟି ମଇଦାନରେ ହେଉଥିବା
ପେଣ୍ଡୁଖେଳ ଯେ ?

ମୁଁ ସେମିତି ବସିଥିଲି ସେଇଠି
ଯେଉଁଠାରୁ ସେ ସେଦିନ ଫେରି
ଯାଇଥିଲା
ଗୁଳି ଫୁଟୁ ଛାତି ପତେଇବି
ପ୍ରେମ ବରସିଲେ ଭିଜୁଥିବି
ହସେଇଲେ ଓଠରେ ସଜେଇବି
ହସମୁକୁତା
କନ୍ଦେଇଲେ ଦୁଇ ପାପୁଲିରେ
ସାଇତି ରଖିବି ଲୁହ ।

ସେମିତି କିଛି ବି ହେଲାନି
କିଛିଦିନର ନୀରବତା ପରେ
ମୁଁ ଦେଖିଲି ସେଇ ସୀମାରେ ଥିଲା
ଶୁଭେଛା ର ଫୁଲ,ପ୍ରେମର ଫୁଲ
ପାଖରେ ଥିଲା ମନ ଚିଠିଟିଏ
ମୁଁ ଆସିଛି । ସାଥିରେ ଆଣିଛି ଫଗୁଣ
ଫେରିଚାହାଁ ଥରେ
ଫେରିଚାହିଁଲା ପରେ ମୁଁ
ଆଉ ମୁଁ ହୋଇ ରହିପାରିଲିନି
ମତେ ବୋଧେ ଏବେ ସେ ଛୁଇଁଛି
ପ୍ରତିଶ୍ରୁତି ଦେଇଥିଲା ବୋଲି
ଫଗୁଣ ହୋଇ ଫେରିଛି ।

ଗଙ୍ଗନଗର, ଭୁବନେଶ୍ୱର
ମୋବାଇଲ୍: ୭୯୭୮୧୧୦୪୬୪



ପୁଷ୍ପଲତା ମିଶ୍ର

ସମୟର ଖେଳ

ଖୁସିରେ ମନ ନାଚି ଉଠୁ ଥାଏ, ଏହି ସମୟରେ ରମେଶ ବାବୁ ଦେଖିଲେ ସଲିଳାର ମୁହଁ ଶୁଖିଯାଇଛି। ରମେଶ ବାବୁ ବ୍ୟସ୍ତ ହେଇ କହିଲେ କଣ ହେଇଛିରେ ମା- ଭାଇର ଦେହ ଭଲହେଇ ଆସିଲାଣି ବୋଲି ଡାକ୍ତର କହି ଦେଇଗଲେ। ତୁ ଖୁସି ନହେଇ ଏମିତି ମନ ଦୁଃଖରେ କଣ ପାଇଁ ବସିଛୁରେ ମା। ନା ସେମିତି କିଛି ନାହିଁ, କଣ ହେଇଛି ବୋଲି ଝିଅ ସଲିଳାର ହାତକୁ ଧରି ପକେଇଲେ ରମେଶ ବାବୁ। ଦେଖିଲେ ଝିଅକୁ ଭୀଷଣ ଜର। ଚମକି ପଡ଼ିଲେ ରମେଶ ବାବୁ। ତୋତେ ଏତେ ଜର ମତେ କହିନୁ କାହିଁକିରେ ମା ଡାକ୍ତର ଆସନ୍ତୁ ତୋତେ ଡାକ୍ତରଙ୍କୁ ଦେଖେଇ ଔଷଧ ଦେଲେ ଭଲ ହେଇଯିବ। ଏହି ସମୟରେ ୱାଡ ବୁଲିବାକୁ ଆସିଥିଲେ ଡାକ୍ତର ବାବୁ। ତାଙ୍କୁ ଯାଇ ରମେଶ ବାବୁ କହିଲେ, ଝିଅକୁ ଟିକେ ଦେଖନ୍ତୁ ଆଜ୍ଞା।! ଡାକ୍ତର କହିଲେ ଆପଣଙ୍କ ଝିଅ ଅଧିକ ମାତ୍ରାରେ ରକ୍ତ ଦେଇ ଥିବାରୁ ସେ ଟିକେ ଦୁର୍ବଳ ହେଇପଡ଼ିଛନ୍ତି। ତାଙ୍କୁ ତ ମେଡ଼ିସିନ ଦିଆ ହେଇଛି ଖାଇଲେ ଠିକ୍ ହେଇଯିବ।

ସମୟର ଚକା ଭଉଁରୀ ଖେଳ ରେ ଏମିତି ପଡ଼ି ଯାଇଛି ରମେଶ ଯେ ତାର ସେ ଥଳ କୁଳ ପାଉନି କରିବ ବା କଣ ? ବାଇଶି ବର୍ଷର ଭେଣ୍ଡିଆ ପୁଅକୁ ହେଇଛି ବ୍ଲଡ କ୍ୟାନ୍ସର, ଝିଅ ବିବାହ ଯୋଗ୍ୟ। ସ୍ୱଳ୍ପ ବେତନରେ ଚଳିବା ସହ ରୋଗୀଣା ପୁଅର ଔଷଧ ଖର୍ଚ୍ଚ ରେ ଧନ୍ଧି ହେଇ ପଡ଼ିଛି ରମେଶ। ସ୍ତ୍ରୀ ର ଯାହା ସୁନା ଗହଣା ଥିଲା ସବୁ ଯାଇ ସାହୁକାର ଘରେ ବନ୍ଧା ପଡ଼ିଛି।ଝିଅ ହିଁ ବୁଝି ପାରେ ବାପା ଙ୍କ ର କଷ୍ଟ କୁ ବାପା ଙ୍କୁ ବୁଝିଛି ଝିଅ ସଲିଲା।! ସଲିଳା ଭଲ ପାଉଥିଲା ତନ୍ମୟ କୁ ନିଜ ଘର କଥା କହିବ କି ନ କହିବ ସେଇ ଚିନ୍ତା ରେ ଥାଏ ସଲିଳା କିନ୍ତୁ ତନ୍ମୟ ର ପରିବାର ବ୍ୟସ୍ତ ହେଇ ପଡ଼ୁଛନ୍ତି ତନ୍ମୟ ର ବିବାହ ପାଇଁ କାରଣ ତାଙ୍କ ବୁଢ଼ୀ ମାଆ ବାଧିକି ପଡିଛି ସେଥି ପାଇଁ ତନ୍ମୟ ର ବିବାହ ଜଲଦି କରିବେ ବୋଲି ଚାପ ପଡୁଛି କାରଣ ବୁଢ଼ୀ ମାଆ ର କିଛି ହେଇ ଗଲେ ଗୋଟିଏ ବର୍ଷକ ପାଇଁ ବିବାହ ହେଇପାରିବ ନାହିଁ ତେଣୁ ତନ୍ମୟ ସଲିଳା କୁ କହୁଥିଲା।ସଲିଳା ଦିନେ ତନ୍ମୟ କୁ ଡ଼ାକି କହିଲା ମୋ ଭାଇ ଦେହ ଭଲ ନ ହବା ପର୍ଯ୍ୟନ୍ତ ମୁଁ ବିବାହ କରି ପାରିବି ନାହିଁ। ତୁମେ ଯଦି ପାରୁଛ ଅନ୍ୟତ୍ର ବିବାହ କରି ପାର।ତନ୍ମୟ ସବୁ କଥା ବୁଝି ପାରି କହିଲା ତୁମେ ବ୍ୟସ୍ତ ହୁଅନା ସଲିଳା ମୁଁ ଏହାର କିଛି ଉପାୟ କରିବି। ଭଲ ପାଇ ଭୁଲି ଯିବା ପିଲା ମୁଁ ନୁହେଁ। ବାପା ମାଆ ଙ୍କୁ ବୁଝେଇ ଦେବି ତୋତେ ମୁଁ ଅପେକ୍ଷା କରିବି ଯେତେ ଜନ୍ମ ପର୍ଯ୍ୟନ୍ତ ମୋର ନ ହୋଇଛୁ।

ତଥାପି ମୋର ଜଣେ ସାଙ୍ଗ ବମ୍ବେ ଟା ଟା ମେଡିକାଲ ରେ ଡାକ୍ତର ଅଛି ,ମୁଁ ତାଙ୍କ ସହିତ ପରାମର୍ଶ କରିବି, ତୋ ଭାଇ ର ଚିକିତ୍ସା ପାଇଁ ଏଥିରେ ରାଜି ହୋଇଗଲା ସଲିଳା।ବାପା ଙ୍କ ସହିତ ପରାମର୍ଶ କଲା ସଲିଲା ,ରମେଶ ବାବୁ ପ୍ରଥମେ ରାଜି ହେଉ ନଥିଲେ ହାତ ରେ ଟଙ୍କା ନାହିଁ ବମ୍ବେ ଭଳି ସହର ର ମେଡିକାଲ ରେ କିଏ ମତେ ଟଙ୍କା ଦବ ମୁଁ ପୁଅ ର ଚିକିତ୍ସା କରିବି ?ଝିଅ ବୁଝେଇ ଦେଲା ବହୁତ ଭଲ ଲୋକ ଅଛନ୍ତି ବାପା କିଛି ଅସୁବିଧା ହବନି ବାପା ଟଙ୍କା କଥା ମୁଁ ବୁଝିବି ତୁମେ ଖାଲି ରାଜି ହବା ଦରକାର। ତନ୍ମୟ ବହୁତ ଭଲ ପିଲା ବାପା ସେ କହିଛନ୍ତି ମାନେ ସେ ମତେ ନିଶ୍ଚିନ୍ତ ସାହାଯ୍ୟ କରିବେ ବୋଲି ମୋର ବିଶ୍ୱାସ ଅଛି ତୁମେ ହିଁ କହିଲେ ଟିକେଟ କରିବା ଆଉ ବମ୍ବେ ଯିବାକୁ ବାହାରିବା ରାଜି ହୋଇଗଲେ ରମେଶ ବାବୁ।!

ତନ୍ମୟ, ସଲିଳାଙ୍କ ସହ ରମେଶ ବାବୁ ପୁଅ କୁ ଧରି ଚାଲିଲେ ମୁମ୍ବାଇ ଟା ଟା ମେଡିକାଲ କୁ .....। ମୁମ୍ବାଇରେ ପହଁଚି ଟାଟା ମେଡ଼ିକାଲ କୁ ଗଲେ। ମେଡ଼ିକାଲ କୁ ଦେଖି ଛାନିଆ ହୋଇଗଲେ ରମେଶ ବାବୁ ଏତେ ବଡ ମେଡିକାଲ କେତେ ଖର୍ଚ୍ଚ ହବ ହାତ ରେ ମାତ୍ର ଦଶ କି ପନ୍ଦର ହଜାର ଟଙ୍କା ତା ପୁଣି ଅଫିସ ରୁ ଆଗୁଆ ଆଣିଛି, ଜି ପି ଏଫ୍ ଟଙ୍କା ପାଇଁ ଦରଖାସ୍ତ କରି ଆସିଛି କେବେ ମିଳୁଛି ମିଳୁ, ଡାକ୍ତର ଦେଖେଇ ବେଡ ଜଏନ କରି ଚିକିତ୍ସା ଆରମ୍ଭ ହେଲା। ସବୁ କଥା ତନ୍ମୟ ବୁଝୁ ଥାଏ।ଟଙ୍କା କୋଉଠୁ ଆସୁଛି କିଛି ଜାଣି ପାରୁନଥାନ୍ତି ରମେଶ ବାବୁ। ଆଜିର ଦୁନିଆଁ ରେ ଏତେ ଭଲ ଲୋକ ଅଛନ୍ତି ଆମରି ଦେଶ ସତ ରେ ଭାରତ ମାତାର ଦେଶ, ଭଗବାନଙ୍କ ଦୟାରେ ଚିକିତ୍ସା ଚାଲିଛି। ସମୟ ର ଚକ୍ର ବ୍ୟୁହ ରେ ପଶି ଯାଇଛି ରମେଶ ବାବୁ। ପୁଅ ଦେହ ଟିକେ ଭଲ ହେଇ ଆସୁଥାଏ ଖୁସି ରେ ମନ ନାଚି ଉଠୁଥାଏ।ଯାହା ହଉ ଝିଅ ର ଅକ୍ଳାନ୍ତ ପରିଶ୍ରମ ଚେଷ୍ଟା ତା ବୁଦ୍ଧି ବିବେକ ବଳ ରେ ଆଜି ପୁଅ ଏ ମାରାତ୍ମକ ରୋଗ ରୁ ଭଲ ହେଇ ଆସୁଛି। ରମେଶ ବାବୁ ଘରକୁ ଖବର ଦେଇ କହିଲେ ପୁଅ ଦେହ ଭଲ ହେଇ ଆସିଲାଣି ତାର ବୋନମାରୁ ବଦଳା ହେଇଛି ,ବିପଦ ଆଉ ନାହିଁ ପ୍ରାୟ ଆମେ ଅଳ୍ପ ଦିନେ ଘରକୁ ଫେରି ଯିବୁ।

ଖୁସିରେ ମନ ନାଚି ଉଠୁ ଥାଏ ,ଏହି ସମୟ ରେ ରମେଶ ବାବୁ ଦେଖିଲେ ସଲିଳା ର ମୁହଁ ଶୁଖି ଯାଇଛି। ରମେଶ ବାବୁ ବ୍ୟସ୍ତ ହେଇ କହିଲେ କଣ ହେଇଛି ରେ ମା 'ଭାଇ ର ଦେହ ଭଲ ହେଇ ଆସିଲାଣି ବୋଲି ଡାକ୍ତର କହି ଦେଇଗଲେ। ତୁ ଖୁସି ନ ହେଇ ଏମିତି ମନ ଦୁଃଖରେ କଣ ପାଇଁ ବସିଛୁ ରେ ମା। ନା ସେମିତି କିଛି ନାହିଁ , କଣ ହେଇଛି ବୋଲି ଝିଅ ସଲିଳା ର ହାତ କୁ ଧରି ପକେଇଲେ ରମେଶ ବାବୁ ଦେଖିଲେ ଝିଅ କୁ ଭୀଷଣ ଜର। ଚମକି ପଡ଼ିଲେ ରମେଶ ବାବୁ।ତୋତେ ଏତେ ଜର ମତେ କହିନୁ କାହିଁକି ରେ ମା ଡାକ୍ତର ଆସନ୍ତୁ ତୋତେ ଡାକ୍ତର ଙ୍କୁ ଦେଖେଇ ଔଷଧ ଦେଲେ ଭଲ ହେଇଯିବ ଏହି ସମୟରେ ୱାଡ ବୁଲିବାକୁ ଆସିଥିଲେ ଡାକ୍ତର ବାବୁ ,ତାଙ୍କୁ ଯାଇ ରମେଶ ବାବୁ କହିଲେ ଝିଅ କୁ ଟିକେ ଦେଖନ୍ତୁ ଆଜ୍ଞା।! ଡାକ୍ତର କହିଲେ ଆପଣ ଙ୍କ ଝିଅ ଅଧିକ ମାତ୍ରା ରେ ରକ୍ତ ଦେଇ ଥିବାରୁ ସେ ଟିକେ ଦୁର୍ବଳ ହେଇ ପଡ଼ିଛନ୍ତି। ତାଙ୍କୁ ତ ମେଡ଼ିସିନ ଦିଆ ହେଇଛି ଖାଇଲେ ଠିକ୍ ହେଇଯିବ। ତଥାପି ଆଉ କିଛି ଟେଷ୍ଟ ପାଇଁ ଲେଖି ଦଉଛି ,ଟେଷ୍ଟ କରି କି ଆଣ ଦେଖିବା ଆଗ ରିପୋର୍ଟ ଏ ସବୁ ରିପୋର୍ଟ ଦେଖିଲେ ସବୁ ଜଣା ପଡ଼ିବ। ରମେଶ ବାବୁ ବ୍ୟସ୍ତ ହୋଇପଡ଼ି କହିଲେ ମା ରେ ତୋ ଦେହ ଏତେ ଖରାପ ହେଲା ମତେ ଜଣେଇଲୁ ନାହିଁ। ନାଇ ବାପା ମୋର କିଛି ହେଇନି ମୁଁ ଠିକ୍ ଅଛି ତନ୍ମୟ ଆସନ୍ତୁ ସବୁ ଟେଷ୍ଟ କରିବି।ଡାକ୍ତର ଦେଖି ଔଷଧ ଦେଲେ ଭଲ ହେଇ ଯିବନି। ତୁମେ ବାପା ଖାଲି ଟା ରେ ବ୍ୟସ୍ତ ହଉଛ ମୁଁ ଠିକ୍ ଅଛି ବାପା।ତନ୍ମୟ ଆସି ପହଁଚି ସବୁ ଶୁଣି ସଲିଳା କୁ ନେଇ ଟେଷ୍ଟ କରେଇ ଦେଲେ,ଦୁଇଦିନ ପରେ ଆସିବ ରିପୋର୍ଟ। ରିପୋର୍ଟ କୁ ଅପେକ୍ଷା କରିଛନ୍ତି ରମେଶ ବାବୁ ହେ ଭଗବାନ,ମୋ ଜୀବନ ରେ ଏତେ ଦୁଃଖ ଲେଖିଛୁ। ଦୁଃଖ ଯେତେବେଳେ ଆସେ ଭାଇ ବନ୍ଧୁ କୁଟୁମ୍ବ ଙ୍କୁ ଆଣି ଆସେ। ରିପୋର୍ଟ ଆଣି ଆସିଲେ ତନ୍ମୟ। ସଲିଳା ଆସ ତୁମର ବ୍ଲଡ଼ ଇନ୍ଫେକ୍ସନ୍ ହେଇଛି ଡାକ୍ତର ଙ୍କ ପାଖକୁ ଯିବା।ପାଖ ମେଡିକାଲ ରୁମ୍ ରେ ଜଏନ ହେଇଛି ସଲିଳା।ଏମିତି ସମୟ ର ଦୋ ଛକି ରେ ଠିଆ ହେଇଛନ୍ତି ଯେ ପୁଅ କୁ ଛାଡି ଝିଅ ପାଖକୁ ଯାଇପାରୁ ନାହାନ୍ତି। ନିଃଶ୍ୱାସ ନେଇ ପାରୁ ନ ଥାଏ ଝିଅ ସଲିଳା , ଆଇ ସି ୟୁ ରେ ଥାଏ ସଲିଳା ଅମ୍ଳଜାନ କମି ଯାଉଥାଏ ,ବ୍ୟସ୍ତ ହେଇ ପଡୁ ଥାଏ ତନ୍ମୟ।ଶେଷ ରେ ଡାକ୍ତର ହାରି ଗଲେ ତନ୍ମୟ କୁ କେବିନ୍ ଡାକି କହିଲେ ସଲିଳା ଆଉ ବଞ୍ଚିବା ସମ୍ଭବ ନୁହେଁ ଏତେ ମାତ୍ରା ରେ ଅକ୍ସିଜେନ୍ କମୁଛି ସେତିକି ମାତ୍ରାରେ ଅକ୍ସିଜେନ ସେ ନେଇ ପାରୁନାହାନ୍ତି। ମୁଁ ଆମେରିକା ରୁ ଜଣେ ଭଲ ଡାକ୍ତର ଙ୍କୁ ଡକେଇଛି ସେ ଯଦି ଆସି ଯାଆନ୍ତି ତେବେ ଭାବୁଛି ସେ କିଛି କରି ପାରନ୍ତେ।ସେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତନ୍ମୟ ଦୁଃଖ ରେ କହିଲେ ପ୍ଲିଜ୍ ଡାକ୍ତର ବାବୁ ଯାହା ପଡ଼ିବ ଆମେ ଦବୁ ଆପଣ ତାଙ୍କୁ ଯେମିତି ହେଲେ ବି ଆଣନ୍ତୁ ନ ହେଲେ ସାର ମୁଁ ଦୋଷୀ ହେଇ ଯିବି। ମୁଁ ତାକୁ ବହୁତ ଭଲ ପାଏ ସାର, ତା ଭାଇ କୁ ଭଲ କରିବାକୁ ଆସି ତାର ଏଭଳି ଅବସ୍ଥା ମୁଁ କଣ କରିବି ସାର ମୋ ମୁଣ୍ଡ କିଛି କାମ କରୁନି ,ଏମିତି କାହିଁକି ହେଲା ସାର।!ଧର୍ଯ୍ୟ ଧରନ୍ତୁ ତନ୍ମୟ ବାବୁ ଏଭଳି ରୋଗ ପ୍ରାୟ ଶହେ ରେ ଜଣ ଙ୍କୁ ହୁଏ ,ଆଗରୁ ସେ ରୋଗ ର ଲକ୍ଷଣ କିଛି ଜଣା ପଡେନା ଯେତେବେଳେ ଜଣା ପଡେ ଶେଷ

ସାଂସଦ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର, ୧୬।୩ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ହୋଲି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଘଟଣାରେ ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କାଳିଆ ପ୍ରଧାନ(୨୨) ଏବଂ ରବୀନ୍ଦ୍ର ପ୍ରଧାନ(୨୩)। ସୂଚନା ପ୍ରକାରେ, ହୋଲି ଖେଳକୁ ନେଇ ଗଞ୍ଜାମ ଜିଲ୍ଲା ବଡ଼ଗୋବିନ୍ଦପୁର ଗାଁର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଯେଉଁଥିରେ ପୂର୍ବତନ ସରପଞ୍ଚ ତଥା ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି କେ.ହରିବନ୍ଧୁ ରେଡ୍ଡୀଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଚିକିଟି ମେଡିକାଲରେ ଭର୍ତ୍ତି କରାଯାଇଥିଲା, ହେଲେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣାରେ ବର୍ତ୍ତମାନ ବି ତଦନ୍ତ ଜାରି ରହିଥିବା କେ. ନୂଆଁ ଗାଁ ଥାନା ପୁଲିସ୍ ସୂଚନା ଦେଇଛି।

୭୭ ଲକ୍ଷ ଟଙ୍କାର ଚାଉଳ ଠକେଇ ମାମଲା
ଆନ୍ଧ୍ରରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୩(ସଂଚାର ବ୍ୟୁରୋ): ଜନୈକ ମିଲରଙ୍କଠାରୁ ୭୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଚାଉଳ କିଣି ଏ ବାବଦରେ ଟଙ୍କା ଦେଇନଥିବା ଜନୈକ ବ୍ୟକ୍ତିଙ୍କୁ ଆଜି ପୁଲିସ୍ ଗିରଫ କରିଛି। ଠକେଇ ଅଭିଯୋଗରେ ଆନ୍ଧ୍ରପ୍ରଦେଶର ଉକ୍ତ ବ୍ୟକ୍ତିଙ୍କୁ ଗୋଳନ୍ଥରା ପୁଲିସ ଗିରଫ କରିଥିବା ବେଳେ ସେ ଆନ୍ଧ୍ର ପ୍ରଦେଶ ତାନୁକୁ ଗାଁର ଇନ୍ଦୁକୁରି ମହେନ୍ଦ୍ର ବର୍ମା ବୋଲି ଜଣାପଡ଼ିଛି। ପିତାତଳିର ମା' ଅନ୍ନପୂର୍ଣ୍ଣା ଚାଉଳ ମିଲ ମାଲିକ ସାଦୀ ଲିଜିୟାଙ୍କଠାରୁ ୭୭ ଲକ୍ଷ ଟଙ୍କାର ଚାଉଳ କିଣି ଅଭିଯୁକ୍ତ ଜଣଙ୍କ ଟଙ୍କା ଦେଇ ନ ଥିଲେ।

ଶ୍ରୀ ଲିଜିୟାଙ୍କ ଅଭିଯୋଗ ଅନୁଯାୟୀ, ୫ ବର୍ଷ ତଳେ ଆନ୍ଧ୍ରପ୍ରଦେଶ ତାନୁକୁ ଗାଁର ଇନ୍ଦୁକୁରି ମହେନ୍ଦ୍ର ବର୍ମା ଓ ନୂନା ରାଜୁ ପିତାତଳିସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଆସି ସବୁବେଳେ ତାଙ୍କଠାରୁ ଚାଉଳ କିଣିବେ ବୋଲି କହିଥିଲେ। ଏପରି ଅଧିକାଂଶ ସମୟରେ ଚାଉଳ କିଣିବା ସହ ସେ ବାବଦ ଟଙ୍କା ମଧ୍ୟ ସେମାନେ ପୈଠ କରିଥିଲେ। ଏହାପରେ ସେ ୭୭ ଲକ୍ଷ ୨୬ ହଜାର ୩୯୮ ଟଙ୍କାର ଚାଉଳ କିଣିଥିଲେ। ଟଙ୍କା ପରବର୍ତ୍ତୀ ସମୟରେ ଦେବେ ବୋଲି ସେ ମିଲ ମାଲିକଙ୍କୁ କହିଥିଲେ। କିନ୍ତୁ ସେ ଆଉ ଟଙ୍କା ନ ଦେବାରୁ ଉଭୟ ପକ୍ଷ ଏନେଇ ଆଲୋଚନା କରିଥିଲେ। ଏଥିରେ ମହେନ୍ଦ୍ର ନିର୍ଦ୍ଧାରିତ ତାରିଖରେ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ ଉକ୍ତ ତାରିଖରେ ଟଙ୍କା ଦେଇ ନ ଥିଲେ। ତେଣୁ ବାଧ୍ୟ ହୋଇ ଶ୍ରୀ ଲିଜିୟା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରି ଇନ୍ଦୁକୁରି ମହେନ୍ଦ୍ର ବର୍ମାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଜି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

ଚକୋଲେଟ୍ ଦେଇ ଶିଶୁ ଅପହରଣ

ବଡ଼ମ୍ବା, ୧୬।୩(ସଂଚାର ବ୍ୟୁରୋ): ଚକୋଲେଟ ଦେଇ ଶିଶୁ ଅପହରଣ କରାଯାଇଥିବା ଘଟଣାକୁ ନେଇ ବଡ଼ମ୍ବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ ଅପହରଣ ଶିଶୁଟି ରବିବାର ବଡ଼ମ୍ବା ଅଞ୍ଚଳରୁ ଉଦ୍ଧାର ହୋଇଥିବା ପ୍ରକାଶ ପାଇଛି। ଶିଶୁଟିର ଘର ଖୋର୍ଦ୍ଧା ଅଞ୍ଚଳର କେଶବ ବେହେରାଙ୍କର ପୁଅ ଚନ୍ଦନ ବେହେରା (୫)ବୋଲି ଜଣାପଡ଼ିଛି। କିଛି ଦୁର୍ବୃତ୍ତ ଶିଶୁଟିକୁ ଚକୋଲେଟ ଦେବେ କହି ଅପହରଣ କରି ଆଣିଥିବା ଶିଶୁଟି ସୂଚନା ଦେଇଛି। ତେବେ ଶିଶୁଟିକୁ ଦୁର୍ବୃତ୍ତମାନେ କେଉଁ ସ୍ଥାନରୁ ଅପହରଣ କରିଛନ୍ତି ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ମାତ୍ର ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପୀନାପୁର ଗ୍ରାମ ନିକଟରେ ଶିଶୁଟିକୁ ଛାଡ଼ି ଦୁର୍ବୃତ୍ତମାନେ ପଳାଇ ଯାଇଥିବା ଅନୁମାନ କରାଯାଉଛି। ରବିବାର ସକାଳ ସ୍ଥାନୀୟ ଲୋକେ ଦେଖି ତାକୁ ପଚରାଉଚରା କରି ବଡ଼ମ୍ବା ଥାନା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁକୁ ଉଦ୍ଧାର କରି ବଡ଼ମ୍ବା ଥାନାରେ ରଖିଥିବା ପ୍ରକାଶ ପାଇଛି। କିଏ କାହିଁକି ଓ କେଉଁଠାରୁ ଶିଶୁଟିକୁ ଅପହରଣ କରାଯାଇଛି ତାହା ପ୍ରଶ୍ନବାଚୀ ହୋଇଛି।

ରାଜଧାନୀରେ ପୁଣି ଆମ ବସ୍ ଆତଙ୍କ
ଅଟୋକୁ ଧକ୍କା ଦେଲା, ଡ୍ରାଇଭର ଅଟକ

ଭୁବନେଶ୍ୱର, ୧୬।୩(ସଂଚାର ବ୍ୟୁରୋ): ରାଜଧାନୀରେ ଆମ ବସ୍ ଆତଙ୍କ ପୁଣିଥରେ ଦେଖିବାକୁ ମିଳିଛି। ଭୁବନେଶ୍ୱର ନୟାପଲ୍ଲୀରେ ପୁଣି ମୋ ବସ୍ ଦୁର୍ଘଟଣା । ମୋ ବସ୍ ଓ ଅଟୋ ମଧ୍ୟରେ ଦୁର୍ଘଟଣା ଘଟିଛି । ଆହତ ଅଟୋ ଡ୍ରାଇଭରକୁ ମେଡିକାଲରେ ଭର୍ତ୍ତି କରାଯାଇଛି । ମୋ ବସ୍ ଡ୍ରାଇଭରଙ୍କୁ ଅଟକ ରଖିଛି ପୋଲିସ । ବାରମ୍ବାର ଭୁବନେଶ୍ୱରରେ ଘଟୁଛି ମୋ ବସ୍ ଦୁର୍ଘଟଣା ।

ଆଜିକାଲିର 'ମୋ ବସ୍' ଦୁର୍ଘଟଣା ଦେଖିଲେ ଲାଗୁଛି ସତେ ଯେମିତି 'ମୋ ବସ୍' ପଣ କରିଛି ଲୋକଙ୍କ ଜୀବନ ନେବା ପାଇଁ । ଦିନ କେଇଟା ଭିତରେ କେଉଁ ବାପା ମା କୋଳରୁ ଝିଅ ନେଲାଣି ତ କାହାର ଗୋଡ଼ ହାତ । ସେଦିନ ପାତ୍ରପଡା ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ନେବାର କେଇଟା ଦିନ ନପୂରୁଣୁ ପୁଣି ମାଷ୍ଟର କ୍ୟାଣ୍ଟିନ ନିକଟରେ ଦୁଇ ଜଣକୁ ଧକ୍କା ଦେଇଥିଲା 'ମୋ ବସ୍' । ଅମାନିଆ 'ମୋ ବସ୍' । ସ୍ପିଡ୍ ଉପରେ ନାହିଁ ନିୟନ୍ତ୍ରଣ । କେତେବେଳେ କାର୍‌କୁ ଧକ୍କା ଦେଉଛି ତ ଆଉ କେତେବେଳେ କାହା ଉପରେ ମାଡି ଯାଉଛି ।

ଲଗାତାର କିଛି ଦିନ ହେବ ରାଜଧାନୀରେ ଏକପ୍ରକାର ଆତଙ୍କ ରଚୁଛି 'ମୋ ବସ୍' । ଆଉ ଏହାରି ଭିତରେ ପୁଣିଥରେ 'ମୋ ବସ୍' ଧକ୍କା । ଭୁବନେଶ୍ୱରରେ ଥିବା ମାଷ୍ଟର କ୍ୟାଣ୍ଟିନ ଛକଠାରେ ଘଟିଛି ଏଭଳି ଏକ ଘଟଣା। ପୁରୀର ରଞ୍ଜିତ ବେହେରା ଓ ତାଙ୍କ ପରିବାର ସମେତ ଜଣେ ରାଜମିସ୍ତ୍ରୀ ହୃଦାନନ୍ଦ ମହାନ୍ତି ମାଷ୍ଟର କ୍ୟାଣ୍ଟିନ ରେଲୱେ ଷ୍ଟେସନ ବସ ଷ୍ଟପରେ ଠିଆ ହୋଇଥିଲେ । ରଞ୍ଜିତ ଓ ହୃଦାନନ୍ଦ ପୁରୀ ଯାଇଥିଲେ । ପୁରୀରୁ ଭୁବନେଶ୍ୱରରେ ପହଞ୍ଚିବା ପରେ ମାଷ୍ଟର କ୍ୟାଣ୍ଟିନ ଛକରେ ନିଜ ଘରକୁ ଯିବା ପାଇଁ ଅଟୋକୁ ଅପେକ୍ଷା କରିଥିବା ବେଳେ ଧକ୍କା ଦେଇଥିଲା । ଉଭୟ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ ।

ରମାକାନ୍ତଙ୍କ ବିୟୋଗରେ ବାଚସ୍ପତି, କ୍ରୀଡ଼ାମନ୍ତ୍ରୀ ଓ ପିସିସି ସଭାପତିଙ୍କ ଶୋକ



ଭୁବନେଶ୍ୱର, ୧୬।୩(ସଂଚାର ବ୍ୟୁରୋ): ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କର ଆଜି ୯୧ ବର୍ଷ ବୟସରେ ପରଲୋକ ଘଟିଥିବା ବେଳେ ଏନେଇ ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଏକ ଶୋକ ବାର୍ତ୍ତାରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଓଡ଼ିଆ ସାହିତ୍ୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ସ୍ୱର୍ଗତଃ ରଥଙ୍କ ଭୂମିକା ତାଙ୍କୁ ଚିରଦିନ ପାଇଁ ସ୍ମରଣୀୟ କରି ରଖିବ। ଜଣେ ପ୍ରଶାସନିକ ଅଧିକାରୀ ଭାବେ ବିଭିନ୍ନ ଦାୟିତ୍ୱରେ ରହି ଓ ମୁଖ୍ୟ ଶାସନ ସଚିବ ଭାବେ ରାଜ୍ୟର ଉନ୍ନତି ତଥା ବିକାଶରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିବା ସହ ଶ୍ରୀ ରଥଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

ସେହିପରି ଶ୍ରୀ ସୂରଜ 'ଏକ୍ସ'ରେ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଆ ସାହିତ୍ୟର ଜଣେ ଆଧୁନିକ କବି ଭାବେ ଶ୍ରୀ ରଥ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ରଚିତ କବିତା ସଂକଳନଗୁଡ଼ିକ ଉଲ୍ଲେଖନୀୟ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ଲେଖାରେ ଆଧ୍ୟାତ୍ମିକ ଓ ଆଦିଭୌତିକ କଳ୍ପନାର ବ୍ୟବହାର ଦେଖିବାକୁ ମିଳିଥାଏ। ସାହିତ୍ୟ ଜଗତର ଏଭଳି ଜଣେ ମହାମନୀଷିଙ୍କ ପରଲୋକ ନିଶ୍ଚିତ ଭାବେ ସାହିତ୍ୟ ଜଗତ ପ୍ରତି ବଡ଼ ଧକ୍କା ବୋଲି ଉଲ୍ଲେଖ କରିବା ସହ ଶ୍ରୀ ସୂରଜ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ପିସିସି ସଭାପତି ଶ୍ରୀ ଦାସ ମଧ୍ୟ ଶ୍ରୀ ରଥଙ୍କ ବିୟୋଗ ଓଡ଼ିଶା ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

ସାପକୁ କଚାଡି ମାରିଲେ, ପରେ ସାଙ୍ଗରେ ନେଇ ପହଁଚିଲେ ମେଡିକାଲ

ଉଦଳା, ୧୬।୩(ସଂଚାର ବ୍ୟୁରୋ): ସାପକୁ କଚାଡି ମାରିଲେ ଆଉ ସାପକୁ ନେଇ ସାଙ୍ଗରେ ପହଁଚିଲେ ମେଡିକାଲ। ଯୁବକଙ୍କୁ କାମୁଡ଼ିଲା ନାଗ ସାପ। ୩ ରୁ ୪ ଜାଗା କାମୁଡା ଖାଇ ସାରିବା ପରେ ଉତ୍ୟକ୍ତ ହୋଇ ସାପକୁ କଚାଡି ମାରିଲେ ଆଉ ମୃତ ସାପକୁ ସାଙ୍ଗରେ ଧରି ମେଡିକାଲରେ ପହଁଚିଲେ ଯୁବକ। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଉଦଳା ମେଡିକାଲରେ। ଉଦଳା ଥାନା ନାଗପାଳ ଗ୍ରାମର ଅଜିତ କର୍ମକାର ସାରେ ଘର ପାଖରେ ଦୁଇଟି ସାପ ଖେଳୁଥିବା ଦେଖିଥିଲେ। ଗୋଟିଏ ସାପକୁ ସେ ଯାଇ ଧରିଥିଲେ, ଧରିଥିବା ସାପଟି ତାଙ୍କୁ ୩ରୁ ୪ ଥର କାମୁଡିଥିଲା। ଏହା ପରେ ଅଜିତ ଉକ୍ତ ନାଗ ସାପକୁ ସେଠାରେ କଚାଡି ମାରିଥିଲେ ଏବଂ ମାରିଥିବା ସାପକୁ ସାଙ୍ଗରେ ଧରି ପହଞ୍ଚିଥିଲେ ଉଦଳା ମେଡିକାଲରେ। ଯାହାକୁ ଦେଖି ମେଡିକାଲ ଲୋକେ କାବା। ତେବେ ସାପକୁ ଚିହ୍ନଟ କରି ତୁରନ୍ତ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲେ ସୁଦ୍ଧା ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ବାରିପଦା ସ୍ଥାନାନ୍ତର କରି ଦିଆଯାଇଛି। ଏଭଳି ଘଟଣାକୁ ନେଇ କିଛି ସମୟ ପାଇଁ ଉଦଳା ମେଡିକାଲରେ ଚାଞ୍ଚଲ୍ୟ ଖେଳିଯାଇଥିଲା।

ଲକ୍ଷେଶ୍ୱର ବ୍ୟାନର୍‌ର ନୂଆ ଚଳଚ୍ଚିତ୍ର 'ଚକ୍ରାନ୍ତ'

ଭୁବନେଶ୍ୱର, ୧୬।୩(ସଂଚାର ବ୍ୟୁରୋ): ଲକ୍ଷେଶ୍ୱର ପ୍ରଡକ୍ସନ୍ ବ୍ୟାନରରେ ନୂଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ଆଜି ଟାଇଟଲ୍ ଓ ଷ୍ଟାର୍‌କାଷ୍ଟ୍ ଘୋଷଣା କରାଯାଇଛି। ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ୍ ଘୋଷଣା ଉତ୍ସବ ଏଠାକାର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଛି। ଏଥିସହ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଥିବା ଅଭିନେତା ଓ ଅଭିନେତ୍ରୀଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ଅଭିଜ୍ଞତାସମ୍ପନ୍ନ ନିର୍ଦ୍ଦେଶକ ପିନୁ ନାୟକ ତୁଲାଇବାକୁ ଥିବା ବେଳେ କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ। ସେହିପରି ଜିତେନ୍ଦ୍ର କୁମାର ବରାଳ ସଂଳାପ ରଚନା କରିଥିବା ବେଳେ ଗୀତ ଲେଖିଛନ୍ତି ଡଃ ନିର୍ମଳ ନାୟକ ଓ ଡଃ ରଘୁନାଥ ସାହୁ। ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ଅଭିଜିତ ମଜୁମଦାରଙ୍କୁ ପ୍ରଦାନ କରାଯାଇଛି। ତା'ଛଡ଼ା ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଥିବା ବେଳେ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅମିତ ନାୟକ ଓ କବୀର।

ଏହି ଚଳଚ୍ଚିତ୍ରରେ ଶୁଭାଶିଷ ଶର୍ମା (ମଣ୍ଟୁ)ଙ୍କୁ ନାୟକ ଭୂମିକା ଦିଆଯାଇଛି। ତାଙ୍କ ବିପକ୍ଷରେ ନାୟିକା ଭାବେ ଭୂମିକା ଦାଶ ରହିଛନ୍ତି। ଅନ୍ୟ ଭୂମିକାଗୁଡ଼ିକରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭୀ, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର ଏବଂ କ୍ରିଷ୍ଟାରାଣୀ ଦାଶ ପ୍ରମୁଖ ଅଭିନୟ କରିବେ ବୋଲି ସୂଚନା ଦିଆଯାଇଛି। ଚଳଚ୍ଚିତ୍ରର କାହାଣୀଟି ସାମ୍ପ୍ରତିକ ସମୟରେ ବାହାରକୁ ପାଠ ପଢ଼ିବା ସକାଶେ ଯାଉଥିବା ପିଲାମାନେ କିପରି କୁସଙ୍ଗରେ ପଡ଼ି ପଥଭ୍ରଷ୍ଟ ହେଉଛନ୍ତି, ତା' ଉପରେ ପର୍ଯ୍ୟବସିତ। ଏହା ସାମ୍ପ୍ରତିକ ସମୟର ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହି ବିଷୟବସ୍ତୁ ନିଶ୍ଚିତ ଭାବେ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି।

ବ୍ୟବସାୟୀଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ପ୍ରକାଶ ଗିରଫ

କଟକ, ୧୬।୩(ସଂଚାର ବ୍ୟୁରୋ): କଟକ ବୟାଳିଶମୌଜା ଶ୍ରୀକୃଷ୍ଣ ବିହାରରେ ବ୍ୟବସାୟୀ ବିକାଶ ମହାନ୍ତିଙ୍କୁ ଗୁଳି କରି ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିସହ ଆଜି ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ପ୍ରକାଶ ସୂତାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିଶନରେଟ୍ ପୁଲିସ। କ୍ୟାରମ ଖେଳ ସମୟରେ ହୋଇଥିବା ଗଣ୍ଡଗୋଳ ଯୋଗୁଁ ବିକାଶଙ୍କୁ ପ୍ରକାଶ ହତ୍ୟା କରିଥିବା ଡିସିପି ଜଗମୋହନ ମିନା କହିଛନ୍ତି।

ସେ ଦେଇଥିବା ସୂଚନାନୁସାରେ, ଗତକାଲି ବେଶ୍ ଧୂମ୍‌ଧାମରେ ହୋଲି ପର୍ବ ପାଳନ ହେଉଥିଲା। ସମସ୍ତେ ହୋଲି ରଙ୍ଗରେ ଓ ନିଜ ନିଜ ମଧ୍ୟରେ ଖୁସି ମନାଇବାରେ ବ୍ୟସ୍ତ ଥିବା ବେଳେ ଅପରାହ୍ନରେ କଟକ ସହର ଉପକଣ୍ଠ ବୟାଳିଶ ମୌଜା ଶ୍ରୀକୃଷ୍ଣ ବିହାର ଅଞ୍ଚଳରେ ଥିବା ଏକ ଘରେ ଅଚାନକ ଗୁଳି ଫୁଟିଥିଲା। ଏହି ଗୁଳିରେ ଟଳିପଡ଼ିଥିଲେ ଜଗତସିଂହପୁର ଅଞ୍ଚଳର ୩୭ ବର୍ଷୀୟ ଯୁବକ ବିକାଶ। ବିକାଶ ପେସାରେ ଜଣେ ମୋଟର ପାର୍ଟସ୍ ବ୍ୟବସାୟୀ ଥିବା ବେଳେ ଗତକାଲି ସାଙ୍ଗମାନଙ୍କ ସହ ଭୋଜି ଖାଇବା ପାଇଁ ଶ୍ରୀକୃଷ୍ଣ ବିହାର ଯାଇଥିଲେ। ହେଲେ ସେଠାରେ ସାଙ୍ଗମାନଙ୍କ ମଧ୍ୟରେ ଗଣ୍ଡଗୋଳ କାରଣରୁ କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରକାଶ ଗୁଳି କରି ବିକାଶଙ୍କୁ ହତ୍ୟା କରିଥିଲେ।

ଏହାପରେ ବୟାଳିଶ ମୌଜା ଥାନା ପୁଲିସ, କଟକ ଡିସିପି ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ଏହି ସମୟରେ ସେଠାରେ ହତ୍ୟା ଅଭିଯୁକ୍ତ ପ୍ରକାଶକୁ ମଧ୍ୟ ପୁଲିସ୍ ଉଠାଇ ନେଇଥିଲା। ଆଜି କଟକ ଏସସିବିରେ ମୃତକ ବିକାଶଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିକାଶ ବିବାହିତ ଥିଲେ ଓ ତାଙ୍କର ୪ ବର୍ଷର ଏକ ପୁଅ ଅଛି।

ଶ୍ରୀମନ୍ଦିରରେ ସେବାୟତ ଜାଳିଲେ ମହମବତୀ

ପୁରୀ, ୧୬।୪(ସଂଚାର ବ୍ୟୁରୋ): ପବିତ୍ର ଫାଲ୍‌ଗୁନ ମାସ ଦୋଳ ପୂର୍ଣ୍ଣିମା ଅବସରରେ ପୁରୀରେ ଚାଲିଛି ଦୋଳ ମହୋତ୍ସବ। ସାହି ସାହି ବୁଲିଛନ୍ତି ରାଧାଗୋବିନ୍ଦ। ଏହି ପରିପ୍ରେକ୍ଷୀରେ ପୁରୀରେ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ। ବର୍ତ୍ତମାନ ଶ୍ରୀମନ୍ଦିରରୁ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଶ୍ରୀମନ୍ଦିର ସମ୍ମୁଖ ଅରୁଣସ୍ତମ୍ଭ ନିକଟରେ ଜଣେ ସେବାୟତ ମହମବତୀ ଜାଳିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଯୋଗ୍ୟ, ଜଣେ ମାନସିକଧାର ୫ଫୁଟ ଉଚ୍ଚର ହମବତୀ ଜାଳିବାକୁ ଜଣେ ସେବାୟତଙ୍କୁ ଦେଇଥିଲେ। ସେବାୟତ ଜଣକ ଅରୁଣସ୍ତମ୍ଭ ନିକଟରେ ଜଳୁଥିବା ଦୀପରୁ ମହମବତୀରେ ଅଗ୍ନି ସଂଯୋଗ କରିଥିଲେ। ପରେ ମହମବତୀକୁ ଅରୁଣସ୍ତମ୍ଭ ସମ୍ମୁଖରେ ଥୋଇଥିଲେ। ବର୍ତ୍ତମାନ ଏହି ଭିଡ଼ିଓ ଭାଇରାଲ ହେବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଦୁର୍ଘଟଣାଗ୍ରସ୍ତ ଗାଡିରୁ ବୋହିନେଲେ ଅଙ୍ଗୁର

ଯାଜପୁର, ୧୬।୩(ସଂଚାର ବ୍ୟୁରୋ): ଯାଜପୁର କୁଆଖିଆ ନିକଟରେ ରବିବାର ସକାଳୁ ସକାଳୁ ଘଟିଛି ଏକ ସଡ଼କ ଦୁର୍ଘଟଣା। ଏକ ଅଙ୍ଗୁର ବୋଝେଇ ଗାଡିକୁ ପିଟିଲା ଆଉ ଏକ ଟ୍ରକ। ଦୁର୍ଘଟଣାରେ ଅଙ୍ଗୁର ବୋଝେଇ ଟ୍ରକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ରାସ୍ତା ସାରା ବିଛାଡ଼ି ହୋଇ ପଡିଛି ଅଙ୍ଗୁର।

ଏଭଳିସ୍ଥିତିରେ ରାସ୍ତାରେ ଯାଉଥିବା ଲୋକେ ଦୁର୍ଘଟଣାସ୍ଥଳରେ ଅଟକି ରାସ୍ତାରେ ବିଛାଡି ହୋଇ ପଡିଥିବା ଅଙ୍ଗୁରଗୁଡ଼ିକୁ ଯିଏ ଯେତେ ପାରିଲେ ରାସ୍ତାରେ ପଡିଥିବା ଅଙ୍ଗୁର ଗୋଟାଇ ବୋହି ନେଉଥିବା ଦେଖିବାକୁ ମିଳିଛି।

ଅନ୍ୟପକ୍ଷେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଦ୍ୱୟକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ମାର୍ଚ୍ଚ ୩୧ ପରେ ଧାନକିଣା ବନ୍ଦ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୬।୩(ସଂଚାର ବ୍ୟୁରୋ): ରାଜ୍ୟରେ ଖରିଫ ଧାନ କିଣା ସମ୍ପର୍କରେ ରବିବାର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏକ ବଡ଼ ଘୋଷଣା କରିଛନ୍ତି। ଖରିଫ ଧାନ କିଣା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଏହାପରେ ଆଉ କୌଣସି ଧାନ କିଣାଯିବନି ବୋଲି ମନ୍ତ୍ରୀ କହିଛନ୍ତି। ସେ ଦେଇଥିବା ସୂଚନାନୁସାରେ, ରାଜ୍ୟ ସରକାର ୭୬ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏହା ପାଖାପାଖି ଧାନ କିଣାସରିଥିବା ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ରବି ସିଜିନ ଧାନ କିଣା ପାଇଁ ସରକାର ଯୋଜନା କରୁଛନ୍ତି। ଖୁବଶୀଘ୍ର ରବି ଧାନକିଣା ସମ୍ପର୍କରେ ସରକାର ସବିଶେଷ ତଥ୍ୟ ଜାରି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

ହୀନସ୍ତା ହେଉଛନ୍ତି ବିଏସଏନଏଲ୍ ଗ୍ରାହକ

ଭୁବନେଶ୍ୱର, ୧୬।୩: ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନଏଲ୍)ର ଗ୍ରାହକମାନେ ଏବେ ହନ୍ତସନ୍ତ । ଗାଁରୁ ସହର ପର୍ଯ୍ୟନ୍ତ ବିଏସଏନଏଲ୍ ଗ୍ରାହକମାନେ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ କାଟ୍ ହେଲେ ଇଣ୍ଟରନେଟ୍ ସିଗ୍ନାଲ ପାଉନାହାନ୍ତି । ଏ ସଂକ୍ରାନ୍ତରେ ଅଭିଯୋଗକଲେ ମଧ୍ୟ ଫଳ ଶୂନ ।

ବିଏସଏନଏଲ୍ କର୍ତ୍ତୃପକ୍ଷ ନିଜର ଟାୱାର ଜରିଆରେ ଗ୍ରାହକଙ୍କୁ ମୋବାଇଲ୍ ସେବା ଯୋଗାଇ ଦେଉଛନ୍ତି । ତେବେ ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସଂଯୋଗ କଟିଲା ମାତ୍ରେ ସିଗ୍ନାଲ କଟିଯାଉଛି ନଚେତ୍ ଧିମା ହେଉଛି । ବିଶେଷକରି ଇଣ୍ଟରନେଟ୍ ସଂଯୋଗ ବିଚ୍ଛିନ୍ନ ହେଉଛି । ଖୋଦ୍ ରାଜଧାନୀରେ କେତେକ ଅଞ୍ଚଳରେ ବି ଏଭଳି ସମସ୍ୟା ଉପୁଜୁଛି ।

ଗାଁ ଗହଳରେ ସ୍ଥିତି ଅତି ସଙ୍ଗୀନ । ଅଧିକାଂଶ ବିଏସଏନଏଲ ଟାୱାର କେବଳ ବିଦ୍ୟୁତ୍ ଭରସାରେ ଚାଲୁଛି । ଏଠାରେ ଜେନେରେଟର କିମ୍ବା ବ୍ୟାଟେରୀ ବ୍ୟାକ୍‌ଅପ୍ ନାହିଁ । ଯଦି କୌଣସି କାରଣରୁ ବିଦ୍ୟୁତ୍ କଟୁଛି ତେବେ ବିଦ୍ୟୁତ୍ ଆସିବା ପର୍ଯ୍ୟନ୍ତ ବିଏସଏନଏଲ୍ ଗ୍ରାହକମାନେ ଅପେକ୍ଷାକରି ରହୁଛନ୍ତି। ଏ ସଂକ୍ରାନ୍ତରେ ଅଭିଯୋଗ କଲେ ପ୍ରାୟତଃ ଫଳ ଶୂନ।

ସେହିଭଳି ଘରୋଇ ମୋବାଇଲ୍ କମ୍ପାନୀମାନେ ବିଭିନ୍ନ ସ୍ଥାନରେ ଟେଲି ସାନ୍ଦ୍ରତାକୁ ଅନୁଧ୍ୟାନ କରି ସେମାନଙ୍କର କାୟା ବିସ୍ତାର କରୁଥିବାବେଳେ ବିଏସଏନଏଲ୍ ଏ କ୍ଷେତ୍ରରେ ଢେର ପଛରେ ପଡିଛି। ଫଳରେ ଟାୱାରଠାରୁ ଦୂର ଦୂରାନ୍ତରେ ଥିବା ଗ୍ରାହକମାନେ ଅତିଷ୍ଠ ହେବାରେ ଲାଗିଛନ୍ତି । ନିକଟରେ ଘରୋଇ ମୋବାଇଲ୍ କମ୍ପାନୀମାନେ ଅତ୍ୟଧିକ ଦରବୃଦ୍ଧି କରିବାରୁ ହଜାର ହଜାର ଗ୍ରାହକ ସେମାନଙ୍କ ଠାରୁ ମୁହଁ ଫେରାଇ ଶସ୍ତାରେ ମୋବାଇଲ୍ ସେବା ଯୋଗାଉଥିବା ବିଏସଏନଏଲ୍ ମୁହାଁ ହୋଇଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଏହି ସଂସ୍ଥା ତାହାର କ୍ଷମତା ବୃଦ୍ଧି କରୁନଥିବାରୁ କମ୍ପାନୀ ବଦଳାଇଥିବା ହିତାଧିକାରୀମାନେ ଏବେ ମହରଗରୁ ଆସି କାନ୍ତାରରେ ପଡିଲା ଭଳି ଦଶା ଭୋଗୁଛନ୍ତି ।

ତେବେ ମିଳିଥିବା ସୂଚନା ଅନୁଯାୟୀ ବିଏସଏନଏଲ କର୍ତ୍ତୃପକ୍ଷ ଅନେକ ଟାୱାରରେ ବ୍ୟାଟେରୀ ବ୍ୟାକ୍‌ଅପ୍ ରଖୁନଥିବାରୁ ଗ୍ରାହକମାନେ ହୀନସ୍ତା ହେଉଛନ୍ତି । ବିଦ୍ୟୁତ୍ ସଂଯୋଗ କଟିଲେ କୌଣସି ପ୍ରକାରେ ଫୋନ୍ ସଂଯୋଗ ରହୁଥିବାବେଳେ ଇଣ୍ଟରନେଟ୍ ସଂଯୋଗ ତୁରନ୍ତ କଟିଯାଉଛି । ଇତି ମଧ୍ୟରେ ବହୁ ଗ୍ରାହକଙ୍କୁ ହାତଛଡା କରିଥିବା ଘରୋଇ ଟେଲିଫୋନ୍ କମ୍ପାନୀମାନେ ୫ଜି ସେବା ଜରିଆରେ ଗ୍ରାହକମାନଙ୍କୁ ନିଜ ଆଡକୁ ଆଣିବାପାଇଁ ଉଦ୍ୟମ ଜୋରଦାର କରୁଥିବାବେଳେ ବିଏସଏନଏଲ୍‌ର ଏଭଳି ଦୁର୍ବଳ ସେବା ସେମାନଙ୍କ ପାଇଁ ସୁଯୋଗ ଆଣି ଦେଉଛି । ତେଣୁ ଅନ୍ତତଃ ପକ୍ଷେ ବିଏସଏନଏଲ୍ ଟାୱାରଗୁଡିକରେ ନିରବଚ୍ଛିନ୍ନ ଶକ୍ତି ଯୋଗାଣର ବ୍ୟବସ୍ଥା କରିବାକୁ ମତପ୍ରକାଶ ପାଉଛି। ନହେଲେ ଶସ୍ତାରୁ ହୀନସ୍ତା ହେଉଥିବା ଗ୍ରାହକମାନେ ପୁଣିଥରେ ଘରୋଇ କମ୍ପାନୀ ଆଡକୁ ମୁହାଁଇବେ। (ତଥ୍ୟ)

ସେଲ୍‌ଫି ନେବା ବେଳେ ୨ ଯୁବକ ଭାସିଗଲେ

କୋଟପାଡ଼, ୧୬।୩ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା କୋଟପାଡ଼ ଗୁଲମୀ ପିକ୍‌ନିକ୍ ସ୍ଥଳୀରେ ଗାଧୋଇବାକୁ ଯାଇ ସେଲ୍‌ଫି ନେବା ସମୟରେ ଗଡ଼ ଖସିଯିବାରୁ ଛତିଶଗଡ଼ ଜଗଦଳପୁର କୁମାର ପାରା ଅଞ୍ଚଳର ଦୁଇଜଣ ଯୁବକ ପ୍ରଖର ଜଳସ୍ରୋତରେ ଭାସି ଯାଇଥିବା ଜଣାପଡ଼ିଛି। ଖବର ପାଇ କୋଟପାଡ଼ ଅଗ୍ନିଶମ ବିଭାଗ କର୍ମଚାରୀ ଓ କୋଟପାଡ଼ ପୁଲିସ ଘଟଣାସ୍ତଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛି । ଶନିବାର ଅପରାହ୍ନରେ ହୋଲି ଖେଳି ଗୁଲମୀକୁ ଦୁଇ ଜଣ ଯୁବକ ଆସିଥିବା ବେଳେ ଏପରି ଅଘଟଣ ଘଟିଛି। ଭାସି ଯାଇଥିବା ଦୁଇ ଯୁବକ ହେଲେ ରୋହନ କୋଷ୍ଟପ (୨୧)ଓ ଗୌରବ ବାଗେଲ (୨୦)। ରୋହନଙ୍କ ବାପା କୋଟପାଡ଼ ଥାନାରେ ଅଭିଯୋଗ କରିଥିବା କୋଟପାଡ଼ ପୁଲିସ କହିଛି ।



ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର

୪ ସୋମବାର ୧୭ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Monday 17 March 2025 Bhubaneswar

ପଶ୍ଚିମବଙ୍ଗରେ ନୂଆ ସମୀକରଣ

ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହା ପରେ ଆସନ୍ତା ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବ। ରାଜନୈତିକ ଦୃଷ୍ଟିକୋଣରୁ ଉଭୟ ବିହାର ଏବଂ ପଶ୍ଚିମବଙ୍ଗ ନିର୍ବାଚନ ବେଶ ଗୁରୁତ୍ୱପୂର୍ଣ୍ଣ। ବିହାରରେ ପୂର୍ବପରି ନୀତିଶ କୁମାରଙ୍କ ନେତୃତ୍ୱାଧିନ ଏନଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ମଧ୍ୟରେ ମୁକାବିଲା ହେବ। କିନ୍ତୁ ପଶ୍ଚିମବଙ୍ଗରେ ନିର୍ବାଚନୀ ସମୀକରଣରେ ସାମାନ୍ୟ ପରିବର୍ତ୍ତନ ସମ୍ଭାବନା ସୃଷ୍ଟି ହୋଇଛି। ଗତ ଥର ଭଳି ଏଥର ମଧ୍ୟ ପଶ୍ଚିମବଙ୍ଗରେ ବିଜେପି, ଟିଏମସି ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ମଧ୍ୟରେ ମୁକାବିଲା ହେବ। କିନ୍ତୁ ଏବେ ରାଜ୍ୟରେ ଏକ ଚତୁର୍ଥ ରାଜନୈତିକ ଶକ୍ତିର ଅଭ୍ୟୁଦୟ ସଙ୍କେତ ମିଳିଛି। ତାହା ହେଲା ଅସାସୁଦ୍ଦିନ ଓୱେସିଙ୍କ ଦଳ ଏଆଇଏମଆଇଏମ। ହାଇଦ୍ରାବାଦ ବାହାରେ ଏହାର ପ୍ରଭାବ ସୀମିତ। କିନ୍ତୁ ମହାରାଷ୍ଟ୍ର ଓ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହି ଦଳ କିଛି ଆସନରେ ଭଲ ଭୋଟ ପାଇଥିଲା ଏବଂ ଏହା ଇଣ୍ଡିମେଣ୍ଟର ପରାଜୟରେ ଭୂମିକା ନେଇଥିଲା। ୨୦୨୦ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏହି ଦଳ ୧୫ଟି ଆସନରେ ପ୍ରାର୍ଥୀ ଦେଇ ୫ଟିରେ ବିଜୟ ହାସଲ କରିଥିଲା। ପଶ୍ଚିମବଙ୍ଗରେ ଏହାର ସଙ୍ଗଠନ ଧିରେ ଧିରେ ସୁଦୃଢ଼ ହେଉଛି। ଏହା କୌଣସି ଆସନ ଜିତିବାରେ ସକ୍ଷମ ନହୋଇପାରେ। କିନ୍ତୁ ଏହା ୫ ପ୍ରତିଶତ ପର୍ଯ୍ୟନ୍ତ ଭୋଟ ହାସଲ କରିପାରେ ଯାହା ଉଭୟ ଟିଏମସି ଏବଂ ବାମପନ୍ଥୀ-କଂଗ୍ରେସ ମେଣ୍ଟ ପାଇଁ ମହଙ୍ଗା ପଡ଼ିପାରେ। କାରଣ ଏଆଇଏମଆଇଏମ ଯେଉଁ ଭୋଟ ପାଇବ ତାହା ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ହେବ। ଟିଏମସି ଏବଂ କଂଗ୍ରେସ ଓ ବାମପନ୍ଥୀ ସାମୁଖ୍ୟ ଏହି ଭୋଟ ଉପରେ ନିର୍ଭର କରିଥାଏ। କହିବା ବାହୁଲ୍ୟ ଯେ, ଆଜିକୁ ବହୁ ବର୍ଷ ହେବ ରାଜ୍ୟରେ ପଡ଼ୋଶୀ ଦେଶରୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ପୂର୍ବରୁ ଅନେକ ଶରଣାର୍ଥୀ ଭାବେ ଭାରତକୁ ଆସିଥିଲେ। ପରେ ଲୁଚି ଛପି ଆନେକ ଭାରରେ ଅନୁପ୍ରବେଶ କରିଛନ୍ତି। ଏବେ ବି ଏହା ଜାରି ରହିଛି। ରାଜ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କଲାଣି। ମମତାଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି, ଭୋଟ ବ୍ୟାଙ୍କ ରାଜନୀତି, ମିଛ ଧର୍ମନିରପେକ୍ଷତା ପାଇଁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ମମତା ଯାହା କରୁଛନ୍ତି ତାହା ଏକ ଦେଶବିରୋଧୀ କାର୍ଯ୍ୟ। ଆଜି ନହେଲେ କାଲି ଏହା ଭାରତ ପାଇଁ ବିରାଟ ସମସ୍ୟା ଭାବେ ଉଭା ହେବ। ବର୍ତ୍ତମାନ ପଶ୍ଚିମବଙ୍ଗ ଆଉ ଏକ ବଙ୍ଗଳାଦେଶ ଏବଂ ମମତାଙ୍କ ଟିଏମସି ଆଉ ଏକ ମୁସଲିମ ଲିଗ ଭଳି ମନେ ହେଉଛି। ନିକଟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳର ବରିଷ୍ଠ ନେତା ଇମ୍ରାନ ସୋଲାଙ୍କୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ଲାଗି ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନରେ ତାଙ୍କ ଦଳ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ। ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାରେ ହାରାହାରି ୪୦% ଏବେ ମୁସଲିମ। ତେଣୁ ନିର୍ବାଚନରେ ତାଙ୍କ ଦଳକୁ ନିଶ୍ଚିତ ଭାବେ ବିପୁଳ ସଫଳତା ମିଳିବ। ତାଙ୍କର ଏହି କଥାରୁ ପରିସ୍ଥିତି କେତେ ଗମ୍ଭୀର ତାହା ସହଜରେ ଅନୁମେୟ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ବାସ୍ତବରେ ମୁସଲମାନ ହୋଇଥିବେ ତେବେ ଏଥିପାଇଁ ମମତା ଦାୟୀ। କାଲି ଏହା ୫୦ ପ୍ରତିଶତ ଟପିପାରେ। ଏହା ଫଳରେ ପଶ୍ଚିମବଙ୍ଗ ଆଉ ଏକ ବାଂଲାଦେଶରେ ପରିଣତ ହେବା ବା ଏହା ବାଂଲାଦେଶରେ ମିଶିଯିବା ଅସମ୍ଭବ ନୁହେଁ। ଏଥିପାଇଁ ଯେଉଁମାନେ ଦାୟୀ, ଯେଉଁମାନେ ମିଛ ଧର୍ମନିରପେକ୍ଷତାର ଖୋଳପାରେ ରହି ନିଜ ବ୍ୟକ୍ତିଗତ ଫାଇଦା ପାଇଁ ଦେଶକୁ ବିପଦକୁ ଠେଲି ଦେଉଛନ୍ତି ସେମାନଙ୍କୁ ଇତିହାସ କେବେ କ୍ଷମା ଦେବନି। ଏଆଇଏମଆଇଏମ ହେଉଛି ଏକ ସାମ୍ପ୍ରଦାୟିକ ଦଳ। ଏହା ମୁସଲମାନ ଭୋଟ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ କଂଗ୍ରେସ, ଟିଏମସି ଭଳି ଦଳମାନେ ଏହାକୁ କେବେ ସମାଲୋଚନା କରିବା ଦେଖିବାକୁ ମିଳିନି। କାରଣ ହେଲା ସଂଖ୍ୟାଲଘୁ ତୁଷ୍ଟିକରଣ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ମୁସଲମାନ , ତେବେ ଏଥିରେ ଏଆଇଏମଆଇଏମ ଖୁସି ହେବାର କାରଣ ହେଲା ଏହାଦ୍ୱାରା ଦଳ ଫାଇଦା ପାଇବ ବୋଲି ଆଶା କରୁଛି। କାରଣ ଅସାଦୁଦ୍ଦିନଙ୍କ ଦଳକୁ କେବଳ ମୌଳବାଦୀ ଚିନ୍ତାଧାରା ରଖିଥିବା ମୁସଲମାନ ମାନେ ହିଁ ଭୋଟ ଦିଅନ୍ତି। ଯଦି ପଶ୍ଚିମବଙ୍ଗରେ ବାସ୍ତବରେ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ ଏବଂ ଭଲ ଭୋଟ ପାଇବ, ତେବେ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ମମତାଙ୍କ ଟିଏମସି। କାରଣ ଏହି ଦଳର ଭୋଟ ବ୍ୟାଙ୍କରେ ଅସାଦୁଦ୍ଦିନ ଭାଗ ବସାଇବେ। ଇତିହାସରେ ମିର୍ଜାଫରଙ୍କ ନାମ ସବୁ ଦିନେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। କାଲି ମମତା ବାନାର୍ଜୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିବ ଯେଉଁମାନେ କ୍ଷମତା ଏବଂ ବ୍ୟକ୍ତିଗତ ଫାଇଦା ପାଇଁ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ମମତା ବାନାର୍ଜୀ ପଶ୍ଚିବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି। ସେମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବାକୁ ଜମି ଦେଉଛନ୍ତି। ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉଛି। ଉଦ୍ଦେଶ୍ୟ ହେଲା କେବଳ ମୁସଲମାନ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା। ସେଥିପାଇଁ ସେ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ନାଗରିକ ପଞ୍ଜିକରଣ ପ୍ରସ୍ତାବକୁ ବିରୋଧ କରୁଛନ୍ତି। କେବଳ ଦେଶ ବିରୋଧୀଙ୍କୁ ପ୍ରଶ୍ରୟ ଦେବା ଏହାର ଉଦ୍ଦେଶ୍ୟ। ଏଥିପାଇଁ ପଶ୍ଚିମବଙ୍ଗର ଅସ୍ତିତ୍ୱ ଆଜି ବିପଦରେ। ଏଥିପାଇଁ ମମତାଙ୍କ ବିରୋଧରେ ସାରା ଦେଶରେ ବିକ୍ଷୋଭ, ସମାବେଶ ହେବା ଉଚିତ। ତାଙ୍କୁ ସବୁ ସ୍ତରରେ ବିରୋଧ କରାଯିବା ଉଚିତ। ତାଙ୍କ ଧର୍ମନିରପେକ୍ଷତାର ମୁଖାକୁ ଖୋଲିଦିଆଯିବା ଉଚିତ। ମମତାଙ୍କ ଭଳି ଦେଶରେ ଏମିତି ଅନେକ ମିଛ ଧର୍ମନିରପେକ୍ଷତାର ମୁଖା ପିନ୍ଧା ଅଛନ୍ତି। ସେମାନଙ୍କ ମୁଖା ଖୋଲିଦିଆଯିବା ଉଚିତ। ଅସାଦୁଦ୍ଦିନଙ୍କ ଦଳକୁ ମମତା ଏକ ସାମ୍ପ୍ରଦାୟିକ ଦଳ ବୋଲି ସର୍ବଦା କହିଆସୁଛନ୍ତି। ତାଙ୍କର ଏଭଳି ଅଭିଯୋଗ ହାସ୍ୟାସ୍ପଦ। ଓଡ଼ିଶାରେ ଏକ ପ୍ରବାଦ ରହିଛି। ତାହା ହେଲା ଗୋଦରୀଲୋ ଗୋଡ଼ ତଳକୁ ଅନା। ଅସାଦୁଦ୍ଦିନ ଖୋଲାଖୋଲି ଭାବେ ନିଜକୁ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟୀ ନେତା ବୋଲି ଦାବି କରିଛନ୍ତି। କିନ୍ତୁ ମମତା ନିଜକୁ ଧର୍ମନିରପେକ୍ଷ ବୋଲି ଦାବି କରି ସଂଖ୍ୟାଲଘୁ ଗୋଷ୍ଠିର ସମର୍ଥନ ପାଇଁ ତୁଷ୍ଟିକରଣ ନୀତି ଆପଣାଇଛନ୍ତି। ଏହା ଅଧିକ ବିପଜ୍ଜନକ। ଅସାଦୁଦ୍ଦିନଙ୍କଠାରୁ ମମତା ବାନାର୍ଜୀ ଭାରତୀୟ ରାଜନୀତି ପାଇଁ ଅଧିକ ବିପଦ ଆଣିଛନ୍ତି। ପଶ୍ଚିମବଙ୍ଗ ଯଦି କାଲି ଆଉ ଏକ ବାଂଲାଦେଶରେ ପରିଣତ ହୁଏ ତେବେ ଏଥିପାଇଁ ଉତ୍ତରଦାୟୀ ରହିବେ ମମତା ବାନାର୍ଜୀ।

ସମ୍ପାଦକଙ୍କୁ ପତ୍ର

କୃଷି ବିକାଶକୁ ଅଣଦେଖା

ମହାଶୟ,

ଭାରତର ଅର୍ଥନୀତି ଅନେକାଂଶରେ କୃଷି ଭିତ୍ତିକ ହୋଇଥିଲେ ମଧ୍ୟ ସରକାର ଏହାର ବିକାଶ ପ୍ରତି ସେତିକି ଗୁରୁତ୍ୱ ଦେଉ ନାହାଁନ୍ତି। ସେଥିପାଇଁ କୃଷକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସୁନି। ଚଳିତ କେନ୍ଦ୍ରୀୟ ବଜେଟରେ ବିହାରକୁ ଯେପରି ଗୁରୁତ୍ୱ ପ୍ରଦାନ କରାଯାଇଛି ଏବଂ ବିହାରରେ କୃଷି ବିକାଶ ଲାଗି ଯେପରି ବ୍ୟବସ୍ଥା ରହିଛି ତାହା ଓଡ଼ିଶା ପାଇଁ ନାହିଁ। ବଜେଟରେ ଓଡ଼ିଶାକୁ ଅଣଦେଖା କରାଯାଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏହାର ଅର୍ଥନୀତି କଅଷି ଉପରେ ପର୍ଯ୍ୟବେସିତ। ଓଡ଼ିଶାର ସର୍ବାଧିକ ବ୍ୟକ୍ତି କଅଷି ଉପରେ ନିର୍ଭର କରି ଚଳନ୍ତି। କିନ୍ତୁ ଓଡ଼ିଶାରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ନା ଜଳସେଚନ ବ୍ୟବସ୍ଥା ଉନ୍ନତ ହୋଇଛି ନା ଏଠାରେ ପର୍ଯ୍ୟାପ୍ତ ସଂଖ୍ୟାରେ ଶୀତଳ ଭଣ୍ଡାର ରହିଛି। ତେଣୁ ଚାଷୀମାନେ ଅଭାବିବିକ୍ରୀର ଶିକାର ହେଉଛନ୍ତି। ସବୁଠାରୁ ବଡ଼ କଥା ହେଲା ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ତେଣୁ ପ୍ରତି ବର୍ଷ ଏଠାରେ ଫସଲ ହାନୀ ହୋଇଥାଏ। କିନ୍ତୁ କେନ୍ଦ୍ରୀୟ ବଜେଟରେ ଏଥିଲାଗି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଏହା ଦୁର୍ଭାଗ୍ୟଜନକ ଏବଂ ପରିତାପର ବିଷୟ। ଓଡ଼ିଶାର ୩୧ ସାଂସଦ ଦଳମତ ନିର୍ବିଶେଷରେ ଏଥିପାଇଁ ସଂସଦରେ ମିଳିତ ସ୍ୱର ଉତ୍ତୋଳନ କରିବା ଉଚିତ।

ସୁଧାଂଶୁ ଶେଖର ମହାପାତ୍ର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଗଣତନ୍ତ୍ର ମନ୍ଦିର ଭିତରେ ଲଣ୍ଠନ

କିଶୋର ଚନ୍ଦ୍ର ବେହେରା

ଅତ୍ୟାଧୁନିକ ବିଜ୍ଞାନ ଓ କାରିଗରୀ ବିଦ୍ୟା ଡିଜିଟାଲ ଯୁଗରେ ଅଲୋଡ଼ା ହୋଇପଡ଼ିଥିବା ଡିବିରି, ଲଣ୍ଠନ, ଚେମେଣି ଓ ମହମବତି ଏବେ ପୁଣି ଖୋଜା ପଡିଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ସମୟରେ ଏସବୁ ପାରମ୍ପରିକ ସାମଗ୍ରୀକୁ ଲୋକେ ପୁଣି ଏକତ୍ରିତ କରିଥାନ୍ତି। ଆଲୋକ ପ୍ରଦାନ କରୁଥିବା ଏକ ଉପକରଣ ଯେଉଁଥିରେ ବତୀର ଚାରିପଟେ ଏକ ଗୋଲ କାଚ ଲଗା ହୋଇଥାଏ ଏବଂ ତେଲ ରଖିବା ନିମନ୍ତେ ଏକ ଆଧାର ଥାଏ। ଯେଉଁ ସମୟରେ ଆମ ନିକଟରେ ବିଦ୍ୟୁତ ଅପହଞ୍ଚ ଥିଲା ସେତେବେଳେ ଲୋକେ କିରୋସିନିରେ ଡିବିରୀ ବତୀ ହେଉ କିମ୍ବା ଜଡ଼ାରେ ଦିହୁଡି ଲଗାଇ ଅନ୍ଧାରକୁ ଦୂରେଇ ପାରୁଥିଲେ। ବହୁ ବର୍ଷ ଧରି ନିପଟ ମଫସଲ ଗ୍ରାମ କିମ୍ବା ଛୋଟ ଛୋଟ ସହର ଗୁଡିକରେ ଆଲୋକୀକରଣ ବ୍ୟବସ୍ଥାର ଅଭାବ ଦେଖା ଦେଇଥିଲା। ବସ୍ତି ଗୁଡିକରେ ବସବାସ କରୁଥିବା ଲୋକେ ବିଭିନ୍ନ ଉପାୟରେ ଅନ୍ଧାରକୁ ଦୂର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଥିଲେ। ଅପହଞ୍ଚ ଇଲାକା ତଥା ପାହାଡିଆ ଓ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକେ ରାତିର ଘନ ଅନ୍ଧକାର ଭିତରେ ମୁଣ୍ଡ ଗୁଞ୍ଜି ରହୁଥିଲେ। ଦିନରେ ସୂର୍ଯ୍ୟଙ୍କ ଆଲୁଅରେ ପେଟ ପାଟଣା ପାଇଁ ଖାଦ୍ୟ ଅନ୍ୱେଷଣ ହେଉ କିମ୍ବା ଚାଷ ଜମିରେ କାମ କରି ସନ୍ଧ୍ୟା ବେଳକୁ ଘରକୁ ଫେରି କ୍ଲାନ୍ତ ଶରୀରକୁ ବିଶ୍ରାମ ନେବା ପାଇଁ ତତ୍ପର ହେଉଥିଲେ। ସଞ୍ଜ ନଇଁଲେ ଘରେ ଘରେ ପଡି ଯାଉଥିଲା ତାଟି କବାଟ। କିଛି ଲୋକ ଡିବିରୀ ବତିରେ ପାଠ ପଢିବା ହେଉ ରୋଷେଇ କରିଆସୁଥିଲେ। ଧୂଆଁରେ ଘର ଭର୍ତ୍ତି ହୋଇଯାଉଥିଲା। ସମୟ କ୍ରମେ ଗାଁ ଗଣ୍ଡାର କୁଶଳୀ କାରିଗର ଲୁହାରେ ତିଆରି ଚିମିଲି ସହିତ ଲଣ୍ଠନକୁ ତିଆରି କରି ଲୋକଙ୍କ ଆବଶ୍ୟକତା ମେଣ୍ଟାଇବାରେ ସମର୍ଥ ହୋଇଥିଲେ। ଲଣ୍ଠନ ବିଭିନ୍ନ ପ୍ରକାର ଯେମିତି କିରୋସିନ୍, ପେଟ୍ରୋମାକ୍ସ୍ କିମ୍ବା ବିଦ୍ୟୁତ୍ ଚାଳିତ ଆଲୋକ ଉପକରଣ ହୋଇପାରେ। କିନ୍ତୁ ଓଡ଼ିଶାରେ ଲଣ୍ଠନ କହିଲେ ସାଧାରଣତଃ କିରୋସିନ୍ ଚାଳିତ ଲଣ୍ଠନକୁ ବୁଝାଯାଏ। ଲଣ୍ଠନ ଭିତରେ ମହମବତୀ, କିରୋସିନ୍ ସଳିତା, ପେଟ୍ରୋମାକ୍ସ୍ ମେଣ୍ଟଲ୍ କିମ୍ବା ବିଦ୍ୟୁତ୍ ବତୀ ଆଲୋକର ଉତ୍ସ ଭାବରେ ବ୍ୟବହାର ହୋଇଥାଏ। ଖୋଲା ଆଲୋକ ଉତ୍ସ ଯେମିତି ମହମବତୀ କିମ୍ବା ଡିବିରି ବତୀରୁ ଅନେକ ପ୍ରକାରେ ଅଗ୍ନି ବିପତ୍ତି ହେବାର ସମ୍ଭାବନା ଥିବା ବେଳେ ଲଣ୍ଠନ ଏକ ନିରାପଦ ବତୀ ଭାବରେ ବ୍ୟବହାର କରାଯାଇଥାଏ। ପ୍ରକୃତରେ ଲଣ୍ଠନର ଉଦ୍ଭାବନ ନିରାପଦ ଆଲୋକ ପାଇବା ଉଦ୍ଦେଶ୍ୟରେ ହିଁ ହୋଇଥିଲା। ଅଧିକନ୍ତୁ ଘର ବାହାରେ ଲଣ୍ଠନର ଆଲୋକ ଉପରେ ପବନର ପ୍ରଭାବ ବିଶେଷ ନଥାଏ।

ଅନ୍ଧାର ରାତିକୁ ଦୂର କରିବା ପାଇଁ ଯେଉଁ ଲଣ୍ଠନର ବ୍ୟବହାର ସମାଜରେ ବହୁଳ ପରିମାଣରେ ବ୍ୟବହୃତ ହେଉଥିଲା, ତାକୁ ନେଇ ଅନେକ କବି, ନାଟ୍ୟକାର, ଗୀତିକାର, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ରାତିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ କିମ୍ବା ଦିନସାରା ଅକ୍ଳାନ୍ତ ପରିଶ୍ରମରୁ ନିଜକୁ ହାଲୁକା କରିବା ପାଇଁ ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ ସେତେବେଳ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ। କାଳକ୍ରମେ ଭାରତ ସରକାରଙ୍କ ନିର୍ବାଚନ ଆୟୁକ୍ତ ଏହାକୁ ରାଜନୈତିକ ଦଳର ଚିହ୍ନ ରୂପେ ସ୍ୱିକୃତି ପ୍ରଦାନ କରିଥିଲେ। ୧୯୯୭ରେ ଜାତୀୟ ଜନତା ଦଳରୁ ଅଲଗା ହେବାପରେ ଲାଲୁ ପ୍ରସାଦ ଯାଦବ ବିହାରରେ ପ୍ରଥମ ଥରପାଇଁ ରାଷ୍ଟ୍ରୀୟ ଜନତା ଦଳ ଗଠନ କରିଥିଲେ ଏବଂ

ଏହାର ଦଳୀୟ ଚିହ୍ନ ଥିଲା ଲଣ୍ଠନ। ସେ ହିଁ ଦଳର ରାଷ୍ଟ୍ରୀୟ ଅଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ଏହାପରେ ଲଗାତାର ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏପରିକି ଚାରା ଘୋଟାଲାରେ ଅଭିଯୁକ୍ତ ଥିବାବେଳେ ମଧ୍ୟ ରାଷ୍ଟ୍ରୀୟ ଅଧକ୍ଷକ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସାଧାରଣ ନିର୍ବାଚନ, ରାଜ୍ୟ ବିଧାନସଭାର ନିର୍ବାଚନ ଓ ତ୍ରୀସ୍ତରୀୟ ପାୟତିରାଜ ନିର୍ବାଚନରେ ପରସ୍ପର ରାଜନୈତିକ ଦଳ ପରସ୍ପରକୁ ଆକ୍ଷେପ ଓ ପ୍ରତ୍ୟାକ୍ଷେପ କରି ସମାଲୋଚନା କରିଥାନ୍ତି "ଦିନବେଳେ ଲଣ୍ଠନ ଦେଖାଇବା" କଥା କାରଣ ସୂର୍ଯ୍ୟାଲୋକରେ ଲଣ୍ଠନ ଜଳିବା ଦ୍ୱାରା ନିଜର ଅସ୍ତିତ୍ୱ ହରାଇ ଥାଏ। ଦଳୀୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି କିଛି ଜନତା ଜନାର୍ଦ୍ଦନ ମତଦାତାମାନେ ଏହାକୁ ଗ୍ରହଣ କରିଥିବା ବେଳେ କିଛି ଏହାକୁ ଅଗ୍ରାହ୍ୟ କରିଥାନ୍ତି। ଆମ ଦେଶରେ ୧୯୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନ ଠାରୁ ଆରମ୍ଭ କରି ସଂପ୍ରତି ବିଧାନ ସଭା ନିର୍ବାଚନ ହେଉ କିମ୍ବା ତ୍ରୀସ୍ତରୀୟ ପାୟତିରାଜ ନିର୍ବାଚନରେ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱୟାତ ଶାସନ ନିର୍ବାଚନ ଭୋଟଦାନ କକ୍ଷରେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ। ଭୋଟଦାନ କକ୍ଷରେ ଲଣ୍ଠନର ବ୍ୟବହାରକୁ ନେଇ ଅନେକ ଆଲୋଚନା ମଧ୍ୟରେ ପ୍ରଥମତଃ ଭୋଟଦାନ କକ୍ଷଟି ଅନ୍ଧକାର ଥିବାରୁ ଏହାକୁ ଆଲୋକିତ କରାଯାଏ ଯାହାଫଳରେ ମତଦାତା ନିଜର ଜନପ୍ରତିନିଧି ଚିହ୍ନଟିକୁ ଜାଣିବା ପାଇଁ ସହଜ ହୋଇଥାଏ। ଦ୍ୱିତୀୟତଃ ଭାରତୀୟ ପରମ୍ପରାରେ ଦୀପର ଆଲୋକ ସତ୍ୟ, ଧର୍ମ ଓ ପରମ୍ପରାର ପ୍ରତୀକ ବୋଲି ବିଶ୍ୱାସ କରାଯାଇଥାଏ। ମତଦାତା କାହାକୁ ନିଜର ଭୋଟ ଖଣ୍ଡିକ କାହାକୁ ସାବ୍ୟସ୍ତ କଲେ କେବଳ ନିର୍ଜୀବ ଲଣ୍ଠନ ଦୀପହିଁ କେବଳ ଦେଖିଥାଏ, ତା' ବ୍ୟତିରକେ ଅନ୍ୟ କିଏ ଦେଖିନଥାନ୍ତି।

ଯେଉଁ ଲଣ୍ଠନକୁ ସାକ୍ଷୀ ରଖି ସାଧାରଣ ଜନତାଟିଏ ନିଜର ମତ ସାବ୍ୟସ୍ତ କରିଥିଲା, ସେହି ଲଣ୍ଠନ ଏବେ ନିର୍ବାଚିତ ଜନପ୍ରତିନିଧିଙ୍କ ହାତରେ। ଏଭଳି ରୋଚକ ପରିସ୍ଥିତି ଦେଖିବାକୁ ମିଳୁଛି ଚଳିତ ବର୍ଷ ବଜେଟ ଅଧିବେଶନରେ। ଓଡ଼ିଶା ବିରୋଧୀ ମନ୍ତବ୍ୟ ଦେଇଥିବା ବିଧାୟକଙ୍କ ବିରୋଧରେ ତୁରନ୍ତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଜନତା ଦଳ ଦାବି କରିଛି। ଏହାସହ ଅଭିନବ ଉପାୟରେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀ କୁଆଡେ ଗଲେ ବୋଲି ଖୋଜିଥିଲେ ବିଜେଡି ବିଧାୟକ। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ପାଖରେ ଲଣ୍ଠନ ଧରି ଖୋଜିଥିଲେ ବିଜେଡି ବିଧାୟକ। ଏହାପରେ ବିଜେଡି ବିଧାୟକମାନେ ବିଧାନସଭାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀ ତଳେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ପ୍ରତିବାଦ କରିଥିଲେ। ଯେଉଁଠି ରାତିର ଅନ୍ଧାରକୁ ଦୂର କରିବା ପାଇଁ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ କିନ୍ତୁ ୨୪ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବିଧାନ ସଭାରେ ଲଣ୍ଠନର ଆବଶ୍ୟକତା ପଡ଼ିଲା ଏହା ସାଧାରଣରେ ପ୍ରଶ୍ନବାଚୀ। ଏହାକୁ ନେଇ ଯୁବ ମତଦାତା ଗୋଷ୍ଠୀ କହନ୍ତି, ଆମେତ ଘରେ ଲଣ୍ଠନ ଦେଖିନାହୁଁ, ବାହାରକୁ ଗଲେ ହୋଟେଲ କିମ୍ବା ପାର୍କରେ ରଖାଯାଇଥବାର ଦେଖିବାକୁ ମିଳୁଥିଲା, ସେ ଯାହେଉ ବର୍ତ୍ତମାନ ଗଣତନ୍ତ୍ର ମନ୍ଦିରରେ ଏହା ଦେଖିବାକୁ ମିଳିଲାଣି। ଏହାକୁ ନେଇ ରାଜନୈତିକ ଗବେଷକ ମାନେ ମତପ୍ରକାଶ କରିଛନ୍ତି ଗତ ୧୯ତମ ସାଧାରଣ ନିର୍ବାଚନ ଓ ୧୮ତମ ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ଭୋଟଦାନ କକ୍ଷରେ କିରୋସିନି ବ୍ୟବହୃତ ଲଣ୍ଠନ ବ୍ୟବହାର ନକରି ବ୍ୟାଟେରୀ ଜନିତ ଲଣ୍ଠନ ବ୍ୟବହାର ଏହାର ପରିଣାମ ବୋଲି ମତପୋଷଣ କରୁଛନ୍ତି। ଏଥିରୁ ସ୍ପଷ୍ଟ ହୋଇଗଲାକି ପରବର୍ତ୍ତୀ ପିଢ଼ି ପାଇଁ ଇତିହାସ ପାଲଟିବନି ପାରମ୍ପରିକ ଲଣ୍ଠନ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲାଃ କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮

ବଢୁଛି ଋଣ ଓ ମୁଣ୍ଡପିଛା ଋଣଭାର

ଗୋପାଳ ମହାପାତ୍ର

ଚାର୍ବାକଙ୍କ ନୀତି "ଋଣଂ କୃତ୍ୱା ଘୃତଂ ପିବେତ୍" ଅବସ୍ଥା ଏବେ ଆମ ଦେଶର ହୋଇଛି। ଏବେ ଆନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ (ଆଇଏମ୍ଏଫ୍) ସତର୍କ କରାଇ ଦେଇଛି ଯେ ଭାରତ ସରକାର ଯେମିତି ଋଣ ନେଇ ଚାଲିଛନ୍ତି ସେଇ ଅବସ୍ଥା ଜାରି ରହିଲେ ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତର ଋଣ ଦେଶର ଜିଡିପିର ୧୦୦ ପ୍ରତିଶତ ହୋଇଯିବ। କିନ୍ତୁ ଭାରତ ସରକାର ଆନ୍ତରାଷ୍ଟ୍ରୀୟ ମୁଦ୍ରକୋଷର ଏହି ଚେତାବନୀକୁ ଅଣଦେଖା କରି କହିଛନ୍ତି ଭାରତ ସରକାର ଯେତିକି ଋଣ ନେଇଛନ୍ତି ସେଥି ମଧ୍ୟରୁ ଅଧିକ ଋଣ ଭାରତୀୟ ମୁଦ୍ରାରେ ଏଣୁ ଏଥିପାଇଁ କୌଣସି ସମସ୍ୟା ଉପୁଜିବ ନାହିଁ। ଭାରତ ସରକାରଙ୍କ ଏହି ସ୍ପଷ୍ଟିକରଣକୁ ନେଇ ଅନେକ ସନ୍ଦେହ ରହିଛି। କାରଣ ହେଉଛି ଭାରତର ପୁରା ଅର୍ଥବ୍ୟବସ୍ଥାର ପାଖାପାଖି ୫୬ ପ୍ରତିଶତ ଋଣ ଅଟେ। ଋଣ ପରିଶୋଧ କରିବା କଷ୍ଟକର ହୋଇ ପଡିବ ବୋଲି ମଧ୍ୟ ଅନେକ ଅର୍ଥଶାସ୍ତ୍ରୀ ଓ ଆର୍ଥୀକ ସଂସ୍ଥା ଆକଳନ କରିବା ଆରମ୍ଭ କଲେଣି। ଋଣ ପରିଶୋଧ ପାଇଁ ଭାରତକୁ ଅଧିକ ସୁଧ ମଧ୍ୟ ପଡିପାରେ। ଏହି ଋଣ କାରଣରୁ ଦେଶର ପ୍ରତ୍ୟେକ ଲୋକଙ୍କ ଉପରେ ମୁଣ୍ଡ ପିଛା ଋଣ ଏକଲକ୍ଷ ୪୦ ହଜାର ପାଖାପାଖି ପହଞ୍ଚିଚଲାଣି । ଭାରତ ସରକାର ଯେଉଁ ବିଦେଶୀ ଋଣ ଆଣିଛନ୍ତି ତାର ୭୭ ପ୍ରତିଶତ ଦୀର୍ଘ ଅବଧିର ଋଣ ଥିବା ବେଳେ ଭାରତ ଯେତିକି ବିଦେଶୀ ଋଣ ଆଣିଛି ତା'ର ଏକ ତୃତୀୟାଂଶ କେବଳ ବିଶ୍ୱବ୍ୟାଙ୍କରୁ ଆଣିଛି। ଜର୍ମାନ, ଜାପାନ ଏବଂ ଋଷ ମଧ୍ୟ ଭାରତକୁ ଋଣ ପ୍ରଦାନ କରିଥିବା କଥା ସରକାରଙ୍କ ରିପୋର୍ଟରୁ ଜଣାପଡିଛି।

ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଓ ପ୍ରଧାନମନ୍ତ୍ରୀ ହେବା ପରେ ଅନେକ ଥର କହିଛନ୍ତି ଯେ ପୂର୍ବର (ଉପା) ସରକାର ଦେଶକୁ ଋଣ ଭାରରେ ବୁଡ଼ାଇ ଦେଇଥିଲା ଓ ଲୋକଙ୍କ ଉପରେ ମୁଣ୍ଡପିଛା ଋଣ ବଢିଥିଲା ଯାହାକୁ ତାଙ୍କ ସରକାର ଶେଷ କରିଦେବ। ମୋଦି କହୁଥିଲେ ଭାରତ ମାତାର ସନ୍ତାନ ମାନଙ୍କ ଉପରେ ଥିବା ଋଣ ବୋଝକୁ ଲାଘବ ନ କରିବା ପର୍ଯ୍ୟନ୍ତ ତାଙ୍କୁ ଶାନ୍ତି ମିଳିବ ନାହିଁ। କିନ୍ତୁ ଲୋକଙ୍କ ମୁଣ୍ଡରୁ ଋଣ ବୋଝକୁ ହାଲୁକା କରିବା ପରିବର୍ତ୍ତେ ଏବେ ନିଜେ ଲୋକଙ୍କ ଉପରେ ଋଣର ବୋଝକୁ ଅଧିକ ବଢ଼ାଇ ଦେଇଛନ୍ତି। ଏବେ ଅବସ୍ଥା ଯାହା ଋଣ ପରିଶୋଧ କରାଯାଇ ପାରିବ କି ନାହିଁ ସେକଥାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି। ସରକାରୀ ତଥ୍ୟ ଅନୁସାରେ ନରେନ୍ଦ୍ର ମୋଦୀଙ୍କ ଶାସନର ୯ବର୍ଷ ମଧ୍ୟରେ ୧୮୧ ପ୍ରତିଶତ ଋଣ ବଢ଼ିଛି। ୨୦୨୩ ସୁଦ୍ଧା ଭାରତ ସରକାର ୧୫୫ ଲକ୍ଷ କୋଟି ଟଙ୍କାର ଋଣ ଆଣିଥିଲେ। ୨୦୨୪ ସେପ୍ଟେମ୍ବର ସୁଦ୍ଧା ବିଦେଶୀ ଋଣରେ ଦେଶର ଜିଡିପି (ସକଳ ଘରୋଇ ଉତ୍ପାଦ)ର ଅନୁପାତ ୧୯.୪ ପ୍ରତିଶତ ଥିଲା। ଫେବୃୟାରୀ ୨୦୨୫ ସୁଦ୍ଧର ଭାରତ ସରକାର ୧୮୧.୭୪ଲକ୍ଷ କୋଟି ଟଙ୍କାର ଋଣ ଆଣିଛନ୍ତି। କେହି କେବେ ପ୍ରଧାନ ମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପ୍ରଶ୍ନ କରିଛନ୍ତି କି? ଋଣ ବୋଝ ହାଲୁକା କରିବା ପାଇଁ ଆସିଥିବା ସରକାର ସମୟରେ ଋଣଭାର ଏତେ ବଢିଲା କାହିଁକି? ଏ ବାବଦରେ ଯେଉଁମାନେ ପ୍ରଶ୍ନ କରିବା କଥା (ଗଣମାଧମ) ସେମାନେ ନୀରବ। ବିରୋଧି ଦଳପ୍ରଶ୍ନ କଲେ ସରକାର ସେମାନଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି। ଏଣୁ ପ୍ରଶ୍ନ କରିବ କିଏ ଏବଂ ଉତ୍ତର ଦେବ କିଏ? ସରକାରୀ ତଥ୍ୟରୁ ସ୍ପଷ୍ଟ ଯେ ୧୪ ପ୍ରଧାନମନ୍ତ୍ରୀ ମାନେ୬୭ ବର୍ଷ ମଧ୍ୟରେ ୫୫ଲକ୍ଷ କୋଟି ଋଣ କରିଥିଲେ। ଯେତେବେଳେ ମୋଦୀ ଗୁଜୁରାଟର ମୁଖ୍ୟ ମନ୍ତ୍ରୀ ଥିଲେ ଓ ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ଋଣକୁ ନେଇ ଅନେକ କଥା କହିଥିଲେ। କିନ୍ତୁ ଏବେ ସେ ନିଜେ ପ୍ରଧାନମନ୍ତ୍ରୀ ଥିବା ବେଳେ ତାଙ୍କୁ ସରକାରର ୯ବର୍ଷ ମଧ୍ୟରେ ଦେଶର ଋଣ ୩ଗୁଣ ହୋଇଯାଇଛି। ୯ବର୍ଷ ମଧ୍ୟରେ ତାଙ୍କ ସରକାର ୧୦୦ ଲକ୍ଷ କୋଟିରୁ ଅଧିକ ଟଙ୍କା ଋଣ ଆଣିଛି। ଅର୍ଥାତ୍ ୨୦୧୪ ସୁଦ୍ଧ ଦେଶର ଋଣଥିଲା ୫୫ଲକ୍ଷ କୋଟି ଓ ଏହା ୯ ବର୍ଷରେ ବୃଦ୍ଧି ପାଇ ୧୫୫ ଲକ୍ଷ କୋଟିରେ ପହଞ୍ଚିଥିଲା। ଭାରତ ସରକାରଙ୍କ ଉପରେ କେତେ ଋଣଅଛି ସେ କଥା କେନ୍ଦ୍ର ସରକାରଙ୍କ ଅଫିସିଆଲ

ୱେବସାଇଟରୁ ଉପଲବ୍ଧ। ଏଥିରୁ ଜଣାପଡିଛି ଯେ ୨୦୨୩ ମାଚ୍ଚ ୩୧ ସୁଦ୍ଧା ଦେଶର ଋଣ ୧୫୫ଲକ୍ଷ କୋଟିଥିଲା ଓ ୨୦୨୪ ମାର୍ଚ୍ଚ ସୁଦ୍ଧା ଏହା ବୃଦ୍ଧି ପାଇ ୧୭୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ।

୨୦୨୩ ମାର୍ଚ୍ଚ ୨୦ ତାରିଖରେ ସାଂସଦ ନାଗେଶ୍ୱର ରାଓଙ୍କ ପ୍ରଶ୍ନର ଏକ ଲିଖିତ ଉତ୍ତର ଦେଇଥିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସାଂସଦ ନାଗେଶ୍ୱର ରାଓ ଦେଶର ଋଣ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଉତ୍ତରରେ କହିଥିଲେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଭାତର ସରକାରଙ୍କ ଉପରେ ୧୫୫ କୋଟି ଟଙ୍କାର ଋଣ ରହିଛି। ୨୦୦୪ରେ ଯେତେବେଳେ ଡକ୍ଟର ମନମୋହନ ସିଂହଙ୍କ ସରକାର ଆସିଲା ସେତେବେଳେ ଦେଶର ଋଣ ଥିଲା ୧୭ ଲକ୍ଷ କୋଟି। ୨୦୧୪ ସୁଦ୍ଧା ସେଇ ମନମୋହନ ସିଂହଙ୍କ ସରକାର ଥିବା ସମୟରେ ଋଣ ୫୫ ଲକ୍ଷ କୋଟି ହୋଇଥିଲା। ୨୦୧୪ରେ ଦେଶର ସମୁଦାୟ ଜନସଂଖ୍ୟା ଥିଲା ପାଖାପାଖି ୧୩୦ କୋଟି ବା ତାଠାରୁ କିଛି ଅଧିକ। ଏହି ଜନସଂଖ୍ୟା ଓ ଦେଶର ଋଣକୁ ହିସାବ କଲେ ପ୍ରତି ଭାରତୀୟଙ୍କ ମୁଣ୍ଡ ପିଛା ଋଣଥିଲା ୪୨ ହଜାର ଟଙ୍କା। ୨୦୨୩ରେ ସରକାରଙ୍କ ଋଣ ବୃଦ୍ଧି ପାଇ ୧୫୫ ଲକ୍ଷ କୋଟି ହେଲା। ଭାରତର ସମୁଦାୟ ଲୋକସଂଖ୍ୟା ଯଦି ୨୦୨୩ ବେଳକୁ ୧୪୦ କୋଟି ହୋଇଥାଏ ତେବେ ପ୍ରତି ଭାରତୀୟ ମୁଣ୍ଡପିଛା ଋଣ ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବ ନିଶ୍ଚୟ। ଏବେ କେନ୍ଦ୍ର ସରକାର ଯେଉଁ ବଜେଟ ଆଗତ କଲେ ତଦନୁସାରେ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ସରକାରଙ୍କ ସମୁଦାୟ ଋଣ ୧୮୧ ଲକ୍ଷ ୭୪ ହଜାର କୋଟି ହୋଇଯିବ ବୋଲି ଆକଳନ କରାଯାଇଛି। ଏଣୁ ଏବେ ଯଦି ଦେଶର ଜନସଂଖ୍ୟା ୧୪୨ କୋଟି ହୁଏ ତେବେ ମୁଣ୍ଡପିଛା ଋଣ କେତେହେବ ତାହା ଅନୁମେୟ, ଏହି ଋଣ କାରଣରୁ ଦେଶର ପ୍ରତିବ୍ୟକ୍ତିର ମୁଣ୍ଡପିଛା ଋଣ ଏକଲକ୍ଷ ୪୦ ହଜାର ପାଖାପାଖି ହେବ ନିଶ୍ଚୟ। ଦେଶର ସମୁଦାୟ ଋଣ ଦେଶର ଅର୍ଥବ୍ୟବସ୍ଥାର ପାଖାପାଖି ୫୬ ପ୍ରତିଶତ।

ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସରକାର ଏତେ ଟଙ୍କା ଋଣ ଆଣୁଛନ୍ତି କାହିଁକି? ଏହି ଅର୍ଥ ଯାଉଛି କୁଆଡେ? ସରକାର କହୁଛନ୍ତି ଯେ ଦେଶର ବିକାଶ ପାଇଁ ଋଣ ଅଣାଯାଉଛି। କିନ୍ତୁ ସରକାର ଏକଥା କେବେ କହୁନାହାଁନ୍ତି ଯେ ଶାସନ ଗାଦିରେ ରହିବା ପାଇଁ ଦେଶର ଲୋକଙ୍କୁ ମାଗଣା ଜିନିଷ ବାଣ୍ଟି ସରକାର ଲୋକଙ୍କୁ ଯେ କେବଳ ଭିଖାରୀରେ ପରିଣତ କରିଦେଉଛନ୍ତି ତା ନୁହେଁ ଲୋକଙ୍କୁ ଋଣ ଭାରରେ ବୁଡାଇ ଦେଉଛନ୍ତି। ୮୦ କୋଟିରୁ ଅଧିକ ଲୋକଙ୍କୁ ମାଗଣା ରାସନ, ପାଖାପାଖି ୧୦ କୋଟି ମହିଳାଙ୍କୁ ଉଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର, ପାଖାପାଖି ୯କୋଟି କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦିଆଯିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨କୋଟି ଲୋକଙ୍କୁ ଘର ତିଆରି ପାଇଁ ଆର୍ଥୀକ ସହାୟତା ଭଳି କିଛି ମାଗଣା ଯୋଜନା ଯାହା ଦେଶ ଏବଂ ଜନତାଙ୍କୁ ଋଣ ବୋଝରେ ବୁଡାଇ ଦେଇଛି। ଋଣ ଶୁଝିବା ପାଇଁ ମଧ୍ୟ ଋଣ ଆଣିବାକୁ ପଡୁଛି। ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି। କିନ୍ତୁ ଦେଶ ଉପରେ ଥିବା ଋଣ କେମିତି ପରିଶୋଧ କରାଯିବ ସେକଥା କୁହାଯାଉନାହିଁ। ଏବେ କେନ୍ଦ୍ର ସରକାର ଋଣବାବଦ ସୁଧ ପରିଶୋଧ ପାଇଁ ୧୦.୬୧ଲକ୍ଷ କୋଟି ଟଙ୍କା ଅତିରିକ୍ତ ଋଣ କରିବାକୁ ବାଧ ହୋଇଛନ୍ତି। ୨୦୪୭ ସୁଦ୍ଧା ଭାରତ ବିଶ୍ୱର ୩ୟ ଅର୍ଥବ୍ୟବସ୍ଥା ହେବ ବୋଲି ସରକାର କହିଲେଣି। ଯେହେତୁ ରାଷ୍ଟ୍ରୀୟ ଜିଡିପିର ଆକାର ବଡ଼ ଏବଂ ବ୍ୟାପକ ସେହି କାରଣରୁ ଦେଶର ଅର୍ଥବ୍ୟବସ୍ଥା ମଧ୍ୟ ବଡ଼ କିନ୍ତୁ ଭାରତର ଅର୍ଥବ୍ୟବସ୍ଥା ଋଣମୁକ୍ତ ଅର୍ଥବ୍ୟବସ୍ଥା ନୁହେଁ। ଭାରତର ବଜେଟ ୪୫ ରୁ ୫୦ ଲକ୍ଷ କୋଟି ଏବଂ ଏହାର ଏକ ଚତୁର୍ଥାଂଶ ଋଣ ବାବଦ ଅର୍ଥର ସୁଧ ପରିଶୋଧରେ ଚାଲିଯାଉଛି। ଏପରିକି ଏଥିପାଇଁ ମଧ୍ୟ ଋଣ ଆଣିବାକୁ ପଡୁଛି। ଏଭଳିସ୍ଥଳେ ଭାରତ ବୃହତ୍ ଅର୍ଥବ୍ୟବସ୍ଥାର ଦେଶ ଏବଂ ବିକଶିତ ଦେଶ ହେବା ଦିଗରେ ଅଗ୍ରସର ବୋଲି କୁହାଯିବା ଠିକ୍ କି?

ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

ବର୍ଷାରମ୍ଭର ପ୍ରଥମ ଦିନଃ ଫାଲଗୁନ ପୂର୍ଣ୍ଣିମା

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆମର ସୌରବର୍ଷର ଆରମ୍ଭ ହୋଇଥାଏ ମହା ବିଷୁବ ସଂକ୍ରାନ୍ତିରୁ ଯାହାକୁ ମେଷ ସଂକ୍ରାନ୍ତି ଭାବେ ସମସ୍ତେ ଜାଣନ୍ତି। ଏହା ହେଉଛି ମେଷ ସୌରବର୍ଷର ପ୍ରଥମ ମାସ। ଅନେକ ହୁଏତ ଜାଣି ନଥିବେ ଏହାକୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। କିନ୍ତୁ ଗୋଟିଏ ସମୟରେ ଫାଲଗୁନ ପୂର୍ଣ୍ଣିମା ବା ଦୋଳପୂର୍ଣ୍ଣିମା ଥିଲା ବର୍ଷ ଆରମ୍ଭର ପ୍ରଥମ ଦିନ। ତେବେ ଆଧାତ୍ମିକ ଦୃଷ୍ଟିରୁ ଫାଲଗୁନ ପୂର୍ଣ୍ଣିମାର ବିଶେଷ ମହତ୍ୱ ରହିଛି। ଏ ସଂପର୍କରେ ସ୍କନ୍ଦ ପୁରାଣ ଓ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୪୩ ଅଧ୍ୟାୟରେ ଉଲ୍ଲେଖ ଅଛି। ଜୈମିନୀଋଷି ତପୋଧନ ମାନଙ୍କୁ କହିଛନ୍ତି ହେ ମୁନିଗଣ! ଏବେ ତୁମକୁ ସାରାବର୍ଷରେ ପାଳନୀୟ ବ୍ରତ ଗୁଡ଼ିକ ସଂପର୍କରେ କହୁଛି। ସମ୍ବତ୍ସର (ବର୍ଷ)ର ଆଦ୍ୟ ଦିବସ ହେଉଛି ଫାଲଗୁନ ପୂର୍ଣ୍ଣିମା। ପୁଷ୍ୟା ନକ୍ଷତ୍ରଯୁକ୍ତ ଫାଲଗୁନ ଶୁକ୍ଳ ଏକାଦଶୀ ଗୋବିନ୍ଦ ଦ୍ୱାଦଶୀ ଭାବରେ ଖ୍ୟାତ। କାରଣ, ଶ୍ରୀଜଗନ୍ନାଥଙ୍କ ଫାଲଗୁନ ମାସର ନାମ ଗୋବିନ୍ଦ। ଏହି ମାସର ଏକାଦଶୀ ମଧ୍ୟ ପାପନାଶିନୀ ଏକାଦଶୀ ଭାବରେ ପ୍ରସିଦ୍ଧ। ଗୋବିନ୍ଦ ଦ୍ୱାଦଶୀ ବୁଡ଼ ବାରବର୍ଷରେ ପଡ଼େ ଏବଂ ଏହି ଯୋଗରେ ଶ୍ରୀକ୍ଷେତ୍ରର ମହୋଦଧିରେ ସ୍ନାନ କଲେ ଅଶେଷ ପୁଣ୍ୟ ମିଳେ। ସ୍କନ୍ଦ ପୁରାଣ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୫୪ ଅଧ୍ୟାୟରେ ଉଲ୍ଲେଖ ଅଛି ଯେ କୌଣସି ସ୍ଥାନରେ ମଧ୍ୟ ସାଗରସ୍ନାନ ଅଧିକ ଫଳପ୍ରଦ। ଏଣୁ ଏପରି ଦିବ୍ୟଯୋଗରେ ସାଗରସ୍ନାନ ବିଶେଷ ଫଳପ୍ରଦ ହୋଇଥାଏ। ସ୍କନ୍ଦ ପୁରାଣରେ କୁହାଯାଇଛି, ଗଙ୍ଗା ଜଳରେ ସ୍ନାନ ଓ ବିଷ୍ଣୁ ପାଦୋଦକ ଗହଣରେ ଯେଉଁ ଅଲୌକିକ ପୁଣ୍ୟଲାଭ ହୁଏ, ସାଗରଜଳ ତୁଣ୍ଡରେ ଦେଲେ ମଧ୍ୟ ସେହିପରି ଫଳପ୍ରାପ୍ତି ହୁଏ। କୋଟି ଅଶ୍ୱମେଧ ଯଜ୍ଞର ଅବଭୃଥ ସ୍ନାନ ଦ୍ୱାରା ଯେଉଁ ପୁଣ୍ୟ ମିଳେ, ଭଗବାନଙ୍କ କୃପାରୁ ସିନ୍ଧୁ ଜଳରେ ସ୍ନାନ କଲେ ସେହି ପୁଣ୍ୟ ଲାଭ ହୋଇଥାଏ। ନିକଟରେ ପ୍ରୟାଗରାଜରେ ଅନୁଷ୍ଠିତ ହୋଇଯାଇଛି ମହାକୁମ୍ଭ ମେଳା। ଏଥିରେ ଦେଶ, ବିଦେଶର ପ୍ରାୟ ୬୫ କୋଟି ପୁଣ୍ୟାର୍ଥୀ ସେଠାର ତ୍ରିବେଣୀ ସଂଗମରେ ସ୍ନାନ କରିଛନ୍ତି। କିନ୍ତୁ ଯେଉଁମାନେ ମହାକୁମ୍ଭର ସେହି ବିଶେଷ ଦିବସଗୁଡ଼ିକରେ କୁମ୍ଭସ୍ନାନ କରିପାରି ନାହାନ୍ତି, ସେମାନଙ୍କ ନିମନ୍ତେ ଏହି ଗୋବିନ୍ଦ ଦ୍ୱାଦଶୀ ବୁଡ଼ ବିଶେଷ ମହତ୍ତ୍ୱପୂର୍ଣ୍ଣ। ଏ ପ୍ରସଙ୍ଗରେ କୁହାଯାଇଛି, ଫାଲଗୁନ ଶୁକ୍ଳ ଏକାଦଶୀରେ ଭଗବାନ ବିଷ୍ଣୁଙ୍କର ଏକାଦଶୀ ବ୍ରତ ପାଳନ ଏବଂ ତାହାର ପରଦିନ ଦ୍ୱାଦଶୀ ତିଥିରେ ତୀର୍ଥରାଜ ମହୋଦଧିରେ ସ୍ନାନ ସମସ୍ତ ପାପନାଶକ ଏବଂ ଚତୁର୍ବର୍ଗ ଫଳ ପ୍ରଦାୟକ। ଏଣୁ ଯେଉଁମାନେ ମହାକୁମ୍ଭ ସ୍ନାନ କରିଛନ୍ତି ଏବଂ ଯେଉଁମାନେ ମହାକୁମ୍ଭ ସ୍ନାନ କରିନାହାନ୍ତି, ସମସ୍ତଙ୍କ ପାଇଁ ଏହି ଗୋବିନ୍ଦ ଦ୍ୱାଦଶୀ ସ୍ନାନ ମହାପୁଣ୍ୟପ୍ରଦ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋବାଇଲ୍: ୯୪୩୭୦୩୧୨୫୩

ରାଜୌରୀ ଆକ୍ରମଣ ମାଷ୍ଟରମାଇଣ୍ଡକୁ ହତ୍ୟା



ଇସ୍‌ଲାମାବାଦ,୧୬।୩ : ଆତଙ୍କୀ ଅବୁ କତାଲକୁ ହତ୍ୟା । ମୋଷ୍ଟୱାଣ୍ଟେଡ ଲସ୍କର ଆତଙ୍କବାଦୀ ଅବୁ କତାଲ ସିନ୍ଧିକୁ ହତ୍ୟା। ଗତ ରାତିରେ ପାକିସ୍ତାନରେ ଅବୁ କତାଲକୁ ହତ୍ୟା କରାଯାଇଛି। ଆତଙ୍କବାଦୀ ଅବୁ କତାଲର ମୃତ୍ୟୁ ସହିତ ଲସ୍କର-ଇ-ତୈବାକୁ ଏକ ବଡ଼ ଧକ୍କା ଲାଗିଛି । ଜମ୍ମୁକାଶ୍ମୀରରେ ଅନେକ ଆତଙ୍କୀ ହିଂସାରେ ଜଡ଼ିତ ଥିଲା ଅବୁ କତାଲ। ୨୬/ ୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଆତଙ୍କବାଦୀ ହାଫିଜ ସୟଦର ନିକଟତମ ସହଯୋଗୀ ଥିଲା ଅବୁ। ୯ ଜୁନରେ ଶିବଖଡ଼ି ମନ୍ଦିର ତୀର୍ଥଯାତ୍ରୀ ବସ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏନ୍‌ଏଆଇର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ତାଲିକାରେ ଥିଲା ଅବୁ କତାଲ । ଗତକାଲି ରତିରେ ଅଜଣା ଆତତାୟୀ ଗୁଳିରେ ଅବୁର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ୨୬/୧୧ ମୁମ୍ବାଇ ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୦୮ ମସିହା ନଭେମ୍ବର ୨୬ ତାରିଖ.. ଯେଉଁଦିନ ଥରି ଉଠିଥିଲା ମାୟା ନଗରୀ । ପାକିସ୍ତାନର ଲସ୍କର-ଏ-ତୈୟବାର ୧୦ ଆତଙ୍କବାଦୀ ମୁମ୍ବାଇ ଉପରେ କରିଥିଲେ ଆକ୍ରମଣ ଏବଂ ୪ ଦିନ ଧରି ଗୁଳିମାଡ଼ ବ୍ୟତୀତ ଅନେକ ସ୍ଥାନରେ ବିସ୍ଫୋରଣ କରିଥିଲେ ।

୭ ବର୍ଷର ଝିଅ ସହ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଲକ୍ଷ୍ନୌ,୧୬।୩: ଉତ୍ତର ପ୍ରଦେଶ ହାଥରସ୍‌ରେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ। ଏହି ମାମଲାରେ ଅଭିଯୁକ୍ତ ହେଉଛି ଜଣେ ମୁସଲମାନ ଯୁବକ। ପୋଲିସ ଅଭିଯୁକ୍ତକୁ ଅମନକୁ ଗିରଫ କରିଛି। ତେବେ ଅଭିଯୁକ୍ତ ଜଣେ ନାବଳକ ବୋଲି ଜଣାପଡିଛି। ଘଟଣା ପରେ ଉତ୍ୟକ୍ତ ଲୋକେ ମସଜିଦ୍‌କୁ ଟେକା ପଥର ମାଡ଼ କରିଥିଲେ। ପ୍ରବଳ ଉତ୍ତେଜନା ସୃଷ୍ଟି ହେବା ଫଳରେ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ପୋଲିସବଳ ମୁତୟନ ହୋଇଛନ୍ତି। ଅଧିକାରୀମାନେ ଲୋକଙ୍କୁ ବୁଝାଶୁଝା କରି ଉତ୍ୟକ୍ତ ଲୋକଙ୍କୁ ଶାନ୍ତ କରିଥିଲେ। ଉଲ୍ଲେଖନୀୟ ଯେ, ହାଥରସ୍ ସାଦାବାଦ୍ ଥାନା ଅନ୍ତର୍ଗତ ଏକ ଗାଁରେ ୭ ବର୍ଷୀୟ ନାବାଳିକା ସହ ଦୁଷ୍କର୍ମ ହୋଇଛି। ଏହି କଥା ସାମନାକୁ ଆସିବା ପରେ ଉତ୍ୟକ୍ତ ଲୋକେ ହଙ୍ଗାମା ଆରମ୍ଭ କରିଥିଲେ। କିଛି ଲୋକ ବିସାଭର ମସଜିଦ୍ ଉପରକୁ ପଥରମାଡ କରିବା ସହ ଭଙ୍ଗାରୁଜା ମଧ୍ୟ କରିଥିଲେ। ସୂଚନା ପାଇ ହାଇରସ୍ ଏସ୍‌ପି, ବହୁଥାନାର ପୋଲିସ ଫୋର୍ସ ନେଇ ସେଠାରେ ପହଁଞ୍ଚିଥିଲେ। ସେ କୌଣସି ପ୍ରକାର ବୁଝାମଣା କରି ଲୋକଙ୍କୁ ଶାନ୍ତ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ଶନିବାର ରାତିରେ ଏହି ଗାଁର ଜଣେ ୭ ବର୍ଷର ନାବାଳିକା ଦୋକାନକୁ ଜିନିଷ କିଣିବାକୁ ଯାଇଥିବା ବେଳେତାଙ୍କୁ ସେଠାରୁ ଉଠାଇ ନେଇଯାଇଥିଲା ଅଭିଯୁକ୍ତ। ଅଭିଯୋଗ ରହିଛି ଯେ, ନାବାଳିକା ସହ ଦୁଷ୍କର୍ମ ହୋଇଛି। କିନ୍ତୁ ଅଭିଯୋଗ ଆଧାରରେ ପୋଲିସ ପ୍ରଥମେ ଅସଦାଚରଣ ମାମଲା ରୁଜୁ କରିଥିଲା। ତେବେ ପରେ ଝିଅଟି ଦୁଷ୍କର୍ମ ହୋଇଥିଲା କଥା କହିବା ପରେ ପୋଲିସ ରାତିରେ ଅଭିଯୁକ୍ତକୁ ଗିରଫ କରିଥିଲା। କିନ୍ତୁ ରବିବାର ସକାଳେ ପୁଣିଥରେ ହଙ୍ଗାମା ଆରମ୍ଭ ହୋଇଥିଲା। ଉତ୍ୟକ୍ତ ଲୋକେ ନିକଟସ୍ଥ ମସଜିଦ୍‌ରେ ଭଙ୍ଗାରୁଜା କରିଥିଲେ।

ଉଜୁଡିଗଲା ପରିବାର, ୩ ପିଲାଙ୍କୁ ମାରି ଜୀବନ ହାରିଲେ ବାପା

ରାଞ୍ଚି,୧୬।୦୩: ଝାଡଖଣ୍ଡ ଗିରିଡିହରେ ଚାଞ୍ଚଲ୍ୟ ଖେଳିଯାଇଛି । ଉଜୁଡିଗଲା ପରିବାର । ଦୁନିଆ କଣ ଜାଣିନଥିବା ୩ ଜୀବନ ଦୀପ ଲିଭିଯାଇଛି । ଅଭାବନୀୟ ହୃଦୟବିଦାରକ ଘଟଣା ଘଟିଛି। ଏକ ବନ୍ଦ ଘରୁ ୪ ମୃତଦେହ ଉଦ୍ଧାର ହୋଇଛି । ସେମାନଙ୍କ ମଧ୍ୟରେ ୩ ଜଣ ଶିଶୁ ଥିଲା ଜଣାପଡିଛି । ୩ ପିଲାଙ୍କୁ ମାରି ଜୀବନ ହାରିଲେ ବାପା । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଝାଡଖଣ୍ଡ ଗିରିଡିହ ଜିଲ୍ଲାର ଏକ ବନ୍ଦ ଘରୁ ୪ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ମଧ୍ୟରେ ୩ଜଣ ପିଲା ରହିଛନ୍ତି । ଜଣେ ବ୍ୟକ୍ତି ଅଛନ୍ତି। ପିଲାଙ୍କୁ ମାରିବା ପରେ ବାପା ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଥିବା ପୋଲିସ କହିଛି । ଗାଁର ଜଣେ ଲୋକ ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଛି । କାହିଁକି ବ୍ୟକ୍ତି ଜଣକ ଏପରି ପଦକ୍ଷେପ ନେଲେ ତାର କାରଣ ଖୋଜୁଛି ପୋଲିସ । ଜଣେ ବାପା କିପରି ତାର ପିଲାଙ୍କୁ ହତ୍ୟା କରିପାରିବ ଭଳି ପ୍ରଶ୍ନ ଉଙ୍କି ମାରିଛି ।

ମାସିଡୋନିଆ ନାଇଟ୍ କ୍ଲବ୍‌ରେ ଭୟାବହ ଅଗ୍ନିକାଣ୍ଡ, ୫୧ ମୃତ

ସ୍କୋପଜେ (ମାସିଡୋନିଆ),୧୬।୩ : : ଶନିବାର ବିଳମ୍ବିତ ରାତିରେ ଉତ୍ତର ମାସେଡୋନିଆର କୋକାନି ସହରରେ ଥିବା ଏକ ନାଇଟ୍ କ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟି ୫୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଛନ୍ତି। ଅଗ୍ନିଶମ ବିଭାଗ ସହାୟତା ପାଇଁ ପହଞ୍ଚିବା ବେଳକୁ ଏହି ବ୍ୟକ୍ତିମାନେ ପ୍ରାଣ ହରାଇ ସାରିଥିଲେ। ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଗୃହମନ୍ତ୍ରୀ ପାନସ୍କେ ତୋଶକୋଭସ୍କି ସୂଚନା ଦେଇଛନ୍ତି। ଏକ ସ୍ଥାନୀୟ ପପ୍ ଗ୍ରୁପ୍ ର ପ୍ରଦର୍ଶନ ସମୟରେ ରାତି ୨ଟା ୩୫ମିନିଟରେ ଅଗ୍ନିକାଣ୍ଡ ଘଟିଥିଲା। କ୍ଲବ୍ ଭିତରକୁ ପ୍ରବେଶ କରୁଥିବା ଯୁବକମାନେ ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ତୋଶକୋଭସ୍କି କହିଛନ୍ତି ଯେ କ୍ଲବ୍ ପଲସରେ ଏକ ସ୍ଥାନୀୟ ପପ୍ ଗ୍ରୁପ୍ର ପ୍ରଦର୍ଶନ ସମୟରେ ରାତି ୨ଟା ୩୫ମିନିଟରେ ଅଗ୍ନିକାଣ୍ଡ ଘଟିଥିଲା। କ୍ଲବ୍ ଭିତରକୁ ପ୍ରବେଶ କରୁଥିବା ଯୁବକମାନେ ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ପରିବାର ଲୋକେ କୋକାନିର ଡାକ୍ତରଖାନା ଓ କାର୍ଯ୍ୟାଳୟ ବାହାରେ ଏକତ୍ରିତ ହୋଇ ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଅଧିକାରୀଙ୍କୁ ଅନୁରୋଧ କରୁଛନ୍ତି। ତୋଶକୋଭସ୍କି କହିଛନ୍ତି ଯେ ପୋଲିସ ଜଣଙ୍କୁ ଗିରଫ କରିଛି, କିନ୍ତୁ ସେ ସେହି ବ୍ୟକ୍ତିଙ୍କ ସମ୍ପୃକ୍ତି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିନାହାଁନ୍ତି ।

ଜଲନ୍ଧରରେ ଗ୍ରେନେଡ୍ ଆକ୍ରମଣ, ନିଜକୁ ଦାୟୀ କଲା ପାକିସ୍ତାନୀ ଗ୍ୟାଙ୍ଗଷ୍ଟର

ଜଲନ୍ଧର,୧୬।୩ : ପଞ୍ଜାବର ଜଲନ୍ଧରରେ ଏକ ଘର ଉପରେ ଗ୍ରେନେଡ୍ ଆକ୍ରମଣ ହୋଇଛି । ପାକିସ୍ତାନୀ ଗ୍ୟାଙ୍ଗଷ୍ଟର ଶାହଜାଦ ଭଟ୍ଟି ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଭିଡିଓ ସେୟାର କରି ଆକ୍ରମଣର ଦାୟିତ୍ୱ ନେଇଛନ୍ତି । ଶହଜାଦ ଭଟ୍ଟି କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ ଘରେ ଆକ୍ରମଣ ହୋଇଥିଲା, ତାଙ୍କ ଆଖପାଖ ସହଯୋଗୀମାନେ ଇସଲାମ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଆମେ ଚୁପ୍ ବସିବୁ ନାହିଁ। ଯଦି ସେମାନଙ୍କୁ ସେଠାରେ ଗିରଫ କରା ନଯାଏ, ତେବେ ଆମେ ଆକ୍ରମଣ ଜାରି ରଖିବୁ। ଗତକାଲି ଅମୃତସରର ଖଣ୍ଡୱାଲା ଅଞ୍ଚଳରେ ଏକ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ନିକଟରେ ଥିବା କାନ୍ଥ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଝରକା କାଚ ଭାଙ୍ଗି ଯାଇଥିଲା। ଶନିବାର ସକାଳେ ହୋଇଥିବା ଏହି ବିସ୍ଫୋରଣରେ କେହି ମୃତାହତ ହୋଇନାହାନ୍ତି। ଏହି ବିସ୍ଫୋରଣ ପାକିସ୍ତାନୀ ଆଇଏସ୍‌ଆଇ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି।

ଏଆର୍‌ବି ଜମି ମିଜୋରାମ ସରକାରଙ୍କୁ ହସ୍ତାନ୍ତର

ରାଜ୍ୟର ସାମଗ୍ରିକ ବିକାଶ ସୁଗମ ହେବ: ଶାହ

ଆଇଜଲ୍,୧୬।୩: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଆସାମ ରାଇଫଲ୍ସ ବାଟାଲିୟନ (ଏଆର୍‌ବି) ଜମିକୁ ମିଜୋରାମ ସରକାରଙ୍କୁ ହସ୍ତାନ୍ତର ଏବଂ ମାନଚିତ୍ରର ଆନୁଷ୍ଠାନିକ ଆଦାନପ୍ରଦାନ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଦୁହୋମା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ ଏବଂ ଆସାମ ରାଇଫଲ୍ସର ମହାନିର୍ଦ୍ଦେଶକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ଶ୍ରୀ ଶାହ କାର୍ଯ୍ୟକ୍ରମକୁ ମିଜୋରାମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିବା ସହ ଭୌଗୋଳିକ ସ୍ଥିତି ଯୋଗୁଁ ସ୍ଥାନ ଅଭାବ ଦେଖାଦେଇଥିବା ହେତୁ ପ୍ରାୟ ୩୫ ବର୍ଷ ଧରି ଆସାମ ରାଇଫଲ୍ସକୁ ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲା। ଏହି ଦାବି ପୂରଣ ହେବା ପରେ ଆଇଜଲ ସମେତ ମିଜୋରାମର ସାମଗ୍ରିକ ବିକାଶକୁ ସୁଗମ କରାଯାଇପାରିବ। ଆଇଜଲରେ ଜାଗାର ଯଥେଷ୍ଟ ଅଭାବ ଏହାର ଆଧୁନିକୀକରଣ ଏବଂ ସରକାରୀ ସୁବିଧା ବୃଦ୍ଧିରେ ବାଧା ସୃଷ୍ଟି କରୁଛି। ଦଶନ୍ଧି ପୁରୁଣା ଏହି ଦାବି

ପୂରଣ ହେବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଗୃହ ମନ୍ତ୍ରୀ ଶ୍ରେୟ ଦେଇଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ଏହି ନିଷ୍ପତ୍ତି କେବଳ ଏକ ପ୍ରଶାସନିକ ପଦକ୍ଷେପ ନୁହେଁ, ବରଂ ମିଜୋରାମବାସୀଙ୍କ ପ୍ରତି ମୋଦି ସରକାରଙ୍କ ଦାୟିତ୍ୱ ଏବଂ ରାଜ୍ୟର ପ୍ରଗତି ପ୍ରତି ତାଙ୍କର ପ୍ରତିବଦ୍ଧତାର ପ୍ରମାଣ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ମିଜୋରାମର ଏକ ପ୍ରମୁଖ ଅଞ୍ଚଳରେ ବିଶାଳ ଜମି ଉପଲବ୍ଧ କରାଇବା ସହ ରାଜ୍ୟର ବିକାଶକୁ ଏକ ନୂତନ ଦିଗ ଦେବ। ୧୮୯୦ରେ ଆଇଜଲରେ ପ୍ରଥମ ସେନା ଶିବିର ପ୍ରତିଷ୍ଠା ହେବା ପରଠାରୁ ଏହା ଇତିହାସରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି ଶ୍ରୀ ଶାହ ଉଲ୍ଲେଖ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସମଗ୍ର ଉତ୍ତର-ପୂର୍ବକୁ ସୁଦୃଢ଼ ଓ ସମନ୍ୱିତ କରିବା ପାଇଁ ଗତ ୧୦ ବର୍ଷ ଧରି ସକ୍ରିୟ ଭାବେ କାର୍ଯ୍ୟ କରିଆସିଛନ୍ତି। ପର୍ଯ୍ୟଟନଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ାଠାରୁ ମହାକାଶ ଓ କୃଷି ଠାରୁ ଆରମ୍ଭ କରି ଉଦ୍ୟୋଗ କ୍ଷେତ୍ରରେ ମୋଦି ସରକାର ଅଭୂତପୂର୍ବ ବିକାଶ କରୁଛନ୍ତି। ସ୍ୱାଧୀନତା ପରଠାରୁ ଗତ ୨୦୧୪ ପର୍ଯ୍ୟନ୍ତ ସମସ୍ତ ପ୍ରଧାନମନ୍ତ୍ରୀ ମିଳିତ ଭାବେ ୨୧ ଥର ଉତ୍ତର-ପୂର୍ବ ଗସ୍ତ କରିଥିବା ବେଳେ ୨୦୧୪ ପରଠାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକାକୀ ୭୮ ଥର ଗସ୍ତ କରିଛନ୍ତି। ଏହାଛଡ଼ା ୨୦୧୪ ପୂର୍ବରୁ ଉତ୍ତର-ପୂର୍ବାଞ୍ଚଳର ମନ୍ତ୍ରୀଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀମାନେ ମାତ୍ର ୭୧ ଥର ଏହି ଅଞ୍ଚଳ ଗସ୍ତ କରିଥିବା ବେଳେ ଗତ ଏକ ଦଶନ୍ଧି ମଧ୍ୟରେ କେନ୍ଦ୍ର ମନ୍ତ୍ରୀଙ୍କ ଗସ୍ତ ସଂଖ୍ୟା ୭୦୦ ଅତିକ୍ରମ କରିଛି ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି। ସେହିପରି ମୋଦି ସରକାର ଅମଳରେ ଉତ୍ତର-ପୂର୍ବାଞ୍ଚଳରେ ହୋଇଥିବା ପ୍ରଗତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଆଇଜଲ ଓ କୋଲାସିବ ଜିଲ୍ଲାର ୬ ନମ୍ବର ଜାତୀୟ ରାଜପଥରେ ୧୭୪୨ କୋଟି ଟଙ୍କା ବ୍ୟୟରେ ୪ ଲେନ୍ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ୫୪ ନମ୍ବର ଜାତୀୟ ରାଜପଥର ଆଇଜୋଲ-ଟୁଇପାମ ସେକ୍ସନର ଡବଲ ଲେନ୍ ନିର୍ମାଣ କାର୍ଯ୍ୟ ୧୦୦୬ କୋଟି ଟଙ୍କା ବ୍ୟୟରେ ଚାଲିଛି। ଏହାଛଡ଼ା ମିଜୋରାମରେ ୧୦୦ କୋଟି ଟଙ୍କା ବିନିଯୋଗରେ ବାଉଁଶ ଲିଙ୍କ୍ ରୋଡ୍ ନିର୍ମାଣ କରାଯାଉଛି। ଗତ ଦଶନ୍ଧି ମଧ୍ୟରେ ମୋଦି ସରକାର ମିଜୋରାମରେ ୫, ୦୦୦ କୋଟି ଟଙ୍କାର ସଡ଼କ ନିର୍ମାଣ ପ୍ରକଳ୍ପ ଆରମ୍ଭ କରିଛନ୍ତି। ୨ କୋଟି ଟଙ୍କାରେ ୧୦ଟି ହେଲିପ୍ୟାଡ୍ ନିର୍ମାଣ କରାଯାଇଥିବା ବେଳେ ୫ ହଜାର କୋଟି ଟଙ୍କା ବିନିଯୋଗରେ ବୈରାବି-ସାଇରଙ୍ଗ ରେଳ ପ୍ରକଳ୍ପ କାମ ବି ଆରମ୍ଭ ହୋଇଛି। ସେହିପରି ୬୦୦ କୋଟି ଟଙ୍କା ବ୍ୟୟରେ ୧୬୪ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ଗବେଷଣା କେନ୍ଦ୍ର ନିର୍ମାଣ କରାଯାଉଥିବା ବେଳେ ୧୩୦୦ କୋଟି ଟଙ୍କାର ଟୁଇରିଆଲ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ମଧ୍ୟ ଆରମ୍ଭ ହୋଇଛି। ସେହିପରି କନେକ୍ଟିଭିଟି ବଢାଇବା ପାଇଁ ସାରା ରାଜ୍ୟରେ ୩୧୪ଟି ମୋବାଇଲ ଟାୱାର ସ୍ଥାପନ କରାଯାଇଛି। ଏକ ବିକଶିତ, ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଏବଂ ସୁନ୍ଦର ମିଜୋରାମ ଗଠନ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ ମତ ଦେଇଛନ୍ତି।

୧୪୦ କୋଟି ଭାରତୀୟ ମୋ ଶକ୍ତି

ନୂଆଦିଲ୍ଲୀ,୧୬।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ପ୍ରସିଦ୍ଧ ପଡକାଷ୍ଟର ଲେକ୍ସ ଫ୍ରିଡମ୍ୟାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ପୋଡକାଷ୍ଟରେ ତାଙ୍କ ପିଲାଦିନ, ହିମାଳୟରେ ବିତାଇଥିବା ସମୟ ଏବଂ ସାର୍ବଜନୀନ ଜୀବନରେ ତାଙ୍କର ଯାତ୍ରା ସମେତ ବିଭିନ୍ନ ବିଷୟ ଉପରେ ସେ କହିଥିଲେ । ଲେକ୍ସ ଫ୍ରିଡମ୍ୟାନଙ୍କ ସହ ପୋଡକାଷ୍ଟରେ ମୋଦୀ କହିଛନ୍ତି ଯେ ଯେତେବେଳେ ବି ଆମେ ଶାନ୍ତି କଥା କହିଥାଉ, ବିଶ୍ୱ ଆମ କଥା ଶୁଣେ, କାରଣ ଭାରତ ଗୌତମ ବୁଦ୍ଧ ଏବଂ

ମହାତ୍ମା ଗାନ୍ଧୀଙ୍କ ଦେଶ। କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତର ସଂସ୍କୃତି, ଶାନ୍ତି ଏବଂ ବିଶ୍ୱ କୂଟନୀତି ଉପରେ ଗୁରୁତ୍ୱାରୋପ କରି କହିଥିଲେ "ଯେତେବେଳେ ମୁଁ ବିଶ୍ୱ ନେତାଙ୍କ ସହ ହାତ ମିଳାଏ, ସେତେବେଳେ ମୋଦୀ ନୁହଁନ୍ତି ବରଂ ୧୪୦ କୋଟି ଭାରତୀୟ ଏହା କରନ୍ତି । ୧୪୦ କୋଟି ଭାରତୀୟ ହିଁ ମୋର ଶକ୍ତି । ମୋର ଶକ୍ତି ମୋ ନାଁରେ ନୁହେଁ, ବରଂ ଭାରତର କାଳଜୟୀ ସଂସ୍କୃତି ଓ ଐତିହ୍ୟରେ ରହିଛି।'' ନିଜ ପିଲାଦିନର ଅସୁବିଧା ବିଷୟରେ ସେ କହିଛନ୍ତି, "ଭଲ ଜୋତା ପିନ୍ଧିବାରେ ଅଭ୍ୟସ୍ତ ବ୍ୟକ୍ତି ଏହାର ଅନୁପସ୍ଥିତି ଅନୁଭବ କରନ୍ତି, କିନ୍ତୁ ଆମେ କେବେ ଜୋତା ପିନ୍ଧିନଥିଲୁ, ତେଣୁ ଆମେ ଏହାର ଗୁରୁତ୍ୱ ଜାଣିନଥିଲୁ । ଏହା ଥିଲା ଆମ ଜୀବନ।''



ଜେନେଭାରେ ଚାଲିଥିବା ଅନ୍ତର୍ଜାତୀୟ ଶ୍ରମ ସଂଗଠନର ୩୫୩ତମ ପରିଚାଳନା ପରିଷଦ ବୈଠକ ଅବସରରେ ଭାରତର ଶ୍ରମ ଓ ନିଯୁକ୍ତି ସଚିବ ସୁମିତା ଦାଓରା ସଂଗଠନର ମହାନିର୍ଦ୍ଦେଶକ ଗିଲବର୍ଟ ଏଫ୍. ହୌଙ୍ଗବୋଙ୍କୁ ଭେଟିଛନ୍ତି

ଡିଆର୍‌ଆଇ ଅଧିକାରୀ ମାଡ଼ ମାରିଥିବା ଅଭିଯୋଗ

ବେଙ୍ଗାଲୁରୁ,୧୬।୩: ସୁନା ତସ୍କରୀ ମାମଲାରେ ନୂଆ ମୋଡ । ଗିରଫ ହୋଇଥିବା ଅଭିନେତ୍ରୀ ରାନ୍ୟା ରାଓ ଡିଆରଆଇ ବିରୋଧରେ ଆଣିଲେ ସାଙ୍ଘାତିକ ଅଭିଯୋଗ । ଡିଆରଆଇ ଅଧିକାରୀମାନେ ତାଙ୍କୁ ଏହି ମାମଲାରେ ଫସାଇ ଦେଇଛନ୍ତି ଓ ତାଙ୍କ ଠାରୁ କୌଣସି ସୁନା ଜବତ ହୋଇଥିବା ସେ ସହିଛନ୍ତି । ଅନ୍ୟପଟେ କର୍ଣ୍ଣାଟକ ସରକାର ରାନ୍ୟାଙ୍କ ବାପା ଡିଜିପି ରାମଚନ୍ଦ୍ର ରାଓଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି ।

ରାନ୍ୟା ରାଓ ଗତ ମାର୍ଚ୍ଚ ୭ ରେ ପରପ୍ପାନା ଅଗ୍ରହାର ଜେଲର ମୁଖ୍ୟ ଅଧୀକ୍ଷକଙ୍କ ମାଧ୍ୟମରେ ଡିଆର୍‌ଆଇର ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖିଥିଲେ । ଯେଉଁ ସେ ଅଭିଯୋଗ କରିଥିଲେ ଯେ ଡିଆରଆଇ ଅଧିକାରୀମାନେ ତାଙ୍କୁ ଲେଖା ହୋଇଥିବା କିଛି ପେପର ଏବଂ ଖାଲି ପେପରରେ ଦସ୍ତଖତ କରିବା ପାଇଁ ମାଡ ମାରିଥିଲେ । "ମୁଁ ନିର୍ଦ୍ଦୋଷ ଏବଂ



ମୋତେ ମିଥ୍ୟା ଅଭିଯୋଗରେ ଫସାଇ ଦିଆଯାଇଛି। ଯେମିତି କୁହାଯାଉଚି ସେମିତି କିଛିବି ହୋଇନାହିଁ, । ମୋ ଠାରୁ କିଛିବି ଜବତ କରାଯାଇନାହିଁ। ଦିଲ୍ଲୀର କିଛି ବ୍ୟକ୍ତି ଯେଉଁମାନେ ନିଜକୁ ଅଧିକାରୀ ବୋଲି କହିଥିଲେ, ସେମାନେ ସ୍ପଷ୍ଟ ଭାବରେ ଅନ୍ୟ କିଛି ଯାତ୍ରୀଙ୍କୁ ସୁରକ୍ଷା ଦେବାକୁ ଚାହୁଁଥିଲେ ଏବଂ ମୋତେ ମିଥ୍ୟା ଭାବରେ ଫସାଇ ଦେଇଛନ୍ତି," ଚିଠିରେ ଲେଖିଛନ୍ତି ମାନ୍ୟା।

ରାଣ୍ୟା ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ମାଡ ମରାଯିବା ସହ ଖାଦ୍ୟ ମଧ୍ୟ ଦିଆଯାଇନଥିଲା । "ଗିରଫଦାରୀ ସମୟରୁ କୋର୍ଟରେ ହାଜର କରାଯିବା ପର୍ଯ୍ୟନ୍ତ, ମୋତେ ମାଡ ମରାଯାଇଥିଲା। ଡିଆରଆଇ ଅଧିକାରୀମାନେ ମୋତେ ୧୦ରୁ ୧୫ ଥର ଚାପୁଡ଼ା ମାରିଥିଲେ। ବାରମ୍ବାର ଆକ୍ରମଣ ସତ୍ତ୍ୱେ, ମୁଁ ସେମାନଙ୍କ ଦସ୍ତଖତ କରିବାକୁ ମନା କରିଦେଇଥିଲି," ଅଭିନେତ୍ରୀ କହିଛନ୍ତି। ଚାପ ଯୋଗୁଁ ମୁଁ ୫ରୁ୬୦ଟି ଲେଖା ହୋଇଥିବା ପେପର ଓ ୪୦ଟି ଖାଲି ପେପରରେ ଦସ୍ତଖତ କରିବାକୁ ବାଧ୍ୟ ହୋଇଥିଲି । ଜଣେ ଡିଆରଆଇ ଅଧିକାରୀ ତାଙ୍କ କଥା ନ ମାନିଲେ ତାଙ୍କ ପିତାଙ୍କ ପରିଚୟ ପ୍ରକାଶ କରିବାକୁ ଧମକ ଦେଇଥିଲେ। ମାର୍ଚ୍ଚ ୪ ତାରିଖରେ ବେଙ୍ଗାଲୁରୁ ଏୟାର ପୋର୍ଟରେ ସୁନାଚାଲାଣ ଅଭିଯୋଗରେ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ଗିରଫ କରିଥିଲା ଡିଆରଆଇ । ଦୁବାଇରୁ ୧୪.୮ କେଜି ସୁନା ଆଣି ଭାରତ ଫେରୁଥିଲେ ଅଭିନେତ୍ରୀ ରାନ୍ୟା ରାଓ । ଯାଞ୍ଚ ପରେ ତାଙ୍କଠୁ ସୁନା ଜବତ କରିବା ସହ ରାନ୍ୟାଙ୍କୁ ଗିରଫ କରିଛି ଡିଆରଆଇ । ପରେ ଜମାପଡିଥିଲା ରାନ୍ୟା କର୍ଣ୍ଣାଟକ ଡିଜିପି ରାମଚନ୍ଦ୍ର ରାଓଙ୍କ ଝିଅ ।

ଭୋଟ୍ ପରିଚୟପତ୍ରକୁ ଆଧାର ସହିତ ଲିଙ୍କ୍ କରିବାକୁ ଯୋଜନା

ନୂଆଦିଲ୍ଲୀ,୧୬।୩ : ଦେଶରେ ଖୁବ୍‌ଶୀଘ୍ର ଭୋଟର ପରିଚୟପତ୍ରକୁ ଆଧାର କାର୍ଡ ସହିତ ଲିଙ୍କ୍ କରାଯାଇପାରେ। ନିର୍ବାଚନ କମିଶନ ୧୮ ମାର୍ଚ୍ଚରେ କେନ୍ଦ୍ର ଗୃହ ସଚିବ, ବିଧାନସଭା ବିଭାଗର ସଚିବ ଏବଂ UIDAIର ସିଇଓଙ୍କ ସହିତ ଏକ ବୈଠକ କରିବେ। ଏହି ବୈଠକରେ, ଆଧାର କାର୍ଡ ସହିତ ଭୋଟର ପରିଚୟପତ୍ର ଲିଙ୍କ୍ କରିବାର ଦୀର୍ଘକାଳୀନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଏହି ବିଶୟକୁ ନେଇ ରାଜନୈତିକ ବିତର୍କ ଚାଲିଥିବା ବେଳେ, ଏହି ଆଲୋଚନା ସାମ୍ନାକୁ ଆସିଛି। ବିଶେଷକରି ପଶ୍ଚିମବଙ୍ଗରେ ଭୋଟର ପରିଚୟପତ୍ରର ଡୁପ୍ଲିକେଟ୍ ଏଣ୍ଟ୍ରି ଉପରେ ତୃଣମୂଳ କଂଗ୍ରେସର ଚିନ୍ତା ଘଟଣାରେ ନୂଆ ନୂଆ ଦିଗ ସୃଷ୍ଟି କରୁଛି। ନିର୍ବାଚନ କମିଶନ ଆଗାମୀ ତିନି ମାସ ମଧ୍ୟରେ ଡୁପ୍ଲିକେଟ ଭୋଟର ଏଣ୍ଟ୍ରି ହଟାଇବା ପାଇଁ ଏକ ଯୋଜନା ଘୋଷଣା କରିଛନ୍ତି।

ବର୍ତ୍ତମାନ, ନିର୍ବାଚନ ଆଇନ (ସଂଶୋଧନ) ବିଲ୍, ୨୦୦୧ ନିର୍ବାଚନ ଅଧିକାରୀମାନଙ୍କୁ ଭୋଟରଙ୍କ ଆଧାର ନମ୍ବର ମାଗିବା ପାଇଁ ଅନୁମତି ଦିଏ। କିନ୍ତୁ ଏହା ସ୍ୱେଚ୍ଛାକୃତ ଏବଂ ଆଇନଗତ ଏବଂ ଗୋପନୀୟତା ସମ୍ବନ୍ଧୀୟ ଚିନ୍ତା ଦ୍ୱାରା ଘେରି ରହିଛି। ନିର୍ବାଚନ କମିଶନ ସ୍ୱେଚ୍ଛାକୃତ ଭାବରେ ଏହାର ଡାଟାବେସରେ ବହୁ ସଂଖ୍ୟକ ଆଧାର ନମ୍ବର ପ୍ରବେଶ କରିଛନ୍ତି। କିନ୍ତୁ ଗୋପନୀୟତା ଚିନ୍ତା ଯୋଗୁଁ ଦୁଇଟି ସିଷ୍ଟମ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ହୋଇନାହିଁ। ଏହା ସତ୍ତ୍ୱେ, ନିର୍ବାଚନ କମିଶନ ନିରନ୍ତର ଆଧାର ସିଡିଂକୁ ସମର୍ଥନ କରିଆସୁଛନ୍ତି। ଭୋଟର ତାଲିକାରେ ସଂଶୋଧନ ରୋକିବା ପାଇଁ ନିର୍ବାଚନ କମିଶନ ଏହାକୁ ଏକ ଉପାୟ ଭାବରେ ବିବେଚନା କରିଛନ୍ତି। ୨୦୧୭ ମସିହାରେ, କମିଶନ ସୁପ୍ରିମକୋର୍ଟରେ ଏକ ଆବେଦନ ମଧ୍ୟ ଦାଖଲ କରିଥିଲେ। ଏଥିରେ, ଭୋଟର ପରିଚୟପତ୍ର ସହିତ ଆଧାରକୁ ଲିଙ୍କ୍ କରିବା ଜାରି ରଖିବାକୁ ଦାବି କରାଯାଇଥିଲା। ସ୍ୱଚ୍ଛ ଏବଂ ସଠିକ ଭୋଟର ତାଲିକା ସୁନିଶ୍ଚିତ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ନିର୍ବାଚନ କମିଶନଙ୍କ ବ୍ୟାପକ ସଂଶୋଧନ ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି ଆଧାର ସଂଯୋଗୀକରଣ। ଏଥିରେ ଆଗୁଆ ଭୋଟିଂ ବ୍ୟବସ୍ଥା, ଘରୋଇ ପ୍ରବାସୀମାନଙ୍କ ପାଇଁ ଦୂରବର୍ତ୍ତୀ ଭୋଟିଂ ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ସାମିଲ ରହିଛି। କିନ୍ତୁ ଆଧାର ସିଡିଂର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ବିନା ଏହି ପଦକ୍ଷେପଗୁଡ଼ିକ ଅଟକି ଯାଇଛି। କାରଣ ରାଜନୈତିକ ଦଳଗୁଡ଼ିକ ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ୧୮ ମାର୍ଚ୍ଚରେ ହେବାକୁ ଥିବା ବୈଠକରେ ଏହି ପ୍ରସଙ୍ଗରେ କ'ଣ ନିଷ୍ପତ୍ତି ନିଆଯିବ ତାହା ଦେଖିବାକୁ ବାକି ରହିଲା।

ଖୁବ୍‌ଶୀଘ୍ର ଘରକୁ ଫେରିବେ ସୁନିତା ୱିଲିୟମ୍ସ

ନୂଆଦିଲ୍ଲୀ,୧୬।୩ : ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଆଉ କିଛି ଦିନ ପରେ ପୃଥିବୀକୁ ଫେରିବେ। ସେମାନଙ୍କୁ ଫେରାଇ ଆଣିବା ପାଇଁ 'ନାସା' ଓ 'ସ୍ପେସ ଏକ୍ସ' ଦ୍ୱାରା ପ୍ରକ୍ଷେପଣ କରାଯାଇଥିବା କ୍ରୁ-୧୦ ର ସଦସ୍ୟମାନେ ମହାକାଶର ସେହି ସ୍ୱତନ୍ତ୍ର କେନ୍ଦ୍ରରେ ପହଞ୍ଚିଯାଇଛନ୍ତି। କ୍ରୁ-୧୦ର ସଦସ୍ୟମାନେ ସ୍ପେସ୍ ସେଣ୍ଟରରେ ପହଞ୍ଚିବା ମାତ୍ରେ ସୁନିତା ୱିଲିୟମ୍ସ ସେମାନଙ୍କୁ ତାଙ୍କ ସାମ୍ନାରେ ଦେଖି ଖୁସିରେ ଡେଇଁ ପଡ଼ିଥିଲେ। ସେ ମହାକାଶର ସ୍ୱତନ୍ତ୍ର କେନ୍ଦ୍ରକୁ ଆସିଥିବା ଚାରିଜଣ ମହାକାଶଚାରୀଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ।

୫ ଜୁନ୍ ୨୦୨୪ରେ ସୁନିତା ୱିଲିୟମ୍ସ ଏବଂ ତାଙ୍କ ସାଥୀ ବୁଚ୍ ୱିଲମୋର ଅନ୍ତର୍ଜାତୀୟ ମହାକାଶ

ମହାକାଶ ଷ୍ଟେସନରେ ପହଞ୍ଚିଲା ନାସାର କ୍ରୁ-୧୦ ମିଶନ୍

ଷ୍ଟେସନ (ଆଇଏସଏସ) କୁ ଉଡ଼ାଣ ଭରିଥିଲେ। ତାଙ୍କର ମହାକାଶ ଯାତ୍ରା ୮ ଦିନର ଥିଲା । ଉଭୟଙ୍କୁ ୧୦ ଦିନ ପରେ ପୃଥିବୀକୁ ଫେରିବାର ଥିଲା କିନ୍ତୁ ଷ୍ଟାରଲାଇନର୍ ସ୍ପେସକ୍ରାଫ୍ଟର ଥ୍ରଷ୍ଟରରେ ତ୍ରୁଟି ଯୋଗୁଁ ସେମାନଙ୍କର ଫେରିବା ବିଳମ୍ବ ହୋଇଥିଲା। ଏହି ମିଶନ ସମୟରେ ସୁନିତା ଓ ବୁଚ୍ ଙ୍କୁ ମହାକାଶ ଷ୍ଟେସନରେ ୮ ଦିନ ମଧ୍ୟରେ ଗବେଷଣା ଏବଂ ଅନେକ ପରୀକ୍ଷଣ କରିବାର ମଧ୍ୟ ଥିଲା। ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହାକାଶଯାନର ମହାକାଶଚାରୀମାନଙ୍କୁ ମହାକାଶ ଷ୍ଟେସନକୁ ନେବା ଓ ଫେରିବା କ୍ଷମତା ପ୍ରମାଣ କରିବା। ନାସାର ସୂଚନା ଅନୁଯାୟୀ, ମହାକାଶଯାନର ସେବା ମଡ୍ୟୁଲର ଥ୍ରଷ୍ଟରରେ ଏକ ଛୋଟ ହିଲିୟମ ଲିକ୍ ହୋଇଥିଲା। ୨୫ ଦିନ ପରେ ମହାକାଶଯାନ କ୍ୟାପସୁଲରେ ୫ଟି ହିଲିୟମ ଲିକ୍ ହୋଇଥିଲା ଏବଂ ୫ଟି ଥ୍ରଷ୍ଟର କାମ କରିବା ବନ୍ଦ କରିଦେଇଥିଲା। ଷ୍ଟାରଲାଇନର୍ ମହାକାଶଯାନର ଥ୍ରଷ୍ଟରରେ ଥିବା ତ୍ରୁଟିକୁ ସଂଶୋଧନ କରିବା ପାଇଁ ଅନେକ ଚେଷ୍ଟା କରାଯାଇଥିଲା। କିନ୍ତୁ ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଏହି କାରଣରୁ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହୋଇଥିଲା।

ବେଙ୍ଗାଲୁରୁ ଏୟାରପୋର୍ଟରେ ବିପୁଳ ପରିମାଣରେ ନିଶା ଦ୍ରବ୍ୟ ଜବତ, ୨ ନାଇଜେରୀୟ ମହିଳା ଗିରଫ

ବେଙ୍ଗାଲୁରୁ ୧୬।୩: କର୍ଣ୍ଣାଟକରେ ସବୁଠୁ ଅଧିକ ଡ୍ରଗସ୍ ଜବତ ମାମଲାରେ ପୋଲିସ ୨ ଜଣ ନାଇଜେରିୟ ମହିଳାଙ୍କୁ ଗିରଫ କରିଛି। ବେଙ୍ଗାଲୁରୁ ଏୟାରପୋର୍ଟରେ ଏହି ମହିଳା ଦୁହିଁଙ୍କ ବ୍ୟାଗରୁ ୩୭ କେଜିରୁ ଅଧିକ ଏମଡିଏମଏ(ସିନ୍ଥେଟିକ୍ ଡ୍ରଗସ୍) ଜବତ ହୋଇଛି, ଯାହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପାଖାପାଖି ୭୫ କୋଟି ଟଙ୍କା ଆକଳନ କରାଯାଉଛି। ଏହି ମାମଲା ଦେଶରେ ପୁରା ଡ୍ରଗ ତସ୍କରୀ ନେଟୱାର୍କର ମୁଖା ଖୋଲିଦେଇଛି। ଗିରଫ ମହିଳା ଦୁହିଁଙ୍କୁ ବାମ୍ବା ଫାଣ୍ଟା (୩୧) ଓ ଅବିଗ୍ୟାଲ ଏଡୋନିସ୍ (୩୦) ରୂପେ ଚିହ୍ନଟ କରାଯାଇଛି। ମହିଳା ଦୁଇଜଣ ବିମାନରେ ଦିଲ୍ଲୀରୁ ବେଙ୍ଗାଲୁରୁ ପହଞ୍ଚିଥିଲେ। ପୋଲିସ ସେମାନଙ୍କ ତଲାସୀ ନେବା ବେଳେ ଟ୍ରଲି ବ୍ୟାଗ୍ ରୁ ବିପୁଳ ପରିମାଣର ଡ୍ରଗସ୍ ବାହାରିଥିଲା। ଏହା ଛଡା ପୋଲିସ ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ, ପାସପୋର୍ଟ ଓ ନଗଦ ୧୮ ହଜାର ଟଙ୍କା ଜବତ କରିଛି। ପୋଲିସ ଯାଞ୍ଚରୁ ମହିଳାମାନେ ଦିଲ୍ଲୀରେ ରହୁଥିବା ଓ ସେମାନେ ଗତ ୨ ବର୍ଷ ହେଲା ଭାରତରେ ଡ୍ରଗସ୍ ତସ୍କରୀ କରୁଥିବା ଜାଣିବାକୁ ପାଇଛି। ନିଶା ସାମଗ୍ରୀ ଚୋରା ଚାଲାଣ ନିମନ୍ତେ ସେମାନେ ଖାସ କରି ବିମାନ ମାର୍ଗକୁ ବାଛୁଥିଲେ। ସେମାନେ

ଗତ ବର୍ଷକରେ ୩୭ ଥର ମୁମ୍ବାଇ ଓ ୨୨ ଥର ବେଙ୍ଗାଲୁରୁ ଆସିଥିଲେ। ପୋଲିସ ଅନୁସାରେ ବାମ୍ବା ଫାଣ୍ଟା ୨୦୨୦ ମସିହାରେ ବିଜନେସ୍ ଭିସାରେ ଭାରତ ଆସିଥିଲା। ଓବିଗ୍ୟାଲ ଏଡୋନିସ୍ ୨୦୧୬ ମସିହାରୁ ଭାରତରେ ରହୁଥିଲା। ମହିଳା ଦ୍ୱୟ ଡ୍ରଗସ୍ ତସ୍କରୀରୁ ବିପୁଳ ଆୟ କରୁଥିଲେ ଓ କେତେକ ରାଜ୍ୟକୁ ଡ୍ରଗସ୍ ସପ୍ଲାଇରେ ସକ୍ରିୟ ଥିଲେ। ଏବେ ଦୁଇଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କ ବିରୋଧରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଉଛି। ଏହା ସହିତ ଏହି ଡ୍ରଗସ୍ ନେଟୱାର୍କକୁ ସମାପ୍ତ କରିବା ପାଇଁ ଅନ୍ୟ ସମ୍ଭାବିତ ଲିଙ୍କର ଯାଞ୍ଚ ଜାରି ରହିଛି। ଏହି ମାମଲା ଭାରତରେ ବଢୁଥିବା ଡ୍ରଗ୍ସ ତସ୍କରୀକୁ ଉଜାଗର କରିଥିବା ବେଳେ କିପରି ଅନ୍ତର୍ଜାତୀୟ ମାଫିଆ ଭାରତୀୟ ବଜାରରେ ନିଶା କାରବାର ବ୍ୟାପ୍ତ କରୁଛନ୍ତି ତାହା ପ୍ରମାଣିତ କରୁଛି।

ଆମେରିକାରେ ଭୟଙ୍କର ଘୂର୍ଣ୍ଣିଝଡ: ୩୪ ମୃତ

ୱାଶିଂଟନ,୧୬।୩ : ଘୂର୍ଣ୍ଣିଝଡରେ ଘାଇଲା ସୁପର ପାୱାର ଆମେରିକା । ଭୟଙ୍କର ଝଡ ତୋଫାନରେ ୩୪ ଜଣ ପ୍ରାଣ ହରାଇଥିବା ବେଳେ ୨୯ରୁ ଅଧିକ ଆହତ ହୋଇଛନ୍ତି । କ୍ଷତିଗ୍ରସ୍ତ ହୋଇଛି ମିସାରି, ଟେକ୍ସାସ, କାନସାସ ଓ ମିସୋରି ପ୍ରଦେଶ । କେବଳ ମିସୋରିରେ ୧୨ ଜଣଙ୍କ ଜୀବନ ନେଇଛି ଟର୍ଣ୍ଣାଡୋ ।

୧୦ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ଲକ୍ଷ ଲକ୍ଷ ଲୋକ ଅନ୍ଧାରରେ ଅଛନ୍ତି । ଘୂର୍ଣ୍ଣିଝଡରେ ବହୁ ଧନସମ୍ପତ୍ତି ନଷ୍ଟ ହୋଇଛି। ଘଣ୍ଟାପ୍ରତି ୧୩୬ରୁ ୧୬୫ କିଲୋମିଟର ବେଗରେ ପବନ ବୋହିଥିଲା। କିଛି କାର ଉଡିବା ଦେଖିବାକୁ ମିଳିଛି। ଟର୍ଣ୍ଣାଡୋ ପରେ ବନ୍ୟା ଆଲର୍ଟ ଜାରି ହୋଇଛି। ପ୍ରାୟ ଏକ କୋଟି ଲୋକ ଟର୍ଣ୍ଣାଡୋ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଜୋରସୋରରେ ରେସକ୍ୟୁ ଅପରେସନ ଚାଲିଛି । ରାଜ୍ୟପାଳ ସାରା ହକାବି ସାଣ୍ଡର୍ସ X ରେ କହିଛନ୍ତି ଯେ ଆମେ ଗତକାଲି ରାତିର ଝଡ଼ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସର୍ଭେ କରିବା ପାଇଁ ଦଳ ଗଠନ କରିଛୁ ଏବଂ ପ୍ରଥମ ଥର ପାଇଁ, ଉଦ୍ଧାର ଦଳ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସ୍ଥଳଭାଗରେ

ଅଛନ୍ତି। ଖରାପ ପାଗ ଏବଂ ଅଗ୍ନିକାଣ୍ଡ ବିପଦ ଯୋଗୁଁ ଆଲାବାମା, କାନସାସ ଏବଂ ମିସୌରୀର ରାଜ୍ୟପାଳମାନେ ଜରୁରୀକାଳୀନ ଘୋଷଣା ଜାରି କରିଛନ୍ତି । ଶୁକ୍ରବାର ଦିନ ଦକ୍ଷିଣ ସମତଳ ଅଞ୍ଚଳରେ ୮୦ କିଲୋମିଟରରୁ ଅଧିକ ବେଗରେ ପବନ ବହିବାରୁ ଟେକ୍ସାସରେ ଧୂଳି ଝଡ଼ ହୋଇଛି । ଏହା ସହ କାର୍ ଦୁର୍ଘଟଣା ହୋଇଛି । ଏହି ଅଘଟଣରେ କିଛି ଲୋକଙ୍କ ମୃତ୍ୟୁ ହୋଇଛି। ପ୍ରବଳ ପବନ ଏବଂ ଧୂଳିଝଡ଼ ଯୋଗୁଁ ଟ୍ରକ୍, ଗଛ ଏବଂ ବିଦ୍ୟୁତ୍ ତାରଗୁଡ଼ିକ ଉପୁଡ଼ି ଯାଇଛି । ଯାହା ଫଳରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ଶନିବାର ସକାଳ ସୁଦ୍ଧା, ମଧ୍ୟପଶ୍ଚିମ ଏବଂ ମିସିସିପି ଉପତ୍ୟକାରେ ଘୂର୍ଣ୍ଣିଝଡ଼, ଶିଳାବୃଷ୍ଟି ଏବଂ ପବନ ସମେତ ଖରାପ ପାଗର ରିପୋର୍ଟ ଆସିଥିଲା । ଶନିବାର ରାତିରେ ମଧ୍ୟ ଘୂର୍ଣ୍ଣିବାତ୍ୟାର ଆଶଙ୍କା ରହିଛି । ଯାହା ଫଳରେ ଲୋକଙ୍କୁ ବହୁତ କ୍ଷତି ସହିବା ସହ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

ଆଇପିଏଲ-୧୮: ୫ ଦଳର ନୂଆ ଅଧିନାୟକ

ନୂଆଦିଲ୍ଲୀ, ୧୬।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନର ବିଗୁଲ୍ ବାଜିସାରିଛି। ଆଗାମୀ ସିଜିନ୍ ପାଇଁ ସମସ୍ତ ଦଳ ପ୍ରସ୍ତୁତ ହୋଇସାରିଛନ୍ତି। ଏହି ସିଜିନ୍ ଅର୍ଥାତ୍ ଆଇପିଏଲ ୨୦୨୫ରେ ମୋଟ ପାଞ୍ଚଟି ଦଳ ନୂତନ ଅଧିନାୟକଙ୍କ ସହିତ ପ୍ରବେଶ କରିବେ। ଏବେ ସମସ୍ତ ୧୦ଟି ଦଳର ଅଧିନାୟକ ନିଶ୍ଚିତ ହୋଇସାରିଛି। ଦିଲ୍ଲୀ କ୍ୟାପିଟାଲ୍ସ ଶୁକ୍ରବାର ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦଳର ଅଧିନାୟକ ନିଯୁକ୍ତ କରିଛି। ଆଇପିଏଲ ୨୦୨୫ରେ, ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପରଜାଏଣ୍ଟ୍ସ, ପଞ୍ଜାବ କିଙ୍ଗସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କୋଲକାତା ନାଇଟ୍ ରାଇଡର୍ସ ନୂତନ ଅଧିନାୟକଙ୍କ ସହିତ ପ୍ରବେଶ କରିବେ। ଦିଲ୍ଲୀ ଦଳର ନେତୃତ୍ୱ ଅକ୍ଷର ପଟେଲଙ୍କୁ ଦେଇଛି, ଲକ୍ଷ୍ନୌ ରିଷଭ ପନ୍ତଙ୍କୁ ଦେଇଛି, ପଞ୍ଜାବ କିଙ୍ଗସ୍ ଶ୍ରେୟସ ଆୟରଙ୍କୁ ଦେଇଛି, ଆରସିବି ରଜତ ପଟିଦାରଙ୍କୁ ଦେଇଛି ଏବଂ କେକେଆର ଅଜିଙ୍କ୍ୟ ରାହାଣେଙ୍କୁ ଅଧିନାୟକ ଦାୟିତ୍ୱ ଦେଇଛି। ଆଇପିଏଲ ୨୦୨୫ ୨୨ ମାର୍ଚ୍ଚରୁ ଆରମ୍ଭ ହେବ। ଏଥର ସମସ୍ତ ମ୍ୟାଚ୍ ୧୩ଟି ସହରରେ ଖେଳାଯିବ। ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ। ଆଇପିଏଲର ପ୍ରଥମ ମ୍ୟାଚ୍ ୨୨ ମାର୍ଚ୍ଚ ସନ୍ଧ୍ୟା ୭:୩୦ ରୁ ଖେଳାଯିବ। ମ୍ୟାଚ୍‌ର ଟସ୍ ସନ୍ଧ୍ୟା ୭ଟାରେ ହେବ।

୧. ଦିଲ୍ଲୀ କ୍ୟାପିଟାଲ୍ସ- ଅକ୍ଷର ପଟେଲ
୨. ସନରାଇଜର୍ସ ହାଇଦ୍ରାବାଦ- ପ୍ୟାଟ୍ କମିନ୍ସ
୩. ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର- ରଜତ ପଟିଦାର
୪. ରାଜସ୍ଥାନ ରୟାଲ୍ସ- ସଞ୍ଜୁ ସାମସନ
୫. ପଞ୍ଜାବ କିଙ୍ଗ୍ସ- ଶ୍ରେୟସ ଆୟର
୬. ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ- ରିଷଭ ପନ୍ତ
୭. ମୁମ୍ବାଇ ଇଣ୍ଡିଆନ୍ସ- ହାର୍ଦ୍ଦିକ ପାଣ୍ଡ୍ୟା
୮. କୋଲକାତା ନାଇଟ୍ ରାଇଡର୍ସ- ଅଜିଙ୍କ୍ୟ ରାହାଣେ
୯. ଗୁଜରାଟ ଟାଇଟାନ୍ସ- ଶୁଭମନ ଗିଲ
୧୦. ଚେନ୍ନାଇ ସୁପର କିଙ୍ଗ୍ସ- ଋତୁରାଜ ଗାୟକୱାଡ

ଆଫ୍ରିଦିଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଲେ କାନେରିଆ

ଲଣ୍ଡନ, ୧୬।୩: ପାକିସ୍ତାନର ପୂର୍ବତନ ଲେଗ୍ ସ୍ପିନର୍ ଦାନିଶ କାନେରିଆ ନିଜ ପୂର୍ବତନ ଅଧିନାୟକ ସାହିଦ ଆଫ୍ରିଦିଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଆଫ୍ରିଦି ତାଙ୍କ ଉପରେ ଧର୍ମପରିବର୍ତ୍ତନ କରିବାକୁ ଅହେତୁକ ଚାପ ପକାଉଥିଲେ ବୋଲି ଆମେରିକାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଅବସରରେ ଅଭିଯୋଗ କରିଛନ୍ତି ସେ। କାନେରିଆ କହିଛନ୍ତି, ପାକିସ୍ତାନରେ ଆମେ ସମ୍ମୁଖୀନ ହୋଇଥିବା ଭେଦବାଦ ବିଷୟରେ କହିବାକୁ ଆମେ ସମସ୍ତେ ଏକତ୍ର ହୋଇଛେ। ମୁଁ ମଧ୍ୟ ସେଠାରେ ମାନସିକ ଶୋଷଣ ଓ ଅସହ୍ୟ ଭେଦବାଦର ଶିକାର ହୋଇଥିଲି। ମୋତେ ଯେତିକି ସମ୍ମାନ ମିଳିବା କଥା ମିଳୁ ନଥିଲା। ଏହି ବିଷୟରେ ସଚେତନତା ସୃଷ୍ଟି କରିବାକୁ ମୁଁ ଆଜି ଏଠାକୁ ଆସିଛି। ପାକିସ୍ତାନ ଅଧିନାୟକଙ୍କ ମଧ୍ୟରୁ ଇଞ୍ଜାମାମ-ଉଲ୍-ହକ୍ ମୋତେ କିଛିଟା ସମର୍ଥନ କରିଥିଲେ। ଆଫ୍ରିଦି ଓ ଅଖତରଙ୍କ ଭଳି ଖେଳାଳି ମୋତେ ନିୟମିତ ଭାବେ ହଇରାଣ କରୁଥିଲେ। ସେମାନେ ମୋ ସହ ଖାଉ ନଥିଲେ। ବରଂ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ କରୁଥିଲେ। ଅନିଲ ଦଲପତଙ୍କ ପରେ କାନେରିଆ ଦ୍ୱିତୀୟ ହିନ୍ଦୁ କ୍ରିକେଟର୍ ଭାବେ ପାକିସ୍ତାନ ଦଳରୁ ଖେଳିଥିଲେ। ସେ ୬୧ ଟେଷ୍ଟରେ ପାକିସ୍ତାନର ପ୍ରତିନିଧିତ୍ୱ କରିଛନ୍ତି। ୧୮ ଦିନିକିଆ ମଧ୍ୟ ଖେଳିଛନ୍ତି। ଟେଷ୍ଟରେ ୧୫ ଥର ପାଞ୍ଚ ୱିକେଟ୍ ସଫଳତା ସହ ୨୬୧ ୱିକେଟ୍ କରାୟତ୍ତ କରିଛନ୍ତି ସେ। ତେବେ ସ୍ପଟ୍ ଫିକ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ ତାଙ୍କୁ ଆଜୀବନ ବାସନ୍ଦ କରିଥିଲା।

ସ୍ୱସ୍ତିଙ୍କୁ ରୌପ୍ୟ: ଅନ୍ତଃବିଶ୍ୱବିଦ୍ୟାଳୟ ଟ୍ରାକ୍ ସାଇକ୍ଲିଂ ଉଦ୍‌ଯାପିତ

ଭୁବନେଶ୍ୱର, ୧୬।୩: କିଟ୍ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ଟ୍ରାକ୍ ସାଇକ୍ଲିଂ ପ୍ରତିଯୋଗିତା

ଉଦ୍‌ଯାପିତ ହୋଇଛି। ମିନତି ମହାପାତ୍ର ଭେଲଡ୍ରୋମ୍‌ଠାରେ ଆୟୋଜିତ ଏହି ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶାର ସ୍ୱସ୍ତି ସିଂହ ରୌପ୍ୟ ପଦକ ଜିତିଛନ୍ତି। ଏହି କିଟ୍ ଛାତ୍ରୀ ମହିଳା ସ୍କ୍ରାଚ୍ ରେସ୍‌ରେ ଏହି ପଦକ କରାୟତ୍ତ କରିଥିଲେ। ଓଭରଅଲ୍ ଟିମ୍ ପୁରୁଷ ଓ ମହିଳାରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ବିଜେତା ହୋଇଛି। ପୁରୁଷରେ ୟୁନିଭର୍ସିଟି ଅଫ୍ କେରଳ ଦ୍ୱିତୀୟ ଓ ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛନ୍ତି। ମହିଳାରେ ବେଙ୍ଗାଲୁରୁ ନର୍ଥ ଏବଂ ଚଣ୍ଡିଗଡ଼ ୟୁନିଭର୍ସିଟି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ଖେଳାଳି ପୁରସ୍କାର ୟୁନିଭର୍ସିଟି ଅଫ୍ କେରଳର ଅଥର୍ବ ପାଟିଲ (ପୁରୁଷ) ଓ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର ପୂଜା ଧାନୋଲେ (ମହିଳା) ପାଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂହ, ଓଡ଼ିଶା ସାଇକ୍ଲିଂ ସଂଘ ସଭାପତି ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତି ମହାପାତ୍ର, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, ଏଆଇୟୁ ପର୍ଯ୍ୟବେକ୍ଷକ ଅନୀଲ କୁମାର, ଓଡ଼ିଶା ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ ରାଉତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ୫ ଦିନିଆ ପ୍ରତିଯୋଗିତାରେ ୪୧ ବିଶ୍ୱବିଦ୍ୟାଳୟରୁ ୪୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ।

ବ୍ରୁକ୍‌ଙ୍କୁ ୨ ବର୍ଷ ବାସନ୍ଦ କଲା ବିସିସିଆଇ

ନୂଆଦିଲ୍ଲୀ, ୧୬।୩: ଇଂଲଣ୍ଡ ଖେଳାଳି ହ୍ୟାରି ବ୍ରୁକଙ୍କୁ ଦୁଇ ବର୍ଷ ପାଇଁ ଆଇପିଏଲରୁ ବାସନ୍ଦ କରାଯାଇଛି। ବ୍ରୁକ୍ ଏବେ ତାଙ୍କର ଦୁଇ ବର୍ଷର ବାସନ୍ଦ ସମାପ୍ତ କରିବା ପରେ ହିଁ ଆଇପିଏଲରେ ଖେଳିପାରିବେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, କିଛି ଦିନ ପୂର୍ବରୁ ବ୍ରୁକ୍ ବ୍ୟକ୍ତିଗତ କାରଣରୁ ଆଇପିଏଲ ୨୦୨୫ରୁ ତାଙ୍କ ନାମ ପ୍ରତ୍ୟାହାର କରିନେବା ପରେ ବିସିସିଆଇ ଏହି କଠିନ ନିଷ୍ପତ୍ତି ନେଇଛି। ନୂତନ ନିୟମ ଅନୁଯାୟୀ ସେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ରୁ ୨ ବର୍ଷର ବାସନ୍ଦର ସମ୍ମୁଖୀନ ହୋଇଥିବା ପ୍ରଥମ କ୍ରିକେଟର ମଧ୍ୟ ହୋଇଛନ୍ତି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ ପୂର୍ବରୁ ହ୍ୟାରି ବ୍ରୁକ୍ ଆଇପିଏଲ ୨୦୨୫ରେ ନ ଖେଳିବା ସମ୍ପର୍କରେ ବିସିସିଆଇ ସହିତ ଯୋଗାଯୋଗ କରିଥିଲା। ଏହା ପରେ ବିସିସିଆଇ ମାଧ୍ୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ୍ କୁ ଏହି ସୂଚନା ଦିଆଯାଇଥିଲା। ଆପଣଙ୍କୁ ମନେ ପକାଇ ଦେଉଛୁ ଯେ ମେଗା ନିଲାମରେ ଦିଲ୍ଲୀ କ୍ୟାପିଟାଲ୍ସ ହ୍ୟାରି ବ୍ରୁକଙ୍କ ପାଇଁ ୬.୨୫ କୋଟି ଟଙ୍କା ନିଲାମ କରିଥିଲା। ହ୍ୟାରି ବ୍ରୁକଙ୍କୁ ବାସନ୍ଦ କରାଯିବାର କାରଣ ହେଉଛି ବିସିସିଆଇର ନୂତନ ନିୟମ ଅନୁଯାୟୀ ନିଲାମରେ ଯେକୌଣସି ବିଦେଶୀ ଖେଳାଳିଙ୍କୁ କିଣାଯିବ। ଯଦି ସେ ସିଜିନ୍ ଆରମ୍ଭ ହେବା ପୂର୍ବରୁ ଟୁର୍ଣ୍ଣାମେଣ୍ଟରୁ ତାଙ୍କ ନାମ ପ୍ରତ୍ୟାହାର କରନ୍ତି, ତେବେ ତାଙ୍କୁ ଆଇପିଏଲରୁ ୨ ବର୍ଷର ବାସନ୍ଦର ସମ୍ମୁଖୀନ ହେବାକୁ ପଡିବ। କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବିସିସିଆଇ ସମସ୍ତ ୧୦ ଫ୍ରାଞ୍ଚାଇଜଙ୍କ ଦାବିରେ ଏହି ନିୟମ କରିଛି କାରଣ ବିଶେଷକରି ଇଂଲଣ୍ଡର ଖେଳାଳିମାନେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଖେଳିବାକୁ ମନା କରୁଥିଲେ।

କେବେ ଫିଟ ହୋଇ ଫେରିବେ ସଂଜୁ ସାମସନ ?

ନୂଆଦିଲ୍ଲୀ, ୧୬।୩: ଆଇପିଏଲ ସିଜିନ୍ ଆରମ୍ଭ ହେବା ପୂର୍ବରୁ, ରାଜସ୍ଥାନ ରୟାଲ୍ସର ଖେଳାଳିମାନେ ଜୟପୁରରେ ଜୋରଦାର ଅଭ୍ୟାସ ଚଳାଇଛନ୍ତି। କିନ୍ତୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ ଅଭ୍ୟାସ ଶିବିରରେ ନାହାନ୍ତି। ତଥାପି, ରାଜସ୍ଥାନ ରୟାଲ୍ସ ମ୍ୟାନେଜମେଣ୍ଟ ଏବଂ ପ୍ରଶଂସକମାନେ ସେମାନଙ୍କ ଅଧିନାୟକଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି, କିନ୍ତୁ ପ୍ରଶ୍ନ ହେଉଛି ସଞ୍ଜୁ ସାମସନ କେବେ ରାଜସ୍ଥାନ ରୟାଲ୍ସ ଦଳରେ ଯୋଗଦେବେ? ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସଞ୍ଜୁ ସାମସନ ବର୍ତ୍ତମାନ ବେଙ୍ଗାଲୁରୁର ଜାତୀୟ କ୍ରିକେଟ ଏକାଡେମୀରେ ଥିବାବେଳେ ଶନିବାର କିମ୍ବା ରବିବାର ଶିବିରରେ ଯୋଗଦେବେ ବୋଲି ବିଶ୍ୱାସ କରାଯାଉଛି।

ତଥାପି, ସଞ୍ଜୁ ସାମସନଙ୍କ ଫିଟ୍ ହେବା ରାଜସ୍ଥାନ ରୟାଲ୍ସ ପାଇଁ ଏକ ଆଶ୍ୱସ୍ତି ଖବର। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ସଞ୍ଜୁ ସାମସନ ଆଇପିଏଲର ପ୍ରାରମ୍ଭିକ ମ୍ୟାଚ୍ ଖେଳିପାରିବେ ନାହିଁ, କିନ୍ତୁ ଏବେ ରାଜସ୍ଥାନ ରୟାଲ୍ସ ଟିମ୍ ମ୍ୟାନେଜମେଣ୍ଟ ଏବଂ ପ୍ରଶଂସକଙ୍କ ପାଇଁ ଖୁସି ଖବର ଆସୁଛି। ପ୍ରକୃତରେ, ସଞ୍ଜୁ ସାମସନ ଇଂଲଣ୍ଡ ସିରିଜ୍ ସମୟରେ ଆହତ ହୋଇଥିଲେ। ଇଂଲଣ୍ଡର ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଏକ ସର୍ଟ ବଲ୍ ସଞ୍ଜୁ ସାମସନ ହାତରେ ବାଜିଯାଇଥିଲା। ଆପଣଙ୍କୁ କହି ରଖୁଛୁ ଯେ ବର୍ତ୍ତମାନ ସଞ୍ଜୁ ସାମସନ ବେଙ୍ଗାଲୁରୁର ଜାତୀୟ କ୍ରିକେଟ ଏକାଡେମୀରେ ଅଛନ୍ତି। ଏପର୍ଯ୍ୟନ୍ତ ସଞ୍ଜୁ ସାମସନ ୧୬୭ଟି ଆଇପିଏଲ ମ୍ୟାଚ୍ ଖେଳି ସାରିଛନ୍ତି। ଏହି ୱିକେଟକିପର ବ୍ୟାଟସମ୍ୟାନ ତାଙ୍କ ଆଇପିଏଲ କ୍ୟାରିୟରରେ ୧୩୮.୯୭ ଷ୍ଟ୍ରାଇକ ରେଟ୍ ଏବଂ ୩୦.୬୯ ଆଭରେଜରେ ୪୪୧୯ ରନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସଞ୍ଜୁ ସାମସନ ୨୫ ଥର ପଚାଶ ରନ୍ ଅତିକ୍ରମ କରିଛନ୍ତି। ଇତିମଧ୍ୟରେ, ସଞ୍ଜୁ ସାମସନ ଆଇପିଏଲରେ ୩ଟି ଶତକ ମାରିସାରିଛନ୍ତି। ଯେତେବେଳେ ସର୍ବୋତ୍ତମ ସ୍କୋର ହେଉଛି ୧୧୯ ରନ୍। ଆପଣଙ୍କୁ କହି ରଖୁଛୁ ଯେ ସଞ୍ଜୁ ସାମସନ ରାଜସ୍ଥାନ ରୟାଲ୍ସରୁ ତାଙ୍କ ଆଇପିଏଲ କ୍ୟାରିୟର ଆରମ୍ଭ କରିଥିଲେ। ତଥାପି, ଏହା ପରେ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ, କିନ୍ତୁ ଆଇପିଏଲ ୨୦୧୮ ସିଜିନରେ ସଞ୍ଜୁ ସାମସନ ତାଙ୍କର ପୁରୁଣା ଦଳକୁ ଫେରି ଆସିଥିଲେ।

ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ମହମଦୁଲ୍ଲାଙ୍କ ଅବସର

ଢାକା, ୧୬।୩: ବାଂଲାଦେଶର ସ୍ୱର୍ଣ୍ଣିମ କ୍ରିକେଟ୍ ଯୁଗର ଆଉ ଏକ ସ୍ତମ୍ଭ ଗଡ଼ିଛି। ତମିମ ଇକବାଲ୍, ସକିବ-ଅଲ୍-ହାସନ ଓ ମୁସଫିକର ରହିମଙ୍କ ଭଳି ଶ୍ରେଷ୍ଠ ବାଂଲାଦେଶୀ କ୍ରିକେଟର୍‌ଙ୍କ ସମସାମୟିକ ତଥା ଆଇସିସି ପ୍ରତିଯୋଗିତାଗୁଡ଼ିକରେ ବାଂଲାଦେଶକୁ ଅନେକ ସ୍ମରଣୀୟ ବିଜୟ ଉପହାର ଦେଇଥିବା ମହମଦୁଲ୍ଲା ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ପୂର୍ବରୁ ଟ୍ୱେଣ୍ଟି-୨୦ ଓ ଟେଷ୍ଟରୁ ଅବସର ଘୋଷଣା କରି ସାରିଥିବାରୁ ମହମଦୁଲ୍ଲାଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ ଜୀବନରେ ଗୁରୁବାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଗତମାସରେ ୩୯ବର୍ଷ ବୟସରେ ପାଦ ଥାପିଥିବା ଏହି ବିସ୍ଫୋରକ ମଧ୍ୟକ୍ରମ ବ୍ୟାଟର୍ ତଥା ମଧ୍ୟମଗତି ବୋଲର୍ ୨୦୨୧ରେ ଟେଷ୍ଟ ଏବଂ ୨୦୨୪ରେ ଟ୍ୱେଣ୍ଟି-୨୦ରୁ ସନ୍ନ୍ୟାସ ନେଇଥିଲେ। ଏବେ ଦିନିକିଆ ମଧ୍ୟ ଛାଡ଼ିଛନ୍ତି। ମୁସଫିକର ରହିମ,

ସକିବ-ଅଲ୍-ହାସନ ଓ ତମିମ ଇକବାଲଙ୍କ ପରେ ବାଂଲାଦେଶର ଚତୁର୍ଥ ସର୍ବାଧିକ ଏକଦିବସୀୟ ରନ୍ ସଂଗ୍ରହକାରୀ ଭାବେ ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ମହମଦୁଲ୍ଲାଙ୍କ ଭିଣୋଇ ତଥା ବାଂଲାଦେଶ କ୍ରିକେଟ୍‌ର ଅନ୍ୟତମ ସଫଳ ତାରକା ମୁସଫିକର ରହିମ ମଧ୍ୟ ଗତ ସପ୍ତାହରେ ଦିନିକିଆ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଫଳରେ ବାଂଲାଦେଶ କ୍ରିକେଟ୍‌ରେ ଏକ ଯୁଗର ଅବସାନ ଘଟିଛି। ୨୦୨୫-୨୬ କ୍ରିକେଟ୍ ଋତୁର କେନ୍ଦ୍ରୀୟ ଚୁକ୍ତି ଲାଗି ତାଙ୍କ ନାମକୁ ବିଚାରକୁ ନନେବାକୁ ମହମଦୁଲ୍ଲା ଅନୁରୋଧ କରିଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ ସୂଚନା ଦେବାର କିଛି ଘଣ୍ଟା ପରେ ପ୍ରେସ୍ ବିଜ୍ଞପ୍ତି ଜାରି କରି ନିଜ ଅବସର ବିଷୟରେ ସୂଚନା ଦେଇଛନ୍ତି ମହମଦୁଲ୍ଲା। ସେ ୫୦ ଟେଷ୍ଟ, ୨୩୯ ଦିନିକିଆ ଓ ୧୪୧ ଟ୍ୱେଣ୍ଟି-୨୦ରେ ବାଂଲାଦେଶର ପ୍ରତିନିଧିତ୍ୱ କରିଛନ୍ତି।

ଟେଷ୍ଟରେ ୨୯୧୪ ଏବଂ ଟ୍ୱେଣ୍ଟି-୨୦ରେ ୨୪୪୪ ରନ୍ କରିଛନ୍ତି। ଦିନିକିଆ କ୍ରିକେଟ୍‌ରେ ସବୁଠୁ ବେଶି ସଫଳତା ଲାଭ କରି ୪ ଶତକ ଏବଂ ୩୨ ଅର୍ଦ୍ଧଶତକ ବଳରେ ୫୬୮୯ ରନ୍ କରିଛନ୍ତି। ସଂଯୋଗବଶତଃ ତାଙ୍କର ଚାରିଟି ଯାକ ଶତକ ଆଇସିସି ପ୍ରତିଯୋଗିତାରେ ଆସିଛି। ମହମଦୁଲ୍ଲା ମଧ୍ୟ ଦିନିକିଆରେ ୮୨ ଏବଂ ଟେଷ୍ଟ ଓ ଟ୍ୱେଣ୍ଟି-୨୦ରେ ଯଥାକ୍ରମେ ୪୩, ୪୧ ୱିକେଟ୍ ଅକ୍ତିଆର କରିଛନ୍ତି। ଅବସର ଘୋଷଣା କରିବାକୁ ଯାଇ ସେ ନିଜ ଫେସବୁକ୍ ପୃଷ୍ଠାରେ ଲେଖିଛନ୍ତି, ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିବାକୁ ମୁଁ ଆଜି ନିଷ୍ପତ୍ତି ନେଇଛି। ସାଥୀ ଖେଳାଳି, ପ୍ରଶିକ୍ଷକ ଏବଂ ସ୍ୱତନ୍ତ୍ର ଭାବେ ମୋ ପ୍ରଶଂସକଙ୍କୁ ସେମାନେ ଦେଇଥିବା ଭଲପାଇବା ଓ ସମର୍ଥନ ଲାଗି ଧନ୍ୟବାଦ ଦେବାକୁ ଚାହିବି। ମୋ ପରିବାରକୁ ମଧ୍ୟ ମୁଁ ହୃଦୟର ଗଭୀରତମ କୋଣରୁ କୃତଜ୍ଞତା ଦେଉଛି। ସେମାନଙ୍କ ସମର୍ଥନ ଓ ଭଲପାଇବା ବିନା ମୁଁ ଏତେ ବାଟ ଆଦୌ ଆସି ପାରି ନଥା'ନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆରପାରିରେ...

ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ରଚିତ କାବ୍ୟକବିତା ଇଂରାଜୀ ଓ ୮ଟି ଭାରତୀୟ ଭାଷାରେ ମଧ୍ୟ ଅନୁଦିତ। ଉଲ୍ଲେଖଯୋଗ୍ୟ, ୧୯୯୩ରୁ ୧୯୯୮ ଯାଏଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ରହିବା ସହ ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୦୯ରେ ସେ ସମ୍ମାନଜନକ ସାହିତ୍ୟ ଏକାଡେମୀ ଫେଲୋସିପ ଲାଭ କରିଥିଲେ। ଏହି ସମ୍ମାନ ଲାଭ କରିବାରେ ସେ ୩ୟ ଓଡ଼ିଆ ହୋଇଥିଲେ। ସେହିପରି ସ୍ୱକୀୟ ସୃଜନ ପ୍ରତିଭା ଲାଗି ସେ ବିଭିନ୍ନ ସମ୍ମାନ ଓ ପୁରସ୍କାର ଲାଭ କରିଥିଲେ।

ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୦୬ରେ ପଦ୍ମଭୂଷଣ ଉପାଧି ପ୍ରଦାନ କରାଯାଇଥିଲା। ଏଥିରେ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ (୨୦୧୮), ବିଷୁବ ପୁରସ୍କାର (୧୯୯୧), ଝଙ୍କାର କବିତା ପୁରସ୍କାର (୧୯୭୦), ସାରଳା ସମ୍ମାନ (୨୦୧୧), ସାହିତ୍ୟ ଭାରତୀ ସମ୍ମାନ (୨୦୦୬), କଳିଙ୍ଗ ରତ୍ନ (୨୦୦୯) ଓ ଉତ୍କଳ ରତ୍ନ (୨୦୧୭) ଆଦି ପ୍ରମୁଖ। କବି ଶ୍ରୀ ରଥଙ୍କ ବିୟୋଗରେ ରାଜ୍ୟ ସାହିତ୍ୟ ଜଗତର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କଙ୍କୁ ହରାଇଥିବା ବେଳେ ଏହା ସାହିତ୍ୟିକ ମହଲରେ ଶୋକର ଛାୟା ଖେଳାଇଦେଇଛି। ଶ୍ରୀ ରଥଙ୍କର ୩ଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ଶୋକବାର୍ତ୍ତାରେ ଶ୍ରୀ ରଥ ତାଙ୍କର ଚମତ୍କାର ଲେଖା ମାଧ୍ୟମରେ ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଥିଲେ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ଏକ୍ସ'ରେ ଶ୍ରୀ ରଥଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ କବିତା ସମାଜର ପ୍ରତିଟି ବର୍ଗକୁ ଛୁଇଁପାରିଥିଲା ଏବଂ ଜଣେ ଉଚ୍ଚସ୍ତରୀୟ ସାହିତ୍ୟିକ ସହ ସଫଳ ପ୍ରଶାସକ ତାଙ୍କ ବ୍ୟକ୍ତିତ୍ୱର ପରିଚାୟକ ଥିଲା ବୋଲି ଉଲ୍ଲେଖ କରିଛନ୍ତି। ଆସନ୍ତାକାଲି ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସ୍ୱର୍ଗତଃ ରଥଙ୍କ ସାନଝିଅ ସୂଚନା ଦେଇଛନ୍ତି।

ଜଳୁଛି...

ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନରୁ ଜଣାପଡ଼ିଛି। ଆସନ୍ତା ୩ ଦିନ ପାଇଁ ରାଜ୍ୟରେ ଏହି ଗ୍ରୀଷ୍ମଲହରୀ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସତର୍କ କରାଇଦିଆଯାଇଛି। ଝାରସୁଗୁଡ଼ା, କଳାହାଣ୍ଡି ଓ ସମ୍ବଲପୁର ପାଇଁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ଅନୁଗୁଳ, ସୁନ୍ଦରଗଡ, ସୋନପୁର ଓ ବୌଦ୍ଧରେ ଅତ୍ୟଧିକ ଖରା ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ବଲାଙ୍ଗୀର, ଗଜପତି, କଟକ ଓ ଖୋର୍ଦ୍ଧା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନଥିଲେ ହେଁ ୨୧ ତାରିଖଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ୨୦ ତାରିଖ ପରେ ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଦିନକୁ ଦିନ ଦିନବେଳା ତାପମାତ୍ରା ବଢୁଥିବାରୁ ଖୁବ୍‌ଶୀଘ୍ର ରାଜ୍ୟରେ ସକାଳୁଆ ହେବ ବୋଲି ସ୍କୁଲ। ରାଜ୍ୟରେ ସାଧାରଣତଃ ଏପ୍ରିଲ୍‌ରେ ସକାଳୁଆ ସ୍କୁଲ୍ ହେଉଥିଲେ ହେଁ ଚଳିତ ବର୍ଷ ଏହା ଆଗୁଆ ହେବାର ସମ୍ଭାବନା ରହିଛି। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏନେଇ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି କରାଯିବ। ଏବେ ଏହା ଉପରେ ସରକାର ଆଲୋଚନା କରୁଛନ୍ତି ଓ ଦିନେ/ଦୁଇ ଦିନ ଭିତରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହେବ।

୬୪ ମାଓବାଦୀଙ୍କ...

ଥିବା ଓ ବର୍ତ୍ତମାନ ଛତିଶଗଡ଼ରେ ପୁଲିସ କ୍ୟାମ୍ପ ପ୍ରତିଷ୍ଠା କରି ମାଓବାଦୀଙ୍କୁ ଗିରଫ କରିବା ସହ ଏନ୍‌କାଉଣ୍ଟର୍ କରୁଥିବାରୁ ଏହି ମାଓବାଦୀମାନେ ଆତ୍ମସମର୍ପଣ ପନ୍ଥା ବାଛିନେଇଛନ୍ତି। ଅନ୍ୟପକ୍ଷରେ ବଡ଼ ବଡ଼ ମାଓନେତାମାନେ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ କୌଣସି ସୁରକ୍ଷା ଦେଉ ନ ଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ଏହି ମାଓବାଦୀମାନେ ତେଲଙ୍ଗାନା ଭଦ୍ରାଦ୍ରି କଟାଗୁଡେମ ଜିଲା ଆଇଜି ଚନ୍ଦ୍ରଶେଖର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏକକାଳୀନ ଏତେ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଲାଲ୍ ବାହିନୀ ଦମ୍ଭ ଦୁର୍ବଳ ହେବା ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି।

ରାଜା...

ଟ୍ରୋଲ ହେବା ସହିତ ନିଜ ଦଳର ନେତାଙ୍କୁ ଟ୍ରୋଲ କରୁଛନ୍ତି ଏବଂ ଦଳରେ ଥିବା କିଛି ଲୁଟେରାଙ୍କ ମୁଖା ଖୋଲିବାରେ ଲାଗିଛନ୍ତି। ଖଣି ପଇସା ଚଳୁ କରି ରାଜା ଚକ୍ର ଗିରଫ ହେବା ଓ ତାଙ୍କ ଗଡଫାଦର୍ ଆଗୁଆ ଜାମିନ ପାଇଲା ପରେ ହଠାତ୍ ବିଜେଡିର କିଛି ନେତା ସୋସିଆଲ ମିଡିଆରେ ସକ୍ରିୟ ହୋଇଛନ୍ତି। ତେବେ ଏମାନେ ଯେଉଁଭଳି ଭାବେ ଟ୍ରୋଲ ହେଉଛନ୍ତି, ସେଥିରେ ସେମାନଙ୍କର ରାଜନୈତିକ ପତନ ହେବ ବୋଲି କର୍ମୀମାନେ ଖୋଲାଖୋଲି ଭାବେ କହୁଛନ୍ତି। ଅବସ୍ଥା ଏପରି ହୋଇଛି ଯେ ସଭାସମିତିର ଫଟୋ ପକାଇଲେ ବି ସେମାନଙ୍କୁ ଟ୍ରୋଲ ହେବାକୁ ପଡୁଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ, ଦଳରେ ଥିବା ଅସନ୍ତୁଷ୍ଟ ନେତାମାନେ ଏଭଳି ଆଗଚଲା ଓ ତେଲମରା ନେତାଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓ ମଉକା ଦେଖି ସେମାନେ ଟ୍ରୋଲ କରିବାକୁ ପଛାଉନାହାନ୍ତି। ଏଥିରେ କାହାର ଲାଭ ହେଉ କି ନହେଉ, ବିନା ପରିଶ୍ରମରେ ଶାସକ ଦଳର କିନ୍ତୁ ଲାଭ ହିଁ ଲାଭ ହେବାରେ ଲାଗିଛି।

ଆଇନଶୃଙ୍ଖଳା...

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ନୂଆ ସରକାର ଏହି ଆଠ ମାସରେ ଆଇନଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଦେଇଛନ୍ତି। ହୋଲିରେ ହିଁ ହତ୍ୟାକାଣ୍ଡ ହେଉଛି। ଭୁବନେଶ୍ୱର ପରି ସିଟି ଯାହା ହାଏ ସିକ୍ୟୁରିଟିରେ ରହୁଛି ବୋଲି କୁହାଯାଏ, ସେଠି ବି ହତ୍ୟା ହେଲା। ମା'ମାନେ ଏଠି ଅସୁରକ୍ଷିତ, ନାବାଳିକା ମା' ହେଉଛନ୍ତି। ସରକାର ନାରୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଣିବା ସହ ମୁଖ୍ୟମନ୍ତ୍ରୀ ନାରୀ ସୁରକ୍ଷା ପାଇଁ ଗୃହରେ ପ୍ରତିଶ୍ରୁତି ଦେବା ଦରକାର। ଏହା ନ ହେବା ଯାଏଁ କଂଗ୍ରେସର ପ୍ରତିବାଦ ଜାରି ରହିବ।

ଆସନ୍ତାକାଲି ବି କଂଗ୍ରେସ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଛନ୍ତି। ସେହିଭଳି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ସରକାର ବହୁତ ନାରାବାଜି କରିଥିଲେ ହୋଲିରେ ଶାନ୍ତି ଶୃଙ୍ଖଳା ରଖିବେ ବୋଲି। ହେଲେ ରାଜ୍ୟ ସାରା ୭ଟି ହତ୍ୟାକାଣ୍ଡ ସହ ଅନେକ ହିଂସାକାଣ୍ଡରେ ଲୋକେ ଆହତ ହୋଇଛନ୍ତି। ମହାନଗର ନିଗମରେ ମହା ମର୍ଡର ଓ ସ୍ମାର୍ଟ ନଗରରେ ସ୍ମାର୍ଟ ମର୍ଡର ହୋଇଛି। ସରକାର ନିଦ୍ରାରେ ଅଛନ୍ତି, ଶହ ଶହ ହତ୍ୟା ଏହି ନଅ ମାସରେ ହେଲାଣି। ଅପରାଧୀ ଏହି ସରକାର ସମୟରେ ଅପରାଧ ଘଟାଉଛନ୍ତି, କାରଣ ସେମାନେ ଜାଣିଛନ୍ତି ସରକାର ଦୁର୍ବଳ। ହୋଲିକୁ ଅପରାଧରେ ସରକାର ଅପବିତ୍ର କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ବିରୋଧୀ ଦଳ ଅଭିଯୋଗର ଜବାବ ଦେଇଛନ୍ତି ବିଜେପି ବିଧାୟକ ବାବୁ ସିଂ। ସେ ଆଇନଶୃଙ୍ଖଳାକୁ ନେଇ ଚିନ୍ତା ବ୍ୟକ୍ତ କରିବା ସହ ୨୪ ଘଣ୍ଟାରେ ଅପରାଧୀ ଧରାପଡ଼ିବା ସରକାରଙ୍କ ଜିରୋ ଟଲରାନ୍ସ ନୀତିକୁ ସୂଚାଉଛି ବୋଲି କହିଛନ୍ତି। ଲୋକେ କିପରି ନ୍ୟାୟ ପାଇବେ ସରକାର ସେଥିପାଇଁ ପ୍ରତିଶ୍ରୁତିବଦ୍ଧ। ବିଗତ ସରକାରରେ ଅପରାଧୀଙ୍କୁ ଧରିବାକୁ ସମୟ ଲାଗୁଥିଲା। ଏହି ସରକାରରେ କିନ୍ତୁ ୨୪ ଘଣ୍ଟାରେ ଅପରାଧୀ ଧରାପଡ଼ି କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଉଛି। କଂଗ୍ରେସ ସମୟରେ ଛବି ରାଣୀ, ଅଞ୍ଜନା ମିଶ୍ରଙ୍କ ପରି ନାରୀ ନିର୍ଯାତନା ଘଟୁଥିଲା। ସେ ସମୟରେ ଅପରାଧୀ ଅପରାଧ କରି ନିର୍ଭୟରେ ବୁଲୁଥିଲେ। ବିଜେଡି ସମୟରେ ପରୀ, ନବ ଦାସ ହତ୍ୟା ପରି ଘଟଣା ଘଟିଥିଲା ବୋଲି ସେ କହିଛନ୍ତି।

ଏସ୍‌ପିଙ୍କ...

ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇ ମନ୍ଦିର ବାହାର ଓ ଭିତର ଦୃଶ୍ୟ କଏଦ କରାଯାଇଛି। ବ୍ଲଗର୍ ଜଣଙ୍କ ଶ୍ରୀମନ୍ଦିର ବିଷୟରେ ଅନେକ ସୂଚନା ମଧ୍ୟ ଭିଡିଓରେ ଦେଇଛନ୍ତି। ଶ୍ରୀମନ୍ଦିର ଭିତର ବେଢ଼ା ଦୃଶ୍ୟମାନ ହେଉଛି। ଭିଡିଓଟି ୟୁଟ୍ୟୁବ୍‌ରେ ୭ ଦିନ ତଳେ ଅପଲୋଡ୍ ହୋଇଥିବା ବେଳେ କେବେ ଉତ୍ତୋଳନ ହୋଇଛି ଜଣାପଡ଼ିନାହିଁ । ସେପଟେ ଶନିବାର ଶ୍ରୀମନ୍ଦିର ଭିତରେ ଫଟୋ, ଭିଡିଓ ଉତ୍ତୋଳନ କରୁଥିବା ଜଣେ ଯୁବକଙ୍କୁ ଅଟକ ରଖିଥିଲା ସିଂହଦ୍ୱାର ଥାନା ପୁଲିସ। ୨୬ ବର୍ଷୀୟ ଯୁବକ ଜଣଙ୍କ ଶ୍ରୀମନ୍ଦିର ଭିତରେ ଏକ ଡିଜେଆଇ ସ୍ମାଏ କ୍ୟାମେରାରେ ଫଟୋ, ଭିଡିଓ ଉଠାଉଥିଲେ। ମେମୋରୀ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ଯୁବକ ଜଣଙ୍କ ଜଗନ୍ନାଥ ମନ୍ଦିର ଆଇନ-୧୯୫୪ର ଧାରା ୩୦(ଏ) ୪ (ସି) ଉଲ୍ଲଂଘନ କରିଛନ୍ତି ।

ଏହାପରେ ପୁଲିସ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବକଙ୍କୁ ସିଂହଦ୍ୱାର ଥାନାକୁ ନେଇ ପଚରାଉଚରା କରିଥିଲା। କ୍ୟାମେରାକୁ ପୁଲିସ ଜବତ କରିଥିବା ବେଳେ ମେମୋରିରୁ ମିଳିଥିଲା ମନ୍ଦିର ଭିତରର ଫଟୋ ଓ ଭିଡିଓ। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ଉପରେ କଟକଣା ରହିଥିବା ବେଳେ ମନ୍ଦିର ଭିତରକୁ ମୋବାଇଲ୍ ଓ କ୍ୟାମେରା ବାରଣ ରହିଛି। ମନ୍ଦିର ପ୍ରବେଶ ପୂର୍ବରୁ ପୋଲିସ ଜଗି ରହିଥିବା ବେଳେ ମେଟାଲ୍ ଡିଟେକ୍ଟର ବି ଲାଗିଛି । ସନ୍ଦେହ ହେଲେ ପୋଲିସ ଶ୍ରଦ୍ଧାଳୁଙ୍କ ପକେଟ୍ ସହ ବ୍ୟାଗ୍ ବି ଯାଞ୍ଚ କରୁଛି । ତଥାପି ତମାମ୍ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କିଭଳି ମନ୍ଦିର ଭିତରକୁ କ୍ୟାମେରା ନେଇ ଯିବାରେ କେହି ସଫଳ ହେଉଛି ? ଶ୍ରୀମନ୍ଦିର ସୁରକ୍ଷାରେ ପୋଲିସ ଢିଲା ମାରୁଛି ନା କିଛି ଅର୍ଥ ଆଶାରେ ସୁରକ୍ଷାକୁ ବଳି ଦିଆଯାଉଛି ?

ବର୍ତ୍ତମାନର ପୁରୀ ଏସପି ଭିନୀତ ଅଗ୍ରୱାଲଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ପୂର୍ବରୁ ସେ ଯାଜପୁର ଏସପି ଥିବା ବେଳେ ମଧ୍ୟ ଏହିଭଳି ତାଙ୍କ ନାଁରେ ଏକାଧିକ ଅଭିଯୋଗ ଉଠୁଥିଲା। ତତ୍କାଳୀନ ବିଜେଡି ସରକାରର ଗେହ୍ଲାପୁଅ ସାଜି ରାଜନୈତିକ ବିଚାରଧାରାରେ ଆଇନର ଗୋଟି ଚଳାଉଥିଲେ। ଯେଉଁଥିପାଇଁ ସେତେବେଳେ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଉଠିଥିଲା। ଏବେ ସେ ଓଡିଆ ଅସ୍ମିତାର ନାରା ଦେଇ ପୁରୀ ଭଳି ସମ୍ବେଦନଶୀଳ ଓ ପ୍ରଶାସନିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛନ୍ତି। ଆଗକୁ ରଥଯାତ୍ରା, ଏଭଳିସ୍ଥିତିରେ ପୁରୀ ଏସପି ଯଦି ନିଦ ଆଦବ କାଇଦା ନବଦଳାନ୍ତି ତେବେ ରଥଯାତ୍ରା ବିଶୃଙ୍ଖଳାକୁ ଏଡାଇଦିଆଯାଇପାରିବ ନାହିଁ ବୋଲି ସେବାୟତମାନେ କହିଲେଣି।

ଆତ୍ମଘାତୀ...

ସେମାନଙ୍କ କବଳରୁ ସମସ୍ତ ପଣବନ୍ଦୀଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ଏହି ବିଚ୍ଛିନ୍ନତାବାଦୀ ଗୋଷ୍ଠୀର ସଦସ୍ୟମାନେ ପୁଣିଥରେ ଆକ୍ସନ୍‌କୁ ଆସିଛନ୍ତି। ସେମାନେ ଆଜି ପାକିସ୍ତାନ ସେନାର ଏକ ବସ୍ ଉପରେ ଆତ୍ମଘାତୀ ଆକ୍ରମଣ କରିବା ଫଳରେ ୯୦ ଜଣ ଯବାନ ଶହୀଦ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ବିଏଲ୍‌ଏ ନିଜକୁ ଦାୟୀ କରିବା ସହ ଉପରୋକ୍ତ ସଂଖ୍ୟକ ସେନା ଶହୀଦ ହୋଇଥିବା ଦାବି କରିଛି। ଉକ୍ତ ସେନା ବସ୍‌ଟି କ୍ୱେଟାରୁ ତଫତାନ ଅଭିମୁଖେଯାଉଥିବା ସମୟରେ ବିଏଲ୍‌ଏର ଏକ ଆଇଇଡି ଭର୍ତ୍ତି ଗାଡ଼ି ତାକୁ ଧକ୍କା ଦେଇଥିଲା। ଫଳରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା।

ତେବେ ଏହି ବିସ୍ଫୋରଣରେ ମାତ୍ର ୭ ଜଣ ଯବାନ ଶହୀଦ ହୋଇଥିବା ପାକିସ୍ତାନ ଆର୍ମି ପକ୍ଷରୁ କୁହାଯାଇଛି। ସେନାର ଯବାନମାନେ ଏକକାଳୀନ ୭ଟି ବସ୍ ଓ ୨ଟି ବାଇକ୍‌ରେ ଯାତ୍ରା କରୁଥିବା ସମୟରେ ସେଥିମଧ୍ୟରୁ ଗୋଟିଏ ବସ୍‌କୁ ବିଏଲ୍‌ଏର ଆତଙ୍କୀମାନେ ଟାର୍ଗେଟ୍ କରିଥିଲେ। ନୋକ୍‌ସିସ୍ଥିତ ଆରସିଡି ରାଜପଥରେ ରକ୍ଷନ୍ ମିଲ୍ ନିକଟରେ ଏହି ଅଘଟଣ ଘଟାଇଥିବା ବିଏଲ୍‌ଏ ସଂଗଠନ ଦାବି କରିଛି ଯେ ଉକ୍ତ ପାକ୍ ସେନା ଗାଡ଼ିରେ ଯାତ୍ରା କରୁଥିବା

ଜଣେ ବି ଯାତ୍ରୀ ଜୀବିତ ନାହାନ୍ତି। ସୂଚନାଯୋଗ୍ୟ ଯେ ବଲୁଚିସ୍ତାନ ହେଉଛି ପାକିସ୍ତାନର ସବୁଠୁ ବଡ଼ ଅଞ୍ଚଳ ହୋଇଥିବା ବେଳେ ଏହା ସମଗ୍ର ପାକିସ୍ତାନର ୪୪ ପ୍ରତିଶତ। ପାକିସ୍ତାନ ଜନସଂଖ୍ୟାର ୬ ପ୍ରତିଶତ ଲୋକ ଏଠାରେ ବସବାସ କରୁଥିଲେ ହେଁ ସରକାର କ୍ରମାଗତ ଭାବେ ଉକ୍ତ ଅଞ୍ଚଳକୁ ଅଣଦେଖା କରୁଥିବା ବିଏଲ୍‌ଏ ଅଭିଯୋଗ କରିଆସୁଛି।

ବୋମା ମାଡ ଘଟଣା ; ୨ ଅଟକ

ବ୍ରହ୍ମପୁର, ୧୬।୩ (ସଂଚାର ବ୍ୟୁରୋ): ଘର ଉପରକୁ ବୋମା ମାଡ କରିବା ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ୍ ଅଟକ ରଖିଛି। ଏହାସହ ଗୋପାଳପୁର ଥାନା ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଶନିବାର ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ ବଡ଼ଗୁମୁଳା ଗ୍ରାମର ପ୍ରଦୀପ ବେହେରାଙ୍କ ଘର ଦାଣ୍ଡରେ ବୋମାମାଡ଼ କରିଥିଲେ ଦୁଇ ଦୁର୍ବୃତ୍ତ । ପ୍ରଦୀପ ଏଥିପାଇଁ ତାଙ୍କ ବାପାଙ୍କୁ ଦାୟୀ କରିଥିଲେ। ପ୍ରଦୀପଙ୍କ ବାପା କେଦାର ବେହେରା ଅଲଗା ହୋଇ ଗାଁର ଅନ୍ୟତ୍ର ରହୁଛନ୍ତି। ଅଭିଯୋଗ ପରେ ଗୋପାଳପୁର ପୁଲିସ ଘଟଣାର ତଦନ୍ତ କରି ୨ଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି ।

ଲୁଗା ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ

ବାଲିଅନ୍ତା, ୧୬।୩ (ସଂଚାର ବ୍ୟୁରୋ): ବାଳକାଟି ଫାଣ୍ଡି ଅଧୀନ ରଥିଜେମା ଅଜାଣେଶ୍ୱର ବଜାରରେ ଗତକାଲି ବିଳମ୍ବିତ ରାତିରେ ସିନ୍ଧିଚୋର ଏକ ଡ୍ରେସଷ୍ଟୋର କଳାକନା ବୁଲାଇଦେଇଛନ୍ତି। ଦୋକାନ ଟିଣଚାଦର କାଟି ଦେଢ଼ ଲକ୍ଷ ଟଙ୍କାର ଲୁଗାପଟା ଓ ପୋଷାକ ସମେତ ନଗଦ ୩୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୋକାନୀ ଦୀପକ କୁମାର ସାହୁ ବାଳକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇପାରିନି । ସୂଚନା ଅନୁସାରେ ସବୁଦିନ ଭଳି ଦୀପକ ଗତକାଲି ରାତି ସାଢ଼େ ୧୦ଟା ବେଳେ ଦୋକାନ ବନ୍ଦ କରି ଘରକୁ ପଳାଇ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଟିଣ ଚାଦର କାଟି ପ୍ରାୟ ୨ ଲକ୍ଷ ଟଙ୍କାର ଲୁଗାପଟା ଓ ପୋଷାକ ଲୁଟି ନେଇଛନ୍ତି। ଲୁଟ ସାମଗ୍ରୀ ମଧ୍ୟରେ ରହିଛି ଦାମୀ ଜିନସ ପ୍ୟାଣ୍ଟ ସାର୍ଟ ଠାରୁ ଆରମ୍ଭ କରି ପାଟବସ୍ତ୍ର, କୁର୍ତ୍ତା ଓ ଅନ୍ୟାନ୍ୟ ସାମଗ୍ରୀ । ଦୀପକ ଲକ୍ଷାଧିକ ଟଙ୍କାର ନୂଆ ପୋଷାକ ଦୁଇଦିନ ପୂର୍ବେ କିଣି ଷ୍ଟକ ରଖିଥିଲେ।

ହୋଲିରେ ଗଣ୍ଡଗୋଳ, ୧୦ ଗିରଫ

କଣାସ, ୧୬।୩ (ସଂଚାର ବ୍ୟୁରୋ): କଣାସ ବ୍ଲକର କଣାସ ଥାନା ପରିସରଭୁକ୍ତ ୧୨ଟି ଗ୍ରାମପଞ୍ଚାୟତ ଏବଂ ଗଡ଼ିଶାଗୋଦା ଥାନା ପରିସଭୁକ୍ତ ୧୫ଟି ଗ୍ରାମପଞ୍ଚାୟତରେ ଗତକାଲି ଶାନ୍ତିପୂର୍ଣ୍ଣ ଭାବେ ହୋଲି ଉତ୍ସବ ପାଳନ ହୋଇଥିବା ବେଳେ କଣାସ ଥାନା ପରିସରଭୁକ୍ତ ଅଣ୍ଡାଳିସଂହ ଗ୍ରାମପଞ୍ଚାୟତ ରୁଢୁପୁର ଗ୍ରାମରେ ହୋଲିଖେଳକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଙ୍ଘର୍ଷ ଘଟି ୧୦ଜଣ ଆହତ ହେବା ସହିତ ଉଭୟ ପକ୍ଷର ଏତଲା କ୍ରମେ କଣାସ ଥାନା ଆଇ.ଆଇ.ସି ପ୍ରଦୀପ କୁମାର ଜୁଝାରସିଂହ ଦୁଇଟି ମକଦମା ରୁଜୁ କରି ୧୦ଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲଣ କରିଥିବା ଜଣାପଡ଼ିଛି। ସେହିପରି ହୋଲିରେ କେତେକ ଯୁବକ ମଦ୍ୟପାନ କରି ଦୁର୍ଘଟଣାଗ୍ରସ୍ତ ହୋଇ ଡାକ୍ତରଖାନା ଆସିଥିବା ଦେଖିବା ମିଳିଥିଲା।

ରକ୍ତ ରଞ୍ଜିତ ହେଲା ହରିଅଙ୍କ ମେଲଣ

ଡେରାବିଶ, ୧୬।୩ (ସଂଚାର ବ୍ୟୁରୋ): ହରିଅଙ୍କ ମେଲଣରେ ବୁଲିଲା ମାରଣାସ୍ତ୍ର । ରକ୍ତ ରଂଜିତ ହେଲା କେନ୍ଦ୍ରାପଡ଼ା ପ୍ରସିଦ୍ଧ ହରିଅଙ୍କ ମେଲଣ ପଡିଆ। ଗୋଷ୍ଠି ସଂଘର୍ଷରେ ଏକାଧିକ ହେଲେ ଆହତ। ଡେରାବିଶ ବ୍ଲକ ଅଧୀନ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ପ୍ରସିଦ୍ଧ ହରିଅଙ୍କ ମେଲଣରେ ବ୍ୟାପକ ବିଶୃଙ୍ଖଳା ଓ ଅଭାବନୀୟ ସ୍ଥିତି ଉପୁଜିଛି। ମେଲଣ ପଡିଆରେ ଦାନପୁରର ବିମାନ ଆସିବା ସମୟରେ କିଛି ସ୍ଥାନୀୟ ଯୁବକ ଅସଦ ଆଚରଣ କରିଥିବା କହି ଦାନପୁର ଗାଁର କିଛି ଲୋକ ଜଣେ ଯୁବକଙ୍କୁ ଗୋଡେଇ ଗୋଡେଇ ହାଣିଥିଲେ। ତେବେ ଘଟଣାକୁ ନେଇ ମେଲଣ ପଡିଆରେ ଏକାଧିକ ଠାକୁର ବିମାନ ଆଗରେ ଦୁଇ ଗାଁ ଭିତରେ ଗୋଷ୍ଠି ସଂଘର୍ଷ ଜାରି ରହିଥିଲା। ମାରଣାଅସ୍ତ୍ର ସମେତ କାଠ ଫାଳିଆ ଓ ବିମାନର ବେଣ୍ଟ ଓ ଚାମର ଭାଙ୍ଗି ଗାଁ ଗାଁ ଭିତରେ ମାରପିଟ ଜାରି ରହିଥିଲା । ଶେଷରେ ମେଲଣ ପଡିଆରେ ଇଟା,ପଥର ମାଡ଼ ମଧ୍ୟ ହୋଇଥିଲ । ଘଟଣା ଏଭଳି ଆଗେଇଥିଲା ଯେ କାର୍ଯ୍ୟରତ ପୋଲିସଙ୍କ ପକ୍ଷରେ ମଧ୍ୟ ସ୍ଥିତି ଅଣାୟତ୍ତ ହୋଇଥିଲା । ଏକାଧିକ ବିମାନ ବୁହାଳୀ ଆହତ ହୋଇଥିଲେ । ଦୀର୍ଘ ଦୁଇ ଘଣ୍ଟା ପର୍ଯ୍ୟନ୍ତ ହରିଅଙ୍କ ଗାଁ ଓ ଦାନପୁର ଗାଁ ଭିତରେ ଏହି ସଂଘର୍ଷ ଜାରି ରହିଥିଲା। ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଅଟକ ମଧ୍ୟ ରଖିଛନ୍ତି ।

ବାଲି ଚୋରା ଚାଲାଣ କରୁଥିବା ୪ ଟ୍ରାକ୍ଟର ଅଟକ

କଳାହାଣ୍ଡି, ୧୬।୩ (ସଂଚାର ବ୍ୟୁରୋ): କଲମପୁର ଥାନା ପକ୍ଷରୁ ଚଡାଉ କରାଯାଇ ବାଲି ଚୋରା ଚାଲାଣ ଅଭିଯୋଗରେ ୪ଟି ଟ୍ରାକ୍ଟରକୁ ଅଟକ ରଖାଯାଇଛି। ସୂଚନା ଅନୁସାରେ କଲମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ, କଲମପୁର ଏଏସଆଇ ଶେଖର ଜେନା ବଡକୁଟ୍ର ଏଏସଆଇ ଶିବ ମହାନ୍ତି ପ୍ରମୁଖ କୌଣସି ସୂତ୍ରରୁ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲେ। ପୁଲିସ ଟିମ୍‌କୁ ଦେଖି ଟ୍ରାକ୍ଟର ଗୁଡ଼ିକ ଚାଲାକିରେ ଫେରାର ମାରିଥିଲା। ସେଠାରୁ ସେମାନେ ମଣ୍ଡଳ ଆଡକୁ ଗତି କରିଥିଲେ। ସେହି ମଣ୍ଡଳ ଘାଟରୁ ଆସୁଥିବା ବାଲି ବୋଝେଇ ୪ଟି ଟ୍ରାକ୍ଟର ଗୁଡ଼ିକୁ ଥାନାକୁ ଆଣି ଅଟକ ରଖିଛନ୍ତି।

ବ୍ରାଉନସୁଗର ଜବତ,୪ ଗିରଫ



ଖୋର୍ଦ୍ଧା, ୧୬।୩ (ସଂଚାର ବ୍ୟୁରୋ) : ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ରୋଡ ଗଡଚଣ୍ଡୀ ମନ୍ଦିର ନିକଟରେ ଚଢଉ କରି ୨୫.୮।୩ ଗ୍ରାମ ବ୍ରାଉନସୁଗାର ସମେତ ୪ ବାଇକ, ୬ଟି ମୋବାଇଲ ଫୋନ, ନଗଦ ୩୨ ହଜାର ଟଙ୍କା କୁ ପୁଲିସ ଜବତ କରିଛି । ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଖୋର୍ଦ୍ଧା ଉପରସାହିର ଦେବାଶିଷ ପଟ୍ଟନାୟକ (୨୨) ଓ ସ୍ୱାତିକ ସାହୁ (୨୩), ପାନବରଜର ଶିବପ୍ରସାଦ ରଥ (୨୨) ଏବଂ ଶିଲ୍ପାଂଚଳ ଥାନା ମୁକୁନ୍ଦପ୍ରସାଦ ଦାଧିବାମାନସାହିର ଦୀପକ ନାୟକ (୩୫) । ସୂଚନା ଅନୁସାରେ, ଶୁକ୍ରବାର ଶିଳ୍ପାଂଚଳ ଥାନା ପୁଲିସ ବେଣାପଞ୍ଜରୀ ରୋଡ ଗଡଚଣ୍ଡୀ ମନ୍ଦିର ଠାରେ ବ୍ରାଉନସୁଗାର ବେପାର ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ ଏସଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ଟିମ୍ ଉକ୍ତ ସ୍ଥାନରେ ଚଢଉ କରିଥିଲେ । ଚଢଉବେଳେ ୪ ଜଣଙ୍କୁ କାବୁ କରିଥିଲା ପୁଲିସ। ଏନେଇ ୬୪/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାତଦନ୍ତକାରୀ ଅଧିକାରୀ ବାସୁଦେବ ଜୟସିଂ ପ୍ରକାଶ କରିଛନ୍ତି।

କେନ୍ଦୁପତ୍ର ରାତି ଜଗୁଆଳୀଙ୍କ ଆତ୍ମହତ୍ୟା

ବୋରିଗୁମ୍ମା, ୧୬।୩ (ସଂଚାର ବ୍ୟୁରୋ) : ବୋରିଗୁମ୍ମା ସ୍ଥିତ କେନ୍ଦ୍ରପତ୍ର କାର୍ଯ୍ୟାଳୟ ପରିସରରେ ରାତ୍ରିଜଗୁଆଳିଙ୍କ ଆତ୍ମହତ୍ୟା କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ପୁଲିସ ସୂଚନା ମୁତାବକ କାମତା ଗ୍ରାମର ଭାସ୍କର ମହାକୁଡ଼ କେନ୍ଦୁପତ୍ର ବିଭାଗରେ ଦୀର୍ଘ ବର୍ଷ ଧରି କାମ କରିଆସୁଥିଲେ। ସେ ଗତକାଲି ବୋରିଗୁମ୍ମା ସ୍ଥିତ କେନ୍ଦୁପତ୍ର କାର୍ଯ୍ୟାଳୟରେ ରାତ୍ରିଜଗୁଆଳି ଭାବେ କାର୍ଯ୍ୟ କରୁଥିବା ବେଳେ ଆଜି ତାଙ୍କ ଆତ୍ମହତ୍ୟା ହୋଇଥିବା ଜଣାପଡିଛି। କାମତା ଗ୍ରାମର ରବୀନ୍ଦ୍ର ହିଆଲ ଭାସ୍କର ମହାକୁଡ଼ଙ୍କ ଆତ୍ମହତ୍ୟା ନେଇ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ। ଶବ ବ୍ୟବଚ୍ଛେଦ ସମୟରେ ମୃତ ଭାସ୍କର ମହାକୁଡ଼ଙ୍କ ପେଣ୍ଟ ପକେଟରୁ କିଛି ଟଙ୍କା ସହ ସୁଇସାଇଡ଼ ନୋଟ ବାହାରିଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଚନ୍ଦନପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ସୁଇସାଇଡ଼ ନୋଟ ରେ ବୋରିଗୁମ୍ମା କେନ୍ଦୁପତ୍ର ବିଭାଗର ରେଞ୍ଜର ସଦାଶିବ ମିଶ୍ର ତାଙ୍କୁ ବାରମ୍ବାର ମାନସିକ ନିର୍ଯ୍ୟାତନା ଦେଇଥିବା ଉଲ୍ଲେଖ କରିଛନ୍ତି। ଏଣୁ ତାଙ୍କ ଆତ୍ମହତ୍ୟା ପାଇଁ ରେଞ୍ଜର ହିଁ ଦାୟୀ ବୋଲି ସୁଇସାଇଡ଼ ନୋଟରେ ଉଲ୍ଲେଖ ରହିଛି।

ନିଆରା ଢଙ୍ଗରେ ହୋଲି ପାଳିଲେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ

ଅଗ୍ନି ବିପନ୍ନ ପରିବାରକୁ ବଢ଼ାଇଲେ ସହଯୋଗର ହାତ

ମହାକାଳପଡ଼ା, ୧୬।୩ (ସଂଚାର ବ୍ୟୁରୋ): ସମସ୍ତେ ରଙ୍ଗରେ ହୋଲି ପାଳୁଥିବା ବେଳେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟମାନେ ଏକ ଅଗ୍ନି ବିପନ୍ନ ପରିବାରକୁ ସହଯୋଗ ପହଞ୍ଚାଇ ନିଆରା ଢଙ୍ଗରେ ହୋଲି ପାଳିଛନ୍ତି। ଯାହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି। ୧୪ ମାର୍ଚ୍ଚରେ ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ସିଂ ପଡ଼ା ଗ୍ରାମର ବାପା ମା ଛେଉଣ୍ଡ ୨୫ ବର୍ଷୀୟ ଲିପୁ ସିଂଙ୍କ ୨ ବଖରା ଘର ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଏହି ଘଟଣା ସଂପର୍କରେ ଜାଣିବାପରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ରାସନ୍ ସାମଗ୍ରୀ, ପନିପରିବା ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସଙ୍ଗଠନର କାର୍ଯ୍ୟକାରୀ ସମ୍ପାଦକ ପ୍ରଭାତ ରଞ୍ଜନ ଜେନା ଓ ଉପସଭାପତି ବିଭୁତି ରାଉତଙ୍କ ପ୍ରଚେଷ୍ଟାରେ ଏହି ମହତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ପାତ୍ର, ସୁନିଲ୍ ଗନ୍ତାୟତ, ସାଗର ରାଉତରାୟ, ସୁଶିଲ କୁମାର ସାହୁ, ସୂର୍ଯ୍ୟ ପ୍ରକାଶ ପାଣି, ସୁବ୍ରତ ସେଠୀ, ପ୍ରିତିରଞ୍ଜନ ରାଉତ, ପ୍ରକାଶ ସୂତାର, ମନୋରଞ୍ଜନ ରାଉତ, ଶ୍ରଦ୍ଧାନନ୍ଦ ସାହୁ,ଅମନ ସାହୁ, ଶାନ୍ତନୁ ଦାସ, ସୁବାଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ରଙ୍ଗର ପର୍ବ ଏହି ଅବସରରେ ଜଣେ ଅଗ୍ନି ବିପନ୍ନ ପରିବାରକୁ ସହଯୋଗ ପହଞ୍ଚାଇ ସମାଜ ପାଇଁ ପାଲଟିଛନ୍ତି ବିରାଟ ଉଦାହରଣ। ଯେଉଁ ଅର୍ଥ ରଙ୍ଗ ଖେଳରେ ସେମାନେ ଖର୍ଚ୍ଚ କରି ଥାଆନ୍ତେ ସେହି ଅର୍ଥରେ ଜଣେ ଅଗ୍ନି ବିପନ୍ନ ପରିବାରକୁ ଟିକିଏ ଆଶ୍ୱାସନା ମିଳି ପାରିବ ବୋଲି ସଦସ୍ୟମାନେ କହିଛନ୍ତି। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ର ଏହି ନିଆରା କାର୍ଯ୍ୟକ୍ରମ କୁ ସମସ୍ତେ ପ୍ରଶଂସା କରିଛନ୍ତି।

ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ସମସ୍ୟା ସମାଧାନ ପାଇଁ ବାଚସ୍ପତିଙ୍କ ପ୍ରତିଶ୍ରୁତି

ନୟାଗଡ଼, ୧୬।୩ (ସଂଚାର ବ୍ୟୁରୋ): ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ରଣପୁର ଶାଖା ପ୍ରତିଷ୍ଠା ଦିବସ ଆଜି ରଣପୁର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ରଣପୁର ବ୍ଲକ ଶାଖା ସଭାପତି ପ୍ରସନ୍ନ କୁମାର ସାମନ୍ତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ଏନଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ଶାଖା ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ର, ରଣପୁର ଶାଖା ସମ୍ପାଦକ ମଧୁସୁଦନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ବାଚସ୍ପତି ଶ୍ରୀମତି ପାଢ଼ୀ ତାଙ୍କ ବକ୍ତବ୍ୟରେ ସାମ୍ବାଦିକ ସମସ୍ୟା ସମାଧାନ କରିବା ଦିଗରେ ମାର୍ଗ ପ୍ରସ୍ତୁତ କରିବି ବୋଲି କହିଥିଲେ।

ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ ଶିବିର

ସାଲେପୁର, ୧୬।୩ (ସଂଚାର ବ୍ୟୁରୋ): ଆଜି ମହଣ ପଂଚାୟତ ବାସୁଦେବପୁର ଗ୍ରାମର କଲ୍ୟାଣମଣ୍ଡପ ଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ଆମେ କଳାକାର ବଟଗୋସ୍ୱାମୀ ନାଟ୍ୟ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ କୋଅପେରେଟିଭ ରୁରାଲ ଡେଭେଲପମେଣ୍ଟ ଟ୍ରଷ୍ଟ, ପାରାଦ୍ୱୀପ ତରଫରୁ ୫ଟି ବିଭାଗ ଅସ୍ଥାୟୀ ରୂପେ ଖୋଲା ଯାଇଥିଲା। ମେଡ଼ିସିନ ବିଭାଗରୁ ଡ଼କ୍ଟର ଅତନୁଅଭିନନ୍ଦନ ଦାସ, ଜେନେରାଲ ସର୍ଜରୀ ବିଭାଗରୁ ଡ଼କ୍ଟର ଅର୍ଦ୍ଧେନ୍ଦୁ ମିଶ୍ର, ଅର୍ଥପେଡ଼ିକ ବିଭାଗରୁ ଡ଼କ୍ଟର ସମ୍ବିତ ସୌରଭ ଦାସ, ଡେଣ୍ଟାଲ ବିଭାଗରୁ ଡାକ୍ତର ପ୍ରତିଭା ଜେନା ଏବଂ ଆଖି ବିଭାଗରୁ ଡ଼କ୍ଟର ଅଭିଷେକ ପଣ୍ଡାଙ୍କ ସହ ସମସ୍ତ ବିଭାଗର ନର୍ସ ଏବଂ ଆସିଷ୍ଟାଣ୍ଟ ମାନଙ୍କ ସହଯୋଗରେ ଏହି କ୍ୟାମ୍ପଟି ସକାଳ ୯ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ଚାଲିଥିଲା ବେଳେ ପାଖାପାଖି ୩୪୫ ଜଣ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚେକଅପ କରି ମାଗଣାରେ ଔଷଧ ନେଇଥିଲେ।

ଚିଲିକାବାସୀଙ୍କ ସହିତ ହୋଲି ପାଳିଲେ ପୂର୍ବତନ ବିଧାୟକ

ଖୋର୍ଦ୍ଧା, ୧୬।୩ (ସଂଚାର ବ୍ୟୁରୋ): ରଙ୍ଗର ପର୍ବ ପବିତ୍ର 'ହୋଲି' ଅବସରରେ ଚିଲିକାର ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚନ୍ଦନଙ୍କ ନାଚୁଣୀ ସ୍ଥିତ ବାସଭବନ ଠାରେ ଆୟୋଜିତ "ହୋଲି ଉତ୍ସବ" କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଦଳୀୟ ନେତୃବୃନ୍ଦ, ଦେବ ଦୁର୍ଲ୍ଲଭ କାର୍ଯ୍ୟକର୍ତ୍ତା, ସାମ୍ବାଦିକ, ସମାଜସେବୀ ତଥା ବୁଦ୍ଧିଜୀବି, ସ୍ଥାନୀୟ ଜନସାଧାରଣ ମାନଙ୍କ ସହ ହୋଲି ଉତ୍ସବ ପାଳନ କରିଥିଲେ। ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ବହନ କରୁଥିବା ହୋଲି ଉତ୍ସବ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ। ସାମାଜିକ ସଦଭାବନା ଆହୁରି ସୁଦୃଢ଼ ହେଉ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନ କରିଥିଲେ। ତେବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦୀର୍ଘ ସମୟ ଧରି ଚିଲିକା ବାସିନ୍ଦାଙ୍କ ସହ ହୋଲି ଖେଳ ଖେଳିଥିବା ବେଳେ ସ୍ଥାନୀୟ ନାଗରିକ ମାନେ ମଧ୍ୟ ମନ୍ତ୍ରୀଙ୍କ ସହ ହୋଲି ଉତ୍ସବ ପାଳନ କରି ଖୁବ ଖୁସି ଥିବା ଦେଖିବାକୁ ମିଳିଥିଲା। ଚିଲିକାର ବିକାଶ ସର୍ବଦା ପ୍ରାଥମିକତା ରହିଛି ଏବଂ ଚିଲିକାବାସିଙ୍କ ସୁଖଦୁଃଖରେ ସଦାବେଳେ ଜଣେ ସେବକ ଭାବେ ସାଥିରେ ରହିବେ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ।

ପ୍ରଫୁଲ୍ଲ ଦାସ କଂଗ୍ରେସର ଜିଲ୍ଲା ସଂଯୋଜକ

କେନ୍ଦ୍ରାପଡା, ୧୬।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ତଥା କାର୍ଯ୍ୟକାରୀ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କୁ ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଶ୍ରୀ ଦାସଙ୍କୁ ଆଗାମୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଦାସ ଜିଲ୍ଲା କଂଗ୍ରେସର ସଂଯୋଜକ ନିଯୁକ୍ତି ପାଇବା ପରେ କଂଗ୍ରେସ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

କଥାଦେଇ ଭୁଲିଗଲେ, ଥଇଥାନ ନ କରି ଉଚ୍ଛେଦ ପାଇଁ ଚିଠି

ଜୀବନ ଜୀବିକାକୁ ନେଇ ଆଶଙ୍କାରେ ବ୍ୟବସାୟୀ

କାକଟପୁର/ଅସ୍ତରଙ୍ଗ, ୧୬।୩ (ସଂଚାର ବ୍ୟୁରୋ): ପୀରଜାହାନିଆ ବେଳାଭୂମିର ହେବ ଉନ୍ନତି କରଣ କାର୍ଯ୍ୟ ସହ ଅପରୂପସୌନ୍ଦର୍ଯ୍ୟକୁ ଉପଭୋଗ କରିବେ ରାଜ୍ୟର କୋଣ ଅନୁକୋଣର ପର୍ଯ୍ୟଟକ। କିନ୍ତୁ ଏହି ପୀରଜାହାନିଆ ବେଳାଭୂମିରେ ଦୀର୍ଘ ୩୦ବର୍ଷ ହେବ ନିଜ ପରିବାର ଗୁଜୁରାଣ ମେଣ୍ଟାଇବାକୁ ଦୋକାନ କରିଥିବା ବ୍ୟବସାୟୀ ଚିନ୍ତାରେ।

ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ବେଳାଭୂମିରେ ଦୀର୍ଘ ବର୍ଷ ହେବ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ୪୦ରୁ ଉର୍ଦ୍ଧ ସ୍ଥାୟୀ ବ୍ୟବସାୟୀଙ୍କୁ ଥଇଥାନ ନକରି ହଠାତ ଉଠିବାକୁ ନୋଟିସ ଜାରି କରାଯାଇଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ଉକ୍ତ ଚିଠିରେ ସହନ ପ୍ରସ୍ତାବିତ ଜଙ୍ଗଲ ମଧ୍ୟରେ ଦୋକାନ କରିଥିବା ବ୍ୟବସାୟୀ ମାନଙ୍କୁ ଗତ ୧୧ତାରିଖରେ ଦେଇଥିବା ଚିଠିରେ ଆସନ୍ତା ୧୮ତାରିଖସୁଦ୍ଧା ଦୋକାନ ଉଠିବାକୁ ନିର୍ଦ୍ଦେଶ ରହିଛି। ହଠାତ ଏପରି ନିଷ୍ପତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବ୍ୟବସାୟୀ ।

ଯେଉଁମାନେ ଦୀର୍ଘ ବର୍ଷ ହେଲା ପୀରଜାହାନିଆ ପର୍ଯ୍ୟଟନ ସ୍ଥଳୀ ଉପରେ ନିର୍ଭର କରି ପରିବାର ପେଟକୁ ଆହାର ମୁଠେ ଦେଇଥାନ୍ତି, ହଠାତ ବିଚାର ବିମର୍ଶ ନକରି ଉଠେଇବାକୁ ନୋଟିସ କୁ ନେଇ ବ୍ୟବସାୟୀ ଆଶା ଆଶଙ୍କା ରହିଛନ୍ତି। ଏ ସମ୍ପର୍କରେ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି କହିଛନ୍ତି ପ୍ରଶାସନ ବ୍ୟବସାୟୀ ମାନଙ୍କୁ ଆଗ ଥଇଥାନ କରନ୍ତୁ ତାହା ପରେ ବେଳାଭୂମି ଉନ୍ନତି କରଣ କାର୍ଯ୍ୟ ଆରମ୍ଭ କରିବେ ବୋଲି ସୂଚନାଦେଇଛନ୍ତି।

ଗ୍ରାମେଶ୍ୱର ମେଲଣ ଓ ହରିହରଙ୍କ ଅପୂର୍ବ ମିଳନ

ମାହାଙ୍ଗା, ୧୬।୩ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତ ଆପିଲୋ ତଳପଡା ଠାରେ ଚତୁର୍ଦ୍ଦଶୀ ଗ୍ରାମେଶ୍ୱର ମେଲଣ ମହାସମାରୋହର ସହକାରେ ପାଳିତ ହୋଇଯାଇଛି। ଗାଦିଶ୍ୱର ଶ୍ରୀଜିୟୁ ମହାପ୍ରଭୁ ଦାମୋଦର ଜୀୟୁଙ୍କ ମୁଖ୍ୟ ସେବକ ସ୍ୱର୍ଗତ କାଳୀ ଚରଣ ପଣ୍ଡାଙ୍କ ମାଲିକାନାରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ମେଲଣ ଉତ୍ସବ ଚଳିତବର୍ଷ ୨୭୮ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ଗାଦିଶ୍ୱର ଶ୍ରୀ ଦାମୋଦର ଜିୟୁଙ୍କୁ ବାଜା ବାଣ ରୋଷଣି କରାଯାଇ ବିରାଟ ପଟୁଆରରେ ଅଣାଯାଇ ପ୍ରାରମ୍ଭରେ ଆସନ ଅଳଙ୍କୃତ କରାଯିବା ପରେ ବିଭିନ୍ନ ପ୍ରାନ୍ତରୁ ନିମନ୍ତ୍ରିତ ଶ୍ରୀ ଜିୟୁ ମାନଙ୍କ ପ୍ରାୟ ୨୧ଗୋଟି ବିମାନ ଉକ୍ତ ମେଲଣ ପଡିଆରେ ଯୋଗଦେଇ ଥାଆନ୍ତି। ଓଡ଼ିଶା ପ୍ରସିଦ୍ଧ ଓଲକଣା ମେଲଣର ଅନୁରୂପ ଏଠାରେ ଆପିଲୋ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଗ୍ରାମେଶ୍ୱର ମହାଦେବ ହର ଓ ମହାପ୍ରଭୁ ଶ୍ରୀ ଦାମୋଦରଙ୍କ ବିଗ୍ରହ ହରି ଓ ହରଙ୍କ ଅପୂର୍ବ ମିଳନ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଜିୟୁ ମାନଙ୍କୁ ଧୂପ ଦୀପ ନୈବେଦ୍ୟ ସହିତ ବସ୍ତ୍ର ପରିଧାନ ଓ ପରିଶେଷରେ ସମ୍ମାନ ଦୃଷ୍ଟି କୋଣରୁ ବିଦାକି ପ୍ରଦାନ କରାଯାଏ।

ରାଜନଗର ଦୋଳ ମେଳଣରେ ୩୦ ବିମାନ

ରାଜନଗର, ୧୬।୩ (ସଂଚାର ବ୍ୟୁରୋ): ରାଜନଗର ଅଞ୍ଚଳର ସର୍ବ ପୁରାତନ ଗଣପର୍ବ ଦୋଳ ମେଳଣ ଉତ୍ସବ ଆଧ୍ୟାତ୍ମିକ ଓ ଧାର୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜନଗର ବ୍ଲକ ପରିସରକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଇ ଦୋଳ ମଣ୍ଡପ କରାଯାଇଥିଲା। ରାଜନଗର ବ୍ଲକର ବିଭିନ୍ନ ସ୍ଥାନରୁ ୩୦ ଟି ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାଙ୍କୁ ଭକ୍ତମାନେ ବାଜା, ବାଣ, ରୋଷଣୀ ଥାଟପାଟ ମଧ୍ୟରେ ଦୋଳ ମେଳଣ ପଡ଼ିଆକୁ ଆଣିଥିଲେ। ପବିତ୍ର ଦୋଳପୂର୍ଣ୍ଣିମା ସଂଧ୍ୟାରେ ରାଧାକୃଷ୍ଣ ମେଳଣ କମିଟିର ସଭାପତି ତଥା ରାଜନଗର ଆଇଆଇସି ନରେଶ କୁମାର ସାହୁ ପୁରୋହିତଙ୍କ ବେଦମନ୍ତ୍ର ମଧ୍ୟରେ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ। ପୁରୋହିତଙ୍କ ମନ୍ତ୍ରଧ୍ୱନୀ ମଧ୍ୟରେ ସଭାପତି ଶ୍ରୀ ସାହୁ ସସ୍ତ୍ରୀକ ଉପସ୍ଥିତ ରହି ଦୋଳ ମଣ୍ଡପକୁ ବୈଦିକ ରୀତିନୀତି ଅନୁସାରେ ପ୍ରତିଷ୍ଠା କରିଥିଲେ। ଥାନପତି ମେଳଣ ମଣ୍ଡପରେ ବିରାଜମାନ କରିବା ପରେ ରାଧାକୃଷ୍ଣ କମିଟିର ସଭାପତି ମେଳଣ କମିଟିର ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଓ ପୁରୋହିତମାନେ ରାଜନଗର ଗ୍ରାମ ମୁଣ୍ଡରୁ କେରେଡାଗଡ଼, ରିଘାଗଡ଼, ପେଣ୍ଠ, ଭିତରଗଡ଼, ମହିଁଷାସୁର, ରାଜନଗର, ସାନବଡଗୋ, ପାଳପୁର, ମହୁଲିଆ, କୁରୁଂଟି, ମାଣପଡ଼ା, ବଡକୋଟ, ରାଜପୁର, ଗୋଖଣୀ, ଏଣ୍ଡୁଳାପୁର ପ୍ରଭୃତି ଗ୍ରାମର ୩୦ ମନ୍ଦିରରୁ ଆସୁଥିବା ବିମାନକୁ ପାଛୋଟି ନେଉଥିବାର ଅପୂର୍ବ ଦୃଶ୍ୟ ଦୋଳ ଉତ୍ସବକୁ ଅଧିକ ଋଦ୍ଧିମନ୍ତ କରିଦେଇଥିଲା।

ଆପିଲୋ ରାଉଳିଆ ଦୋଳ ମେଳଣ ସମ୍ପନ୍ନ

୨୦ ହଜାର ଭକ୍ତଙ୍କ ସମାଗମ



ମାହାଙ୍ଗା, ୧୬।୩ (ସଂଚାର ବ୍ୟୁରୋ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାହାଙ୍ଗା ବ୍ଲକ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ଶ୍ରୀ ଶ୍ରୀ ଶିଶୁଅନନ୍ତଙ୍କ ବିଜେସ୍ଥଳୀ ଠାରେ ଶନିବାର ଦିନ ରାଉଳିଆ ଶିଶୁଅନନ୍ତ ଦୋଳ ମେଳଣ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଅର୍ଦ୍ଧଶତାବ୍ଦୀ ବର୍ଷଧରି ଚାଲି ଆସୁଥିବା ଏହି ପାରମ୍ପରିକ ଦୋଳ ମେଳଣ ହୋଲି ଉତ୍ସବ ଦିନ ସନ୍ଧ୍ୟା ସମୟରୁ ଆରମ୍ଭ ହୋଇ ପରଦିନ ସକାଳ ପର୍ଯ୍ୟନ୍ତ ମହାସମାରୋହରେ ବାଜା,ବାଣ ରୋଷଣୀ ସହ ଶ୍ରୀ ଜୀଉମାନଙ୍କର ମେଳନ ଯାତ୍ରା ଅନୁଷ୍ଠିତ ହୋଇଥାଏ।

ପ୍ରଥମେ ଗାଦିଶ୍ୱର ରୂପେ ଆପିଲୋ ଷଢଙ୍ଗୀ ସାହି ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମହାପ୍ରଭୁ ଆସନ ଅଳଙ୍କୃତ କଲାପରେ ବିଭିନ୍ନ ପ୍ରାନ୍ତରୁ ୩୩ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ବିମାନରେ ଆକର୍ଷଣୀୟ ରୋଷଣୀ ଏବଂ ବାଜା,ବାଣରେ ମେଳଣ ପଡ଼ିଆକୁ ଯଥା ସମୟରେ ପ୍ରବେଶ କରିଥିଲେ। ମେଳଣ କମିଟିର କର୍ମକର୍ତ୍ତା ଓ ସଭ୍ୟସଭ୍ୟା ମାନେ ଉପସ୍ଥିତ ରହି ଭକ୍ତି ଭାବନା ସହ ପୂର୍ବ ନିର୍ଦ୍ଧାରିତ ବିଧିବିଧାନ ସହ ଶ୍ରୀ ଜୀଉମାନଙ୍କର ପୂଜା,ଭୋଗଲାଗି,ଅଭିର ଲାଗି ଓପରେ ଧୂପପୁଷ୍ପ ପ୍ରଦାନ ପୂର୍ବକ ପାରମ୍ପରିକ ରୀତି ନୀତିରେ ମେଳଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ମହତ୍ ଦୈବୀ ମେଳଣ କାର୍ଯ୍ୟକୁ ଶିକ୍ଷାବିତ୍ ଅକ୍ଷୟ କୁମାର ଷଢଙ୍ଗୀ ପରିଚାଳନା କରିଥିବା ବେଳେ ଉକ୍ତ ମେଳଣର ମୁଖ୍ୟ ପୁରୋଧା ଶ୍ରୀ ଉମେଶ ଚନ୍ଦ୍ର ବିଶ୍ୱାଳ ଶ୍ରୀ ଜୀଉମାନଙ୍କର ବିଧିବିଧାନ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ମେଳଣ ଦେଖିବା ନିମନ୍ତେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା ବେଳେ ସ୍ଥାନୀୟ ଭଦ୍ରେଶ୍ୱର ଥାନା ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା।

ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ



କୋଣାର୍କ, ୧୬।୩ (ସଂଚାର ବ୍ୟୁରୋ) : ଶୋଭନୀୟ ଆନ୍ଦୋଳନ ପ୍ରବର୍ତ୍ତକ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଐତିହାସିକ ପବିତ୍ର ପଦଯାତ୍ରାର ସ୍ମୃତିସଭା ଏବଂ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ସହଧର୍ମିଣୀ ପୂଜ୍ୟା ମା ଶାରଦା ଦେବୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମାନନୀୟ ସଞ୍ଜୁକ୍ତା ତ୍ରିପାଠି, ସୁପ୍ରିମକୋର୍ଟର ଆଇନଜୀବୀ ବିରଜା ମହାପାତ୍ର, ଶୋଭନୀୟ ଆନ୍ଦୋଳନର ସମ୍ପାଦିକା-ନିର୍ଦ୍ଦେଶିକା ପୂଜ୍ୟା ମା ଡ. ଅରୁନ୍ଧତୀ ଦେବୀ, ପୂର୍ବତନ ନିମାପଡା ବିଧାୟକ ବାଇଧର ମଳିକ, ଶୋଭନୀୟ ଆନ୍ଦୋଳନ ଶୁଭେଚ୍ଛୁ ଉମେଶ ସ୍ୱାଇଁ, କଟକ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଶ୍ରୀମତୀ ବନଲତା ଦେବୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ରବୀନ୍ଦ୍ରନାଥ ବାହିନୀପତି, ସ୍ୱର୍ଣ୍ଣଲତା ତ୍ରିପାଠୀ, ନିରାକାର ବେଉରା, ପ୍ରଦୋଷ ଦେବୀ, ପବିତ୍ର ମୋହନ ମିଶ୍ର ହରିହର ଦାଶ, ନିରଦବରଣ ଖୁଣ୍ଟିଆ, ଅଜିତ ମଲ୍ଲିକ, ଜ୍ୟୋତିରାଦିତ୍ୟ ମହାନ୍ତି, ପୁରାତନ ଛାତ୍ର ପଦ୍ମଲୋଚନ ମହାପାତ୍ର, ବିନୟ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାଶ୍ରମର ଛାତ୍ରଛାତ୍ରୀ କୁମାର ଭାଇଙ୍କ ରଚିତ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା।

ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୧୬।୩ (ସଂଚାର ବ୍ୟୁରୋ) : ପ୍ରତିବର୍ଷ ପରି ଚଳିତବର୍ଷ କିସ୍‌ରେ ପାଳିତ ହୋଇଯାଇଛି। ଶୁକ୍ରବାର କିସ୍ ଦୂତୀଚାନ୍ଦ ଷ୍ଟାଡ଼ିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଦିବଂଗତ ଓଲିଉଡ୍ ସୁପରଷ୍ଟାର ଉତ୍ତମ ମହାନ୍ତି ଓ ସଂଗୀତ ନିର୍ଦ୍ଦେଶକ ବିନୟ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କିସ୍ ଛାତ୍ରଛାତ୍ରୀମାନେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ୍ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କିସ୍ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ପିଲାମାନଙ୍କ ମନୋରଞ୍ଜନ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ସିନେ ସମୀକ୍ଷକ ଦିଲୀପ ହାଲି, ସଂଳାପକାର ଡ. ରଜନୀରଞ୍ଜନ, ବିଜୟ ମଲ୍ଲ, ନିର୍ଦ୍ଦେଶକ ଓ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର ସମେତ ୬୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ବିଜେପି ମିଶ୍ରଣ ପର୍ବ

ପଟ୍ଟାମୁଣ୍ଡାଇ, ୧୬।୩ (ସଂଚାର ବ୍ୟୁରୋ) : ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ରାଜନଗର ଗୋପାଳପୁର ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ଲଳିତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ପଟ୍ଟାମୁଣ୍ଡାଇ ବ୍ଲକ ଖଣତା ପଂଚାୟତର ପୂର୍ବତନ ସରପଞ୍ଚ ସୁଜାତା ପ୍ରଧାନ, ପୂର୍ବତନ ସମିତି ସଭ୍ୟ ସାବିତ୍ରୀ ପ୍ରଧାନ, ଯୁବନେତା ସମୀର ପ୍ରଧାନ, ବାସୁଦେବ ପ୍ରଧାନ, ଡମ୍ବରୁ ସେଠୀ, ଅନନ୍ତ ରାଉତ, ସଞ୍ଜୟ ମଲିକ, କୃଷ୍ଣ ଚନ୍ଦ୍ର ରାଉତ, ପ୍ରଶାନ୍ତ ସେଠୀ, ଧ୍ରୁବ ବାରିକ, ପ୍ରଦୀପ ପ୍ରଧାନ ପ୍ରମୁଖ ବହୁ ଛାମୁଆ କର୍ମୀ ବିଜେପି ଦଳରେ ଯୋଗ ଦେଇଥିଲେ। ରାଜନଗର ନିର୍ବାଚନମଣ୍ଡଳୀ ବିଜେପି ନେତା ଲଳିତ ବେହେରା ସମସ୍ତ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ବିଜେପିରେ ସାମିଲ କରିଥିଲେ। ଏହି ମିଶ୍ରଣ ପର୍ବରେ ପଟ୍ଟାମୁଣ୍ଡାଇ ବିଜେପିର ବହୁ ବିଜେପି ନେତା ଯୋଗ ଦେଇଥିଲେ।

ଅପରାଧୀ ଖେଳିଲେ ରକ୍ତର ହୋଲି

ଭୁବନେଶ୍ୱର,୧୬।୩ (ସଂଚାର ବ୍ୟୁରୋ): ଗତକାଲି ରାଜ୍ୟରେ ରଙ୍ଗର ପର୍ବ ହୋଲି ପାଳିତ ହୋଇଥିବା ବେଳେ ପରସ୍ପରକୁ ରଙ୍ଗ ଅବିର ଲଗାଇ ଲୋକେ ଏହି ଦିନଟିକୁ ପାଳିଛନ୍ତି। ରଙ୍ଗ ଖେଳି ଲୋକେ ନିଜ ନିଜ ଭିତରେ ଥିବା ଶତ୍ରୁତାକୁ ଭୁଲିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ରାଜଧାନୀରେ କେତେକ ସ୍ଥାନରେ ଅସାମାଜିକମାନେ ରଙ୍ଗର ପର୍ବରେ ଶତ୍ରୁତାକୁ ଭୁଲିବା ପରିବର୍ତ୍ତେ ଏହାକୁ ନେଇ ରକ୍ତର ହୋଲି ଖେଳିଛନ୍ତି। ଏହି କାରଣରୁ ହୋଲିରେ ଏକାକୀ ରାଜଧାନୀରେ ପୃଥକ୍ ପୃଥକ୍ ସ୍ଥାନରେ ୭ଟି ହତ୍ୟାକାଣ୍ଡ ଘଟିଛି। ଏଥିରୁ ଦୁଇଟି ଲେଖାଏଁ ହତ୍ୟାକାଣ୍ଡ କଟକ ଓ ଭୁବନେଶ୍ୱରରେ ଘଟିଥିବା ବେଳେ ବ୍ରହ୍ମପୁର, ସମ୍ବଲପୁର ଓ ଅନୁଗୁଳରେ ଜଣେ ଲେଖାଏଁ ଜୀବନ ହରାଇଛନ୍ତି।

ଭୁବନେଶ୍ୱରର ମଞ୍ଚେଶ୍ୱର ଥାନାଞ୍ଚଳ ସମେଇଗାଡ଼ିଆରେ ଆୟୁଷ୍ମାନ୍ ପତି ନାମକ ଯୁବକଙ୍କୁ ତନ୍ମୟ ବେହେରା ଓରଫ୍ ମିଲୁ ସହ ପଦ୍ମନାଭ ବେହେରା, ପ୍ରଶାନ୍ତ ବେହେରା ଓ ଜଣେ ଡ୍ରାଇଭର୍ ହତ୍ୟା କରିଛନ୍ତି। ଏହାଛଡ଼ା ସହିଦ ନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ମଧ୍ୟ ଜଣେ ଯୁବକଙ୍କୁ ୩ ଜଣ ହତ୍ୟା କରିଛନ୍ତି। ସାମାନ୍ୟ ଝଗଡ଼ାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଏହି ଦୁଇ ହତ୍ୟା ମାମଲାରେ ଆଜି କମିଶନରେଟ୍ ପୁଲିସ୍ ମୋଟ ୬ ଜଣଙ୍କୁ ଗିରଫ କରିଛି। ସମେଇଗାଡ଼ିଆ ହତ୍ୟାକାଣ୍ଡରେ ସମସ୍ତ ଅଭିଯୁକ୍ତଙ୍କୁ ପିପିଲିରୁ ଗିରଫ କରାଯାଇଛି। ସେହିପରି ଶାନ୍ତିପଲ୍ଲୀ ହତ୍ୟାକାଣ୍ଡରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତ ବାନା ଗୁଣି ସହ ପିଙ୍କୁ ଗୁଣି ଓ ଜଣେ ନାବାଳକଙ୍କୁ ଗିରଫ କରିଛି ବୋଲି ଆଜି ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ସମ୍ବଲପୁରର ସାହୁ କଲୋନୀର ଜଣେ ୧୮ ବର୍ଷୀୟ ଯୁବକ ଆଦିତ୍ୟ ସଲ୍ମାଙ୍କୁ ତାଙ୍କର କେତେଜଣ ବନ୍ଧୁ ହୋଲି ଖେଳିବାକୁ ଡାକିନେଇଥିଲେ। କିନ୍ତୁ ପରେ କଲୋନୀରେ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ହତ୍ୟାକାଣ୍ଡ ନେଇ ପୁଲିସ୍ ଅଭିଯୁକ୍ତ ସାହୁଲ୍ ସିଂହକୁ ଗିରଫ କରିଥିବା ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ଏହାଛଡ଼ା ଅନୁଗୁଳରେ ଆଜାଦ୍ ହୁସେନ୍ (୨୨) ନାମକ ଯୁବକଙ୍କୁ ମଣ୍ଟୁ ସାମନ୍ତରାୟ ହତ୍ୟା କରିଥିବା ବେଳେ ତାକୁ ଗିରଫ କରାଯାଇଥିବା ଅନୁଗୁଳ ଏସ୍‌ପି ରାହୁଲ୍ ଜୈନ୍ ସୂଚନା ଦେଇଛନ୍ତି। ଏହାଛଡ଼ା ବ୍ରହ୍ମପୁର ସହରର ଚାଣକ୍ୟ ନଗରରେ ଟି. ରାମଚନ୍ଦ୍ର ପାତ୍ର (୪୨)ଙ୍କୁ ଛୁରୀ ଭୁଷି ହତ୍ୟା କରିବା ଅଭିଯୋଗରେ ଚନ୍ଦନ କୁମାର ସାବତ (୩୨) ନାମକ ଯୁବକଙ୍କୁ ଗିରଫ କରାଯାଇଛି। ଏନେଇ ଏସ୍‌ପି ସରବନା ବିବେକ ଏମ୍. ସୂଚନା ଦେଇଛନ୍ତି। ଏହାଛଡ଼ା ହୋଲିରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ପୁରୀ ଓ କଳାହାଣ୍ଡିରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

● ୨୭ରେ କଂଗ୍ରେସର ବିଧାନସଭା ଘେରାଉ

ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ନିଯୁକ୍ତ

ଭୁବନେଶ୍ୱର୧୬।୩(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୨୭ରେ ବିଧାନସଭା ଘେରାଉ କରାଯିବା ସକାଶେ ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ସଫଳ କରିବା ସକାଶେ ଆଜି ଦଳ ପକ୍ଷରୁ ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ନିଯୁକ୍ତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଏହି ନିଯୁକ୍ତି ଦେଇଥିବା ବେଳେ ଏହି ପର୍ଯ୍ୟବେକ୍ଷକ ଓ ପ୍ରବକ୍ତାମାନେ ସମ୍ପୃକ୍ତ ଜିଲ୍ଲା ସଭାପତିଙ୍କୁ ଯୋଗାଯୋଗ କରି ଜିଲ୍ଲା ଗସ୍ତ କରିବେ ଓ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀଙ୍କୁ ଘେରାଉ କାର୍ଯ୍ୟକ୍ରମରେ ସାମିଲ୍ ଦିଗରେ ପଦକ୍ଷେପ ନେବେ। ସେହିପରି ପ୍ରବକ୍ତାମାନେ ସ୍ଥାନୀୟ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ନିକଟରେ ଏନେଇ ସୂଚନା ପହଞ୍ଚାଇବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ଅନୁଗୁଳ ଜିଲ୍ଲା ପାଇଁ ଅମୀୟ ପଟ୍ଟନାୟକ ପର୍ଯ୍ୟବେକ୍ଷକ ଓ ଜୟଶ୍ରୀ ପାତ୍ର ପ୍ରବକ୍ତା ଭାବେ ନିଯୁକ୍ତି ପାଇଥିବା ବେଳେ ବାଲେଶ୍ୱର ପାଇଁ ପଦ୍ମାକର ଗୁରୁ ଓ ବନ୍ଦିତା ପରିଡ଼ା, ବରଗଡ଼ ପାଇଁ ଆକବର ଖାନ ଓ ଘାସିରାମ ମାଝୀ, ଭଦ୍ରକ ପାଇଁ ଅଜିତ ଜେନା ଓ ପଦ୍ମାକର ଗୁରୁ, ଭୁବନେଶ୍ୱର ପାଇଁ ମହମ୍ମଦ ଇମଦାଦ ଓ ପଞ୍ଚାନନ କାନୁନଗୋ, ବଲାଙ୍ଗୀର ପାଇଁ ସୁଜିତ ପାଢ଼ୀ ଓ ନକୁଳ ନାୟକ, ବୌଦ୍ଧ ପାଇଁ ସଂଗ୍ରାମ କେଶରୀ ମହାନ୍ତି ଓ ହମିଦ ହୁସେନ, କଟକ ପାଇଁ ଅମରେଶ ପରିଡ଼ା ଓ ବିଜୟଲକ୍ଷ୍ମୀ ସାହୁ, କଟକ ସିଟି ପାଇଁ କିଶୋର ଜେନା ଓ ବିଜୟଲକ୍ଷ୍ମୀ ସାହୁ, ଦେବଗଡ଼ ପାଇଁ ବଳବିର ସିଂ ଓ ମନୋଜ ବିଶ୍ୱାଳ, ଢେଙ୍କାନାଳ ପାଇଁ ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାସ, ଗଞ୍ଜାମ ପୂର୍ବ ପାଇଁ ପ୍ରଦୀପ୍ତ କୁମାର ଦାସ ଓ ସୋନାଲି ସାହୁ, ଗଞ୍ଜାମ ପଶ୍ଚିମ ପାଇଁ ବିଜୟ କୁମାର ପ୍ରଧାନ ଓ ସୋନାଲି ସାହୁ, ଗଜପତି ପାଇଁ ଦୁର୍ଗା ପଣ୍ଡା ଓ ସଂଗ୍ରାମ ମହାନ୍ତି, ଜଗତସିଂହପୁର ପାଇଁ ଶ୍ରୀନିବାସ ରାଉତରାୟ ଓ ଗିରିବାଳା ବେହେରା, ଯାଜପୁର ପାଇଁ ଚିନ୍ମୟ ପ୍ରସାଦ ବେଉରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା ପାଇଁ ସତ୍ୟନାରାୟଣ ଦେବତା ଓ ପ୍ରକାଶ ମିଶ୍ରଙ୍କୁ ଯଥାକ୍ରମେ ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାଛଡ଼ା କଳାହାଣ୍ଡି ପାଇଁ ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ ପାଇଁ ଡ. ଲଲାଟେନ୍ଦୁ ମହାପାତ୍ର ଓ ଅମରେଶ ପରିଡ଼ା, କେନ୍ଦ୍ରାପଡ଼ା ପାଇଁ ମନୋଜ ବିଶ୍ୱାଳ ଓ ୟାସିର ନୱାଜ, କେନ୍ଦୁଝର ପାଇଁ ଶିବାନନ୍ଦ ରାୟ ଓ ନିଶିକାନ୍ତ ମିଶ୍ର, ଖୋର୍ଦ୍ଧା ପାଇଁ ଜୟଶ୍ରୀ ପାତ୍ର ଓ ଅମୀୟ ପାଣ୍ଡବ, କୋରାପୁଟ ପାଇଁ ଅଜିତ ଦାସ ଓ ରଜନୀ ମହାନ୍ତି, ମୟୂରଭଞ୍ଜ ପୂର୍ବ ପାଇଁ ତରୁଣ ମିଶ୍ର ଓ ବିଶ୍ୱରଞ୍ଜନ ମହାନ୍ତିଙ୍କୁ ଯଥାକ୍ରମେ ପର୍ଯ୍ୟବେକ୍ଷକ ଓ ପ୍ରବକ୍ତା ଭାବେ ନିଯୁକ୍ତି ଦିଆଯାଇଛି।

ଫରେନ୍ସିକ୍ ୟୁନିଭର୍ସିଟିର ଶିଳାନ୍ୟାସ କରିବେ ଶାହ

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସନ୍ତା ୨୧ ତାରିଖରେ ଝାରସୁଗୁଡା ଏୟାରପୋର୍ଟରେ ପହଞ୍ଚିବେ। ଉକ୍ତ ଦିନ ରାତିରେ ଏମସିଏଲ୍ ଗେଷ୍ଟ ହାଉସରେ ଶ୍ରୀ ଶାହ ଅବସ୍ଥାନ କରିବେ। ପରଦିନ ଅର୍ଥାତ୍ ୨୨ ତାରିଖ ସକାଳେ ସମଲେଇ ଦର୍ଶନ ପରେ ପିଏଚ୍‌ଡି ପଡ଼ିଆରେ ଶ୍ରୀ ଶାହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପୁରୀ ଗସ୍ତ କରିବା ସହ ସେଠାରେ ରାତ୍ରିଯାପନ କରିବେ। ୨୩ ତାରିଖ ସକାଳେ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ଖୋର୍ଦ୍ଧା ଜିଲ୍ଲାର ଜଟଣୀରେ ଭାରତର ଦ୍ୱିତୀୟ ଫରେନସିକ ୟୁନିଭର୍ସିଟିର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ଉକ୍ତଦିନ ଅପରାହ୍ନରେ ସେ ଦିଲ୍ଲୀ ଫେରିଯିବେ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଆଜି ବିଜେପି ପକ୍ଷରୁ ଶ୍ରୀ ଶାହଙ୍କ ଗସ୍ତକୁ ନେଇ ସମ୍ବଲପୁର ଏମସିଏଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଜୟନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲଙ୍କ ସହ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କ ସମେତ ୧୦ ଜିଲ୍ଲା ତଥା ୫ଟି ଲୋକସଭା କ୍ଷେତ୍ରର ଜିଲ୍ଲା ସଭାପତି, ବିଧାୟକ, ବିଧାୟକ ପ୍ରାର୍ଥୀ ମଧ୍ୟ ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ହେବ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟର

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ସେଣ୍ଟର ସ୍ଥାପନ ହେବ। ଏନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ଗତ ୧୩ ତାରିଖରେ ନୂଆଦିଲ୍ଲୀରେ ସାକ୍ଷାତ କରିବା ସହ ଏ ସଂକ୍ରାନ୍ତ ପ୍ରସ୍ତାବ ଦେଇଥିଲେ। ଏନେଇ ଶ୍ରୀମତୀ ଷଡ଼ଙ୍ଗୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ଶୀଘ୍ର ଏହି ସେଣ୍ଟର୍‌ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଆଜି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

> ସାଂସଦ ଅପରାଜିତାଙ୍କ ଉଦ୍ୟମ ଫଳବତୀ, କେନ୍ଦ୍ରମନ୍ତ୍ରୀଙ୍କ ସହମତି

ତାଙ୍କ କହିବାନୁସାରେ, ଗତ ବର୍ଷ ସେପ୍ଟେମ୍ବର ୧୦ ତାରିଖରେ ବ୍ରାଞ୍ଚ ଅଫ୍ ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ (ଏନଜିଏମଏ) ଭୁବନେଶ୍ୱରରେ ପ୍ରତିଷ୍ଠା କରିବା ସକାଶେ କେନ୍ଦ୍ର ନିକଟରେ ସର୍ବପ୍ରଥମେ ପ୍ରସ୍ତାବ ରଖିଥିଲେ। ସେହିପରି ସେପ୍ଟେମ୍ବର ୨୫ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଏକ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ବ୍ରାଞ୍ଚ ସ୍ଥାପନ ସଂକ୍ରାନ୍ତରେ କେନ୍ଦ୍ର ମନ୍ତ୍ରୀଙ୍କୁ ଏକ ଚିଠି ଲେଖିଥିଲେ। ଏହି ଗ୍ୟାଲେରୀରେ ଖଣ୍ଡଗିରି, ଉଦୟଗିରି, ହାତୀ ଗୁମ୍ଫା, ଲିଙ୍ଗରାଜ ମନ୍ଦିର, ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର ପରି ସ୍ଥାପତ୍ୟ ସ୍ଥାନ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁଣିଥରେ ରାଜ୍ୟ ସରକାରଙ୍କ ଦାବିକୁ କେନ୍ଦ୍ର ନିକଟରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଦୋହରାଇବା ପରେ ଏ ଦିଗରେ ସକାରାତ୍ମକ ପଦକ୍ଷେପ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସମଗ୍ର ଦେଶରେ ଭୁବନେଶ୍ୱର ମନ୍ଦିରମାଳିନୀ ନଗରୀ ଭାବେ ପ୍ରସିଦ୍ଧି ଅର୍ଜନ କରିଛି। ଏଠାରେ ପର୍ଯ୍ୟଟନ ଓ ସଂସ୍କୃତି ଦିଗରୁ ଅନେକ ପ୍ରାଚୀନ କୀର୍ତ୍ତିରାଜି ରହିଛି। ଏବେ ଭୁବନେଶ୍ୱର ଏକ କ୍ରମବର୍ଦ୍ଧନଶୀଳ ସହରୀକରଣର ସାମ୍ନା କରୁଥିବାରୁ ପର୍ଯ୍ୟଟକଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରିବା ସହ ପ୍ରାଚୀନ କୀର୍ତ୍ତିରାଜି ଓ ସମୃଦ୍ଧ ଐତିହ୍ୟ ସମ୍ପର୍କରେ ପର୍ଯ୍ୟଟକମାନଙ୍କୁ ଅବଗତ କରିବା ସକାଶେ ଏଠାରେ ଏକ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟର୍‌ର ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରୀଙ୍କ ଜଣାଇଥିଲେ। ସେହିପରି ଓଡ଼ିଶାରେ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟର୍ ସ୍ଥାପିତ ହେଲେ ରାଜ୍ୟର ଅନେକ ପ୍ରଖ୍ୟାତ କଳାକାରଙ୍କ କାରିଗରି ଏଠାରେ ସ୍ଥାନ ପାଇପାରିବ। ବର୍ତ୍ତମାନ ପୂର୍ବ ଭାରତରେ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର କୌଣସି କେନ୍ଦ୍ର ନଥିବାରୁ ସେହି ଦୃଷ୍ଟିରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏହାକୁ ସ୍ଥାନ ଦେଇ ପୂର୍ବ ଭାରତରେ ରହିଥିବା ଏହି ଅଭାବ ପୂରଣ ଦିଗରେ ପଦକ୍ଷେପ ନେବାକୁ ଶ୍ରୀମତୀ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

ଦୁର୍ଘଟଣାରେ ଶିଶୁକନ୍ୟା ମୃତ, ବାପା ଗୁରୁତର

● ଉତ୍ତ୍ୟକ୍ତ ଲୋକେ ଜାଳିଦେଲେ ଟ୍ରାକ୍ଟର

ଭଦ୍ରକ,୧୬।୩(ସଂଚାର ବ୍ୟୁରୋ): ଭଦ୍ରକ ଦୁର୍ଗାପୁର ନିକଟରେ ଆଜି ଘଟିଥିବା ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଏକ ଟ୍ରାକ୍ଟର ଧକ୍କାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବାପା ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁଜିଦରଡ଼ା ଅଞ୍ଚଳର ସେକ ସବାକତୁଲ୍ଲା ତାଙ୍କ ୪ ବର୍ଷର ଝିଅକୁ ନେଇ ଘରକୁ ଯାଉଥିବା ସମୟରେ ସେମାନଙ୍କୁ ଏକ ଇଟା ବୋଝେଇ ଟ୍ରାକ୍ଟର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶିଶୁକନ୍ୟାଟି ମୃତ୍ୟୁବରଣ କରିଥିଲା। ସେହିପରି ସବାକତୁଲ୍ଲାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲ୍‌କୁ ନିଆଯାଇଛି। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରରେ ନିଆଁ ଲଗାଇଦେଇଛନ୍ତି। ଏନେଇ ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉତ୍ତେଜନା ଥମିନଥିବା ଜଣାପଡ଼ିଛି।

ପୁଣି ଜଣେ ଦାଦନଙ୍କ ମୃତ୍ୟୁ

● ପରିବାର ଲୋକଙ୍କ ହତ୍ୟା ଅଭିଯୋଗ

● ନ୍ୟାୟ ପାଇଁ ପ୍ରଶାସନର ଦ୍ୱାରସ୍ଥ

ମୟୂରଭଞ୍ଜ,୧୬।୩(ସଂଚାର ବ୍ୟୁରୋ): କର୍ମସଂସ୍ଥାନ ସନ୍ଧ୍ୟାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ମଧ୍ୟରୁ ବିଭିନ୍ନ ସମୟରେ କେତେକ ପ୍ରାଣ ହରାଉଥିବା ବେଳେ ସେମାନଙ୍କ ପରିବାର ଲୋକେ ଘରର ରୋଜଗାରିଆ ସଦସ୍ୟଙ୍କୁ ହରାଇବା ସହ ଦୁଃଖଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ଏହି କ୍ରମରେ ଏବେ ଆଉ ଜଣେ ଦାଦନ ଶ୍ରମିକଙ୍କ ପ୍ରାଣହାନି ଘଟିଛି। ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିବା ବାରିପଦା ସଦର ଥାନା ଅଧୀନସ୍ଥ ରଙ୍ଗାମାଟିଆ ଗ୍ରାମର ପ୍ରକାଶ ବେହେରା ପ୍ରାଣ ହରାଇଛନ୍ତି। ତେବେ ତାଙ୍କ ପରିବାର ଲୋକେ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ସହ ଜିଲ୍ଲା ପ୍ରଶାସନ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ମିଳିଥିବା ସୂଚନାନୁସାରେ, ଟୁନା ବେହେରାଙ୍କ ଦୁଇ ପୁଅ ମଧ୍ୟରୁ ପ୍ରକାଶ ସବାବଡ଼। ପୂର୍ବରୁ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଲୋକଙ୍କୁ ନେଇ ସେମାନଙ୍କ ପରିବାର। ତେବେ କିଛି ବର୍ଷ ତଳେ ପ୍ରକାଶ ଜନୈକା ବିଧବାଙ୍କ ପ୍ରେମରେ ପଡିଯାଇଥିଲେ। ତେଣୁ ସେ ଆଉ ବାପା ଓ ଭାଇଙ୍କୁ ପଚାରୁନଥିଲେ। ପରିବାର ସହ ସମ୍ପର୍କ ଭଲ ନ ରହିବାରୁ ଉକ୍ତ ମହିଳା ଜଣକ ପ୍ରକାଶଙ୍କୁ ନେଇ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ସେ ଏକ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଥିଲେ। ସେଠାରେ ରହୁଥିବା ସମୟରେ ପ୍ରକାଶ ନିଜ ପରିବାର ଲୋକଙ୍କ ସହ ଫୋନ୍ ମାଧ୍ୟମରେ ବିଭିନ୍ନ ସମୟରେ କଥା ହେଉଥିଲେ। କିନ୍ତୁ ଗତକାଲି ହଠାତ ପ୍ରକାଶଙ୍କ ମୃତ୍ୟୁ ନେଇ ଖବର ପହଞ୍ଚିଥିଲା। ବେଙ୍ଗାଲୁରୁର ଏକ ଚିକିତ୍ସାଳୟରେ ପ୍ରକାଶଙ୍କ ମୃତ୍ୟୁ ହୋଇଥିବା ନେଇ ଟୁନାଙ୍କୁ ସୂଚନା ଦିଆଯାଇଥିଲା। କିନ୍ତୁ ଟୁନା ମୃତ୍ୟୁର କାରଣ ଜାଣିବାକୁ ଚାହିଁବାରୁ ସେପଟରୁ ଫୋନ୍ କରିଥିବା ବ୍ୟକ୍ତି କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ଟୁନାଙ୍କର ସନ୍ଦେହ ହୋଇଥିଲା ଯେ ପ୍ରକାଶଙ୍କୁ କେହି ହତ୍ୟା କରିଥାଇପାରେ। ତେବେ ସୁଦୂର ବେଙ୍ଗାଲୁରୁରେ ପୁଅର ମୃତଦେହ ଥିବାରୁ ସେ କ'ଣ କରିବେ ନ କରିବେ କିଛି ବି ଜାଣିପାରିନଥିଲେ। ପାଖରେ ଟଙ୍କା ନ ଥିବାରୁ ସେ ସେଠାକୁ ଯାଇ ମଧ୍ୟ ପାରୁନାହାନ୍ତି। ତେଣୁ ତୁରନ୍ତ ପ୍ରକାଶଙ୍କ ମୃତଦେହ ଏଠାକୁ ଆଣିବା ଦିଗରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ଏଥିସହ ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ନେଇ ସେ ବାରିପଦା ସଦର ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ତେବେ ସ୍ଥାନୀୟ ପୁଲିସ୍ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ କ'ଣ ପଦକ୍ଷେପ ନେଉଛି, ତାହା ଦେଖିବାର କଥା।

ସରକାରଙ୍କ ଉପରେ ବର୍ଷିଲା ଓମ୍‌ସା

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଡାକ୍ତରମାନଙ୍କ ବିଭିନ୍ନ ଦାବି ପ୍ରତି ଅଣଦେଖା କରୁଥିବାରୁ ଏନେଇ ଓଡ଼ିଶା ମେଡିକାଲ୍ ସର୍ଭିସ୍ ଆସୋସିଏସନ୍ (ଓମ୍‌ସା) ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି ଯେ ଡାକ୍ତରମାନଙ୍କ ୧୮ ଦଫା ଦାବି ପୂରଣ ପାଇଁ ଆସୋସିଏସନ୍ ସରକାରଙ୍କ ପାଖରେ ଦୀର୍ଘ ଦିନ ଧରି ଦାବି କରିଆସୁଛି। ଗତବର୍ଷ ସେପ୍ଟେମ୍ବର ୧୮ରେ ଏହାର ବାର୍ଷିକ ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘ ମାସ ପରେ ବି ଏଥିପ୍ରତି ସରକାର ଧ୍ୟାନ ଦେଇନାହାନ୍ତି। ରାଜ୍ୟରେ ଡାକ୍ତରମାନେ ଅତି ଶୋଚନୀୟ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ସମ୍ମାନ ମିଳୁନି କି ଆନୁଷଙ୍ଗିକ ଦରମା ଦିଆଯାଉନାହିଁ। ତା'ଛଡ଼ା ପେନ୍‌ସନ୍ ମଧ୍ୟ ମିଳୁନାହିଁ। ତେଣୁ କେନ୍ଦ୍ରୀୟ ହାରରେ ଦରମା ସହ ଅନ୍ୟାନ୍ୟ ସୁବିଧାସୁଯୋଗ ମିଳିବାର ଆବଶ୍ୟକତା ରହିଛି। ଗତ ୫ ବର୍ଷ ହେଲା ଡାକ୍ତରମାନଙ୍କୁ ସେମାନଙ୍କ ଯୋଗ୍ୟତା ଓ ଅଭିଜ୍ଞତା ଭିତ୍ତିରେ ପଦୋନ୍ନତି ବି ଦିଆଯାଉନାହିଁ। ସଠିକ୍ ଭାବେ ନିଯୁକ୍ତି ଦିଆଯାଉନାହିଁ। କୋଭିଡରେ ନିଜ ଜୀବନକୁ ବିପନ୍ନ କରି ଡାକ୍ତରମାନେ କାମ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଜୀବନ ବୀମା ସୁବିଧା ଦିଆଯାଇନାହିଁ। ତେଣୁ ଖୁବ୍ ଶୀଘ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ସକାଶେ ଓମ୍‌ସା ପକ୍ଷରୁ ଦାବି କରାଯାଇଛି। ଓମ୍‌ସା ପକ୍ଷରୁ ଆହୁରି ମଧ୍ୟ ଅଭିଯୋଗ କରାଯାଇଛି ଯେ ଯେଉଁ ଡାକ୍ତରମାନଙ୍କୁ କେବିକେ ଅଞ୍ଚଳକୁ ୫ ବର୍ଷ ପାଇଁ ପଠାଯାଉଛି, ସେମାନେ ଦୀର୍ଘ ବର୍ଷ ଧରି ସେଠାରେ ରହୁଛନ୍ତି ଓ ସେମାନଙ୍କୁ ଆଉ ସହରାଞ୍ଚଳକୁ ଅଣାଯିବା ଦିଗରେ ପଦକ୍ଷେପ ନିଆଯାଉନାହିଁ। ଏ ଦିଗରେ ଠୋସ୍ ପଦକ୍ଷେପ ନିଆନଗଲେ ଆସନ୍ତା ୧୨ରେ ହେବାକୁ ଥିବା ସଂଘର ସାଧାରଣ ପରିଷଦ ବୈଠକ (ଏଜିଏମ୍)ରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କୁହାଯାଇଛି।

ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ନିଷ୍ପତ୍ତି

ଅଳିଆଗଦାକୁ ଛାଡ଼ିବେନି ଅଳିଆଗାଡ଼ି

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ସୈନିକ ସ୍କୁଲ ସ୍ଥାନାନ୍ତରଣ ପ୍ରତିବାଦରେ ଓଡିଶା ଅଭିଭାବକ ମହାସଂଘ, ସୈନିକ ସ୍କୁଲ ଅଭିଭାବକ ସଙ୍ଘ, ଭିଏସଏସ ନଗର ଉନ୍ନୟନ କମିଟି, ଗାଡ଼କଣ ଗ୍ରାମବାସୀ, ସିଟିଜେନ ଫୋରମ, ସ୍ଥାନୀୟ ବୁଦ୍ଧିଜୀବୀ ହାତ ମିଳାଇଥିବା ବେଳେ ଏମାନଙ୍କୁ ନେଇ ଆଜି ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ଏଣିକି ସୈନିକ ସ୍କୁଲ ଭିତରେ ହେଉ କି କୌଣସି ଗେଟରେ ଥିବା ଅଳିଆଗଦା ଭିତରକୁ ଅଳିଆଗାଡ଼ି ଛଡ଼ାଯିବନାହିଁ। ଏ ସମ୍ପର୍କରେ ଅଭିଯାନର ସଦସ୍ୟମାନଙ୍କ ସହ ସବିଶେଷଆଲୋଚନା ସକାଶେ ପ୍ରଶାସନକୁ ଦଶଦିନର ମହଲତ ଦିଆଯାଇଛି। ଉକ୍ତ ସମୟ ମଧ୍ୟରେ ପ୍ରଶାସନ ଅଭିଯାନର ସଦସ୍ୟମାନଙ୍କ ସହ ଆଲୋଚନା କରି ସୈନିକ ସ୍କୁଲ ସ୍ଥାନାନ୍ତରଣ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନଦେଲେ, ପରବର୍ତ୍ତୀ ସମୟରେ ଚରମ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଓଡ଼ିଆ ଅସ୍ମିତାର ଅନନ୍ୟ ପରିଚୟ ଓଡ଼ିଶା ତଥା ଭାରତର ଗର୍ବ ଗୌରବ ଭାବେ ୧୯୬୨ରୁ ଭୁବନେଶ୍ୱର ସୈନିକ ସ୍କୁଲ କାର୍ଯ୍ୟ କରିଆସୁଛି। ତେବେ ରାସ୍ତା ସମ୍ପ୍ରସାରଣ ଆଳରେ ସରକାର ଏହାକୁ ଅନ୍ୟତ୍ର ଉଠାଇନେବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକି କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ। ତେଣୁ ସରକାର ଏପରି ନିଷ୍ପତ୍ତିରୁ କ୍ଷାନ୍ତ ରହିବା ସକାଶେ ଅଭିଯାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରତିରକ୍ଷା ସଚିବ, ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଦାବି କରାଯାଇସାରିଛି। ସୈନିକ ସ୍କୁଲ ପରିସରରେ ଦେଶ ସୁରକ୍ଷା ପାଇଁ ଆତ୍ମବଳି ଦେଇଥିବା ଶତାଧିକ ସହିଦଙ୍କ ସ୍ମାରକୀ ସହ ଅମର ଯବାନ ଜ୍ୟୋତି ରହିଛି। ଏହା ମଧ୍ୟ ଏକ ଐତିହ୍ୟସ୍ଥଳୀ ସଦୃଶ। ତେଣୁ ସୈନିକ ସ୍କୁଲ୍‌କୁ ସ୍ଥାନାନ୍ତର ନ କରି ଓଭର ବ୍ରିଜ ଭଳି ବିକଳ୍ପ ନେଇ ଚିନ୍ତା କରିବା ସକାଶେ ଅଭିଯାନ ପକ୍ଷରୁ ନିବେଦନ କରାଯାଇଛି। ପୂର୍ବରୁ ଏଠାରେ ଡମ୍ପିଂ ୟାର୍ଡକୁ ବିରୋଧ କରି ଏକାଧିକ ଆନ୍ଦୋଳନ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର ସମାଧାନ କରାଯାଇପାରିନାହିଁ। ଅଳିଆଗଦା ଉଠାଇବା ପରିବର୍ତ୍ତେ ସୈନିକ ସ୍କୁଲ ଭଳି ଗର୍ବ ଓ ଗୌରବମୟ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯିବା ଭଳି ନିଷ୍ପତ୍ତି ବାସ୍ତବିକ ଦୁର୍ଭାଗ୍ୟଜନକ। ତେଣୁ ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ବିରୋଧ କରିଆସୁଛନ୍ତି। ସୈନିକ ସ୍କୁଲ୍‌ର ମର୍ଯ୍ୟାଦା ରକ୍ଷା ସକାଶେ ଅଭିଯାନର ସଦସ୍ୟମାନେ ୩ଟି ଦଳରେ ବିଭକ୍ତ ହୋଇ ସୈନିକ ସ୍କୁଲ ମୁଖ୍ୟ ପ୍ରବେଶ ଦ୍ୱାର, ଦାଶରଜା ମନ୍ଦିର ପ୍ରବେଶ ଦ୍ୱାର ଓ ଧୀରୀକୁଟି ବସ୍ତି ପ୍ରବେଶ ଦ୍ୱାର ନିକଟରେ ରହି ଭିତରକୁ କୌଣସି ଅଳିଆ ଗାଡ଼ିକୁ ପ୍ରବେଶ ସୁଯୋଗ ଦେବେନାହିଁ।

ହଠାତ୍ କଟିବନି ରାସନ କାର୍ଡ: ମନ୍ତ୍ରୀ

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ରାଜ୍ୟରେ କୌଣସି ହିତାଧିକାରୀଙ୍କ କାର୍ଡ ହଠାତ୍ କଟିବନି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଇକେୱାଇସି କରାଇନେବାକୁ କୁହାଯାଇଥିବା ବେଳେ ଅଦ୍ୟାବଧି ଆହୁରି ୩୦ ଲକ୍ଷ ୭୩୪ ଲୋକ ଏହା କରାଇନାହାନ୍ତି। ଧାର୍ଯ୍ୟ ତାରିଖ ପରେ ଯେଉଁମାନେ ଇ-କେୱାଇସି କରାଇନଥିବେ, ଫିଲ୍ଡ ଭିଜିଟ୍ କରି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯାଞ୍ଚ କରିବେ। ସେହିପରି ନୂଆ କାର୍ଡ ପାଇବା ସକାଶେ ପୂର୍ବରୁ ୬ ଲକ୍ଷ ୩୫ ହଜାର ଲୋକ ଆବେଦନ କରିଥିବା ବେଳେ ଗତ ୧ ତାରିଖରେ ଆରମ୍ଭ ହୋଇଥିବା ପୋର୍ଟାଲ୍ ମାଧ୍ୟମରେ ଅଦ୍ୟାବଧି ୫୦ ହଜାର ଲୋକ ଆବେଦନ କରିଥିବା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ନୂଆ କାର୍ଡ ପାଇଁ ଆବେଦନ କରିଥିବା ଲୋକମାନଙ୍କର ସର୍ଭେ ଆସନ୍ତା ଏପ୍ରିଲ ୧୫ ସୁଦ୍ଧା ଶେଷ ହେବ। ଏହାପରେ ନୂଆ ହିତାଧିକାରୀ ସେମାନଙ୍କର ରାସନ ସାମଗ୍ରୀ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ଲଜ୍ଜା: ୫ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା!

ଅନୁଗୁଳ,୧୬।୩(ସଂଚାର ବ୍ୟୁରୋ): ଅନୁଗୁଳରେ ଆଜି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜନୈକ ଯୌନପିପାସୁ ଏକ କୋମଳମତି ଶିଶୁକୁ ନିଜ କାମବାସନାର ଶିକାର କରିବା ଭଳି ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜନୈକା ୫ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମିଳିଥିବା ସୂଚନାନୁସାରେ, ଅନୁଗୁଳ ଜିଲ୍ଲା ନିଶା ଶିଲ୍ପାଞ୍ଚଳ ଥାନା ଅଞ୍ଚଳରେ ଗତ ଗୁରୁବାରଠାରୁ ଉକ୍ତ ୫ ବର୍ଷର ଶିଶୁକନ୍ୟାଟି ନିଖୋଜ ଥିଲା। ଏ ସମ୍ପର୍କରେ ଶୁକ୍ରବାର ପରିବାର ଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ। ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ୍ ମଧ୍ୟ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଆଜି ଉକ୍ତ ଶିଶୁକନ୍ୟାଟିର ମୃତଦେହ ଏକ ମହୁଲ ଗଛ ମୂଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ।

ଗଞ୍ଜେଇ ଚାଷ, ସମ୍ପୂର୍ଣ୍ଣ ନିରାକରଣ କେବେ ?

ଭୁବନେଶ୍ୱର,୧୬।୩ : ଚୋରା ଗଞ୍ଜେଇ ବେପାର ଘେନି ଓଡିଶା ସାରା ଦେଶରେ ବଦନାମ ହେଉଥିବାବେଳେ ଏହାର ସମ୍ପୂର୍ଣ୍ଣ ନିରାକରଣ ନକରି କେବଳ ଉପର ଠାଉରିଆ ଭାବେ ମଝିରେ ମଝିରେ କିଛି ଗଞ୍ଜେଇ ଜବତ କରି ବିଭାଗୀୟ କର୍ତ୍ତୃପକ୍ଷ ବାହାବା ନେଉଛନ୍ତି ବୋଲି ମଦମୁକ୍ତି ଅଭିଯାନ ପକ୍ଷରୁ ଖୋଲା ଅଭିଯୋଗ ହେଉଛି। ସରକାରୀ ହିସାବ ମୁତାବକ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୮୦କୁଇଣ୍ଟାଲ ଭାଙ୍ଗ ଅବକାରୀ ବିଭାଗ କର୍ତ୍ତୃପକ୍ଷ ଜବତ କରିଥିବାବେଳେ ଗତବର୍ଷ ୧୦୦ କୁଇଣ୍ଟାଲରୁ ଅଧିକ ଭାଙ୍ଗ ଜବତ ହୋଇଥିଲା । ସେହିଭଳି ୨୦୨୩-୨୪ ବର୍ଷରେ ଓଡିଶାରେ ପାଖାପାଖି ୩୦୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବାବେଳେ ଏବର୍ଷ ଏହି ପରିମାଣ ୨୫୦ କୁଇଣ୍ଟାଲକୁ ଟପି ସାରିଲାଣି ।

ସରକାରୀ ହିସାବ ମୁତାବକ ୨୦୨୪-୨୫ ବର୍ଷରେ ୨୨,୩୨୪ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଏଥିରେ ୨୨ଲକ୍ଷ ୫୧ହଜାରରୁ ଅଧିକ ଗଞ୍ଜେଇ ଗଛ ସରକାର ପଇସା ଖର୍ଚ୍ଚକରି କାଟିଥିବା ଦାବି କରୁଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ବେଧଡକ ଗଞ୍ଜେଇ ଚାଷ ଚାଲିଥିବାବେଳେ ମୂଳରୁ କ୍ଷେତ୍ର ଅଧିକାରୀ ଓ ଲୋକ ପ୍ରତିନିଧିମାନେ କିଭଳି ଜାଣିପାରୁ ନାହାନ୍ତି ତାହା ବିସ୍ମୟ ସୃଷ୍ଟି କରିଛି ।

ଯେଉଁସବୁ ଜିଲ୍ଲାରେ ଚୋରା ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବେଆଇନ୍ ଭାବେ ହେଉଛି ସେଥିରେ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ମଜୁରିଆ ଭାବେ ଖଟାଯାଉଛି । ଗଞ୍ଜେଇ ପତ୍ରକୁ ଭାଙ୍ଗ ଭାବରେ ଓ ଏହାର ଫୁଲକୁ ଗଞ୍ଜେଇ ଆକାରରେ ବ୍ୟବହାର କରାଯାଇଥାଏ । ପାକଳ ଫୁଲରୁ ବି ଗଞ୍ଜେଇ ମଞ୍ଜି ସଂଗ୍ରହ କରାଯାଇ ବିକ୍ରି ହୋଇଥାଏ । ପୁଲିସ୍ ଓ ଅବକାରୀ ବିଭାଗର ଗୁଇନ୍ଦା ସଂସ୍ଥା ଚାରିଆଡେ ଛାଇହୋଇ ରହିଥିବାବେଳେ ଗଞ୍ଜେଇ ଚାଷ ଆରମ୍ଭରୁ କିଭଳି ଖବର ପାଇପାରୁ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସଂଖ୍ୟାଧିକ ସ୍ଥଳରେ ପାହାଡିଆ ଅଞ୍ଚଳର ଜଙ୍ଗଲ ଜମି ଓ ଅନ୍ୟ ସରକାରୀ ଜମିରେ ଗଞ୍ଜେଇଚାଷ ହୋଇଥାଏ । ଅବଶ୍ୟ କେତେକ ସ୍ଥଳରେ ଲୋକଙ୍କ ଜମି ଭାଗରେ ନେଇ ବି ଗଞ୍ଜେଇ ବେପାରୀମାନେ ବେନାମୀ ଗଞ୍ଜେଇ ଚାଷ କରିଥାନ୍ତି । ଗାଁରେ ଥିବା ଗ୍ରାମରକ୍ଷୀଙ୍କ ଠାରୁ ଆରମ୍ଭକରି ରାଜସ୍ୱ ବିଭାଗର କ୍ଷେତ୍ର ଅଧିକାରୀ ଏମିତିକି ଜଙ୍ଗଲ ବିଭାଗର କର୍ମଚାରୀମାନେ ଏସବୁକୁ ଆଖିବୁଜି ଦେଉଛନ୍ତି ନା ଦେଖିକରି କୌଣସି ଚାପ ଯୋଗୁଁ ନିରବ ରହୁଛନ୍ତି ତାହା ମଧ୍ୟ ଏକ ପ୍ରଶ୍ନବାଚୀ । ଏହାଛଡା ୱାର୍ଡମେମ୍ବର, ସରପଞ୍ଚଙ୍କ ଠାରୁ ଆରମ୍ଭକରି ବିଭିନ୍ନ ସ୍ତରର ସ୍ଥାନୀୟ ଲୋକପ୍ରତିନିଧି ଏବଂ ସରକାରୀ ଓ ବିରୋଧିଦଳର କ୍ଷେତ୍ରୀୟ ନେତାମାନେ ଏ ପ୍ରସଙ୍ଗରେ କାହିଁକି ମୂଳରୁ ନିରବ ରହୁଛନ୍ତି ତାହା ବି ସନ୍ଦେହ ସୃଷ୍ଟିକରିବା ସ୍ୱାଭାବିକ । ଏଥିଲାଗି ନିର୍ବାଚିତ ଲୋକପ୍ରତିନିଧି ଓ କ୍ଷେତ୍ର କର୍ମଚାରୀମାନଙ୍କୁ ଉତ୍ତରଦାୟୀ ରଖାଗଲେ ଗଞ୍ଜେଇଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ବୋଲି ଆଶା କରାଯାଉଛି ।

ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟକରି ଏବଂ ଅନେକ ସମୟ ବରବାଦ କରି ଧର୍ମକୁ ଆଖିଠାର ମାରିବା ଭଳି ଚୋରା ଗଞ୍ଜେଇ ଜବତ ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରୁଛନ୍ତି ବୋଲି ମଦମୁକ୍ତି ଅଭିଯାନ ଖୋଲା ଅଭିଯୋଗ କରୁଛି । କେବଳ ସେତିକି ନୁହେଁ, ଓଡିଶାର ଅସ୍ମିତା ପ୍ରସଙ୍ଗ ବ୍ୟାପକ ଚର୍ଚ୍ଚିତ ହେଉଥିବାବେଳେ ଦେଶର ବିଭିନ୍ନ ରାଜ୍ୟରେ ଓଡିଶାର ଚାଲାଣ ହେଉଥିବା ଗଞ୍ଜେଇ ଧରାପଡିବା ସମାଚାର ବାରମ୍ବାର ପ୍ରକାଶ ପାଉଛି । ଏମିତିକି ବିଦେଶରୁ ଭାରତକୁ ଓ ଓଡିଶାକୁ ବ୍ରାଉନସୁଗାର, ହେରୋଇନ୍, ଅଫିମ ଆଦି ନିଶା ସାମଗ୍ରୀ ଚୋରାରେ ଆସୁଥିବାବେଳେ ଓଡିଶାରେ ଭାଙ୍ଗ ଓ ଗଞ୍ଜେଇ ସମେତ ବିଭିନ୍ନ ନିଶା ସାମଗ୍ରୀର ବ୍ୟବହାର ଉଦବେଗଜନକ ଭାବେ ବଢ଼ିବାରେ ଲାଗିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିଘେନି ଉଦବେଗପ୍ରକାଶ କରୁଥିବାବେଳେ ଗଞ୍ଜେଇ ଚାଷ କିନ୍ତୁ ଆମ ରାଜ୍ୟରେ ବନ୍ଦ ହୋଇପାରୁ ନାହିଁ। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

ଆଜିର ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁଚାଲିଛି। ଏବେ ୯୦ହଜାର ଆଡକୁ ମୁହାଁଇଲାଣି। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୬୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୬୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୨୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୨୦୦ ଟଙ୍କା ଓ ୮୯,୬୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୩୫୦ ଟଙ୍କା ଓ ୮୯, ୮୨୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୨୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୬୭୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୨୦୦ ଓ ୮୯,୬୭୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।



ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଭଳି ଆଜି ମଧ ନୂଆ ତୈଳଦର ଜାରି ହୋଇଛି। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର୍‌କୁ ଦୁଇଟି ସମ୍ମାନଜନକ ପୁରସ୍କାର

ଭୁବନେଶ୍ୱର, ୧୬।୩: ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ କୋଲକାତାଠାରେ ଆୟୋଜିତ ସମ୍ମାନଜନକ ସପ୍ତମ ସୋସିଆଲ ଇମ୍ପାକ୍ଟ ଆୱାର୍ଡ ୨୦୨୫ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)କୁ ଦୁଇଟି ସମ୍ମାନଜନକ ପୁରସ୍କାର ଦିଆଯାଇଛି। କମ୍ପାନିର ଜିନ୍ଦଲ ଆଶା କାର୍ଯ୍ୟକ୍ରମ ପାଇଁ ବିଜେତା ଟ୍ରଫି ଏବଂ କିଶୋରୀ ଏକ୍ସପ୍ରେସ୍ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଜୁରି ପୁରସ୍କାର ଦିଆଯାଇଛି। ଅସାନସୋଲ ଦକ୍ଷିଣର ବିଧାୟକ ଅଗ୍ନିମିତ୍ରା ପାଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ମାଗସେସେ ପୁରସ୍କାର ବିଜେତା ଅଂଶୁ ଗୁପ୍ତା ଏବଂ ରୋଟାରି ଇଣ୍ଟରନ୍ୟାସନାଲର ପୂର୍ବତନ ଗ୍ଲୋବାଲ ପ୍ରେସିଡେଣ୍ଟ ଶେଖର ମେହେଟ୍ଟା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିନ୍ଦଲ ଆଶା ଦିବ୍ୟାଙ୍ଗ ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଏବଂ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରିବାରେ ସହାୟତା କରୁଥିବା ବେଳେ କିଶୋରୀ ଏକ୍ସପ୍ରେସ୍ କାର୍ଯ୍ୟକ୍ରମ ରକ୍ତହୀନତା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରି କିଶୋରୀମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସପ୍ତମ ଆଇସିସି ସୋସିଆଲ ଇମ୍ପାକ୍ଟ ପୁରସ୍କାର କାର୍ଯ୍ୟକ୍ରମରେ ଦୁଇଟି ସମ୍ମାନ ମିଳିଥିବାରୁ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ ଆଇସିସିକୁ ଧନ୍ୟବାଦ ଜଣାଇଛନ୍ତି।

୨୦୨୮ ସୁଦ୍ଧା ଜର୍ମାନୀକୁ ପଛରେ ପକାଇବ ଭାରତ: ମାର୍ଗନ ଷ୍ଟେନ୍‌ଲି

ନୂଆଦିଲ୍ଲୀ,୧୬।୩: ଅର୍ଥନୈତିକ କ୍ଷେତ୍ରରେ ଭାରତ ପାଇଁ ଏକ ଭଲ ଖବର ଅଛି। ୨୦୨୮ ସୁଦ୍ଧା, ଭାରତର ଅର୍ଥନୀତି ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ବିଶ୍ୱସ୍ତରୀୟ ଆର୍ଥିକ କମ୍ପାନୀ ମୋର୍ଗାନ୍ ଷ୍ଟାନଲି ଏକ ରିପୋର୍ଟରେ ଏହି ଦାବି କରିଛି। ରିପୋର୍ଟ ଅନୁଯାୟୀ, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୨୦୨୬ ସୁଦ୍ଧା ୪.୭ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହା ୨୦୨୮ ସୁଦ୍ଧା ୫.୭ ଟ୍ରିଲିୟନ ଡଲାରରେ ପହଞ୍ଚିବ, ଯାହା ଫଳରେ ଭାରତ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ଏହି ଅସାଧାରଣ ଅଭିବୃଦ୍ଧି କୌଣସି ସଂଯୋଗ ନୁହେଁ, ବରଂ ବର୍ଷ ବର୍ଷର ଦୂରଦୃଷ୍ଟି ଏବଂ ସାହସିକ ଆର୍ଥିକ ସଂଶୋଧନର ଫଳାଫଳ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ୍ ଇଣ୍ଡିଆ' ଭଳି ଅଭିଯାନଗୁଡ଼ିକ ଶିଳ୍ପ ନବସୃଜନର ଏକ ଲହର ସୃଷ୍ଟି କରିଥିଲା ଯାହା ଗ୍ରାମଗୁଡ଼ିକୁ ଉତ୍ପାଦନ କେନ୍ଦ୍ରରେ ଏବଂ ସହରଗୁଡ଼ିକୁ ସମୃଦ୍ଧ ଆର୍ଥିକ କେନ୍ଦ୍ରରେ ପରିଣତ କରିଥିଲା। ଏହି ପଦକ୍ଷେପଗୁଡ଼ିକ କେବଳ ଶିଳ୍ପର ଅଭିବୃଦ୍ଧିକୁ ନେଇନଥିଲା ବରଂ ଭାରତକୁ ଏକ ଡିଜିଟାଲ୍ ସୁପରପାୱାର ହେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ ଥିଲା। ଭାରତରେ ହେଉଥିବା ବୃହତ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ କେବଳ ଦେଶକୁ ପରିବର୍ତ୍ତନ କରିନାହିଁ ବରଂ ବିଶ୍ୱ ନିବେଶକମାନଙ୍କୁ ମଧ ଆକର୍ଷିତ କରିଛି। ଲକ୍ଷ ଲକ୍ଷ ଲୋକଙ୍କୁ ଯୋଡିବା ଡିଜିଟାଲ ବିପ୍ଳବ ଏବଂ ଅନେକ ପ୍ରମୁଖ ସଂସ୍କାର ଭାରତକୁ ବିଶ୍ୱ ଅର୍ଥନୈତିକ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେଇଛି। ଭାରତର ଏହି ଅଭିବୃଦ୍ଧି ୧.୪ ବିଲିୟନ ଲୋକଙ୍କ ଆକାଂକ୍ଷାର ବାସ୍ତବିକ ରୂପ ଅଟେ। ଏହି ପ୍ରଗତିର ମୁଖ୍ୟ କାରଣ ହେଉଛି ଦେଶର ଯୁବ ଏବଂ ମହତ୍ୱାକାଂକ୍ଷୀ କାର୍ଯ୍ୟଶକ୍ତି, ଯେଉଁମାନେ ପ୍ରତିଦିନ ନୂତନ ମାଇଲଖୁଣ୍ଟ ଅତିକ୍ରମ କରୁଛନ୍ତି। ଟିକସ ସଂଶୋଧନ ଠାରୁ ଆରମ୍ଭ କରି ଆର୍ଥିକ ସମାବେଶ ପର୍ଯ୍ୟନ୍ତ, ନବୀକରଣୀୟ ଶକ୍ତିଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ, ଦେଶ ଭାରତର ଆର୍ଥିକ ସଂସ୍କାରର ପ୍ରତ୍ୟେକ ଦିଗରେ ଅନୁକୂଳ ପରିବର୍ତ୍ତନ ଆଣିଛି। ଏହି ସଂସ୍କାରଗୁଡ଼ିକ କେବଳ ଅର୍ଥନୀତିକୁ ପ୍ରୋତ୍ସାହିତ କରିନାହିଁ ବରଂ ଭାରତକୁ ଏକ ବିଶ୍ୱ ଅର୍ଥନୈତିକ ଶକ୍ତି ଭାବରେ ପ୍ରତିଷ୍ଠିତ କରିଛି। ଭାରତର ଅର୍ଥନୀତି ଉଚ୍ଚତାରେ ବୃଦ୍ଧି ପାଉଥିବାରୁ, ଏହା ସ୍ପଷ୍ଟ ଯେ ଭବିଷ୍ୟତ ଭାରତରେ, ଯେତେବେଳେ ବିଶ୍ୱ ଅନିଶ୍ଚିତ ବିଶ୍ୱ ଅର୍ଥନୈତିକ ପରିସ୍ଥିତି ସହିତ ସଂଘର୍ଷ କରୁଛି, ଭାରତ ଏହାର ଦୃଢ଼ ଅର୍ଥନୈତିକ ନୀତି ଏବଂ ବିକାଶମୂଳକ ଆଭିମୁଖ୍ୟ ସହିତ ଦ୍ରୁତ ଗତିରେ ବିକାଶ କରୁଛି।

ପ୍ରକଳ୍ପ ହାତେଇବା ପାଇଁ ୨,୦୦୦ କୋଟିର ଲାଞ୍ଚ ମାମଲା

ଆଦାନିଙ୍କୁ ଆମେରିକା ବଜାର ନିୟାମକଙ୍କ ସମନ

ନୂଆଦିଲ୍ଲୀ,୧୬।୩: ଲାଞ୍ଚ ଏବଂ ଠକେଇ ମାମଲାରେ ଆମେରିକା ପ୍ରତିଭୂତି ଏବଂ ବିନିମୟ ଆୟୋଗ(ୟୁଏସ୍ ଏସ୍‌ଇସି) ଭାରତୀୟ ଉଦ୍ୟୋଗପତି ଗୌତମ ଆଦାନିଙ୍କୁ ସମନ ଜାରି କରିଛି। ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ଫେବ୍ରୁଆରୀ ୨୫ରେ ଏହି ସମନ୍‌କୁ ଅହମ୍ମଦାବାଦର ସେସନ୍ କୋର୍ଟଙ୍କୁ ଟ୍ରାନ୍ସଫର କରିଛନ୍ତି। ଗୌତମ ଆଦାନିଙ୍କ ଠିକଣାରେ ଏହାକୁ ପହଞ୍ଚାଇବା ଲାଗି ସରକାର କୋର୍ଟଙ୍କ ନିକଟରେ ଏହାକୁ ଦାଖଲ କରିଛନ୍ତି। ଏହି ସମନ୍ ୧୯୬୫ ହେଗ୍ ସନ୍ଧି ଅଧୀନରେ ପଠାଯାଇଛି। ସନ୍ଧି ମାଧ୍ୟମରେ କୌଣସି ମାମଲାରେ ଜଡ଼ିତ ଦେଶ ପରସ୍ପରର ନାଗରିକଙ୍କୁ ଆଇନମୂଳକ ଦସ୍ତାବିଜ୍ ହସ୍ତାନ୍ତର କରିବାରେ ସହାୟତା ଲାଗି ସିଧାସଳଖ ଅନୁରୋଧ କରିପାରିବେ। ଗତବର୍ଷ ଆମେରିକାରେ ଆଦାନିଙ୍କ ସମେତ ୮ ଜଣଙ୍କ ବିରୋଧରେ ବହୁକୋଟି ଟଙ୍କାର ଠକେଇ ଅଭିଯୋଗ ଅଣାଯାଇଥିଲା। ଆଦାନି ଗ୍ରୁପ୍ କମ୍ପାନି ବେଆଇନ ଉପାୟରେ ଭାରତରେ ଏକ ଅକ୍ଷୟ ଶକ୍ତି ପ୍ରକଳ୍ପ ହାତେଇଥିବା ଅଭିଯୋଗ ରହିଥିଲା। ପ୍ରକଳ୍ପ ହାତେଇବା ପାଇଁ ଏହା ସରକାରୀ ଅଧିକାରୀମାନଙ୍କୁ ୨୫ କୋଟି ଡଲାର ବା ପ୍ରାୟ ୨,୦୨୯ କୋଟି ଟଙ୍କା ଲାଞ୍ଚ ଦେଇଥିବା ଆମେରିକାରୁ ଅଭିଯୋଗ ଆସିଥିଲା। ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଟଙ୍କା ଏକତ୍ର କରାଯାଇଥିବା କୁହାଯାଇଥିଲା।

ଭାରତରେ ରାଜକୋଷରେ ବଢ଼ିଲା ବିଦେଶୀ ଅର୍ଥ

ସେପଟେ ପାକିସ୍ତାନର ଅବସ୍ଥା ବେହାଲ

ନୂଆଦିଲ୍ଲୀ,୧୬।୩: ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ମାର୍ଚ୍ଚ ୭ ତାରିଖ ଶେଷ ସପ୍ତାହରେ ୧୫.୨୬ ବିଲିୟନ ଡ଼ଲାର ବୃଦ୍ଧି ହୋଇ ୬୫୩.୯୬ ବିଲିୟନ ଡ଼ଲାରରେ ପହଞ୍ଚିଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହି ସୂଚନା ଦେଇଛି। ଗତ ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୧.୭୮ ବିଲିୟନ ଡ଼ଲାରରୁ ହ୍ରାସ ପାଇ ୬୩୮.୬୯ ବିଲିୟନ ଡ଼ଲାରରେ ପହଞ୍ଚିଛି। ନିକଟରେ ଆର୍‌ବିଆଇର ବୈଦେଶିକ ମୁଦ୍ରା ବଜାର ହସ୍ତକ୍ଷେପ ତଥା ମୂଲ୍ୟର ପରିବର୍ତ୍ତନକୁ ହ୍ରାସ କରିବାରେ ପୁନଃ ମୂଲ୍ୟାଙ୍କନ ହେତୁ ରିଜର୍ଭଗୁଡିକ ହ୍ରାସ ପାଇବାରେ ଲାଗିଛି। ସେପ୍ଟେମ୍ବର ୨୦୨୪ ଶେଷରେ, ବୈଦେଶିକ ମୁଦ୍ରା ସଂରକ୍ଷଣ ସର୍ବକାଳୀନ ୭୦୪.୮୮ ବିଲିୟନ ଡ଼ଲାରରେ ପହଞ୍ଚିଛି।

ସମୀକ୍ଷା ବୈଠକ ସପ୍ତାହରେ ଏହି ତୀବ୍ର ବୃଦ୍ଧି ଫେବୃଆରୀ ୨୮ ରେ କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ୧୦ ବିଲିୟନ ଡଲାରର ବିଦେଶୀ ମୁଦ୍ରା ଅଦଳବଦଳ ହେତୁ ଏହି ସିଷ୍ଟମରେ ତରଳତା ବଢ଼ାଇବା ପାଇଁ ଟଙ୍କା ବିପକ୍ଷରେ ଡଲାର କିଣିଥିଲା। ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ବୈଦେଶିକ ମୁଦ୍ରା ସଂରକ୍ଷଣର ଏକ ପ୍ରମୁଖ ଅଂଶ ବୈଦେଶିକ ମୁଦ୍ରା ସମ୍ପତ୍ତି ୧୩.୯୯ ବିଲିୟନ ଡ଼ଲାରରୁ ୫୫୭.୨୮ ବିଲିୟନ ଡ଼ଲାରରେ ପହଞ୍ଚିଛି। ତେବେ ସମୀକ୍ଷା ବୈଠକ ସପ୍ତାହରେ, ସୁନା ଭଣ୍ଡାରର ମୂଲ୍ୟ ୧.୦୫ ବିଲିୟନ ଡ଼ଲାରରୁ ୭୪.୩୨ ବିଲିୟନ ଡ଼ଲାରରେ ପହଞ୍ଚିଛି। ଏସ୍‌ଡିଆର୍ ୨୧୨ ମିଲିୟନ ଡ଼ଲାରରୁ ୧୮.୨୧ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ସହିତ ଭାରତର ଭଣ୍ଡାର ସମୀକ୍ଷା ବୈଠକରେ ସପ୍ତାହରେ ୬୯ ମିଲିୟନ ଡ଼ଲାରରୁ ୪.୧୪ ବିଲିୟନ ଡ଼ଲାରରେ ପହଞ୍ଚିଛି।ଅନ୍ୟପକ୍ଷରେ, ମାର୍ଚ୍ଚ ୨୦୨୫ ରେ ପାକିସ୍ତାନର ବୈଦେଶିକ ରିଜର୍ଭ ୧୧.୦୯୮ ବିଲିୟନ ଡ଼ଲାରକୁ ହ୍ରାସ ପାଇଛି, ଏହା ପୂର୍ବରୁ ୭ ମାର୍ଚ୍ଚରେ ପାକିସ୍ତାନର ସମାନ ବିଦେଶୀ ସଂରକ୍ଷଣ ୧୫.୨ ବିଲିୟନ ଡ଼ଲାର ଥିଲା। ଯଦି ଆଗାମୀ ଦିନରେ ପାକିସ୍ତାନର ବୈଦେଶିକ ଭଣ୍ଡାର ହ୍ରାସ ପାଇବାରେ ଲାଗିଛି, ତେବେ ଏହା ସମ୍ମୁଖରେ ଅନେକ ସମସ୍ୟା ଠିଆ ହୋଇପାରେ।

ୟୁଜର୍ସ ହେବେ ମାଲେମାଲ୍ ; ମିଳିବ ଅସିମିତ ଡାଟା-କଲିଂ

ନୂଆଦିଲ୍ଲୀ ୧୬।୦୩: ରିଲାଏନ୍ସ ଜିଓ। ଏହାର ରହିଛି ଅନେକ ରିଚାର୍ଜ ପ୍ଲାନ୍। ଯାହା ଅଲଗା ଅଲଗା ପ୍ରାଇସ୍ ସେଗମେଣ୍ଟରେ ଆସିଥାଏ ଏବଂ ଏଥିରେ ମିଳିଥାଏ ଅନେକ ବେନିଫିଟ୍। ଆପଣ ସାଧାରଣତଃ ଜିଓର ଦୈନିକ ଡାଟା ପ୍ଲାନିଂ ରିଚାର୍ଜ ଦେଖିଥିବେ, ଯେଉଁଥିରେ ଆପଣ ୧ଜିବି, ୨ଜିବି ଏବଂ ୩ ଜିବି ପର୍ଯ୍ୟନ୍ତ ଡାଟା ପାଇବେ। କିନ୍ତୁ ବର୍ତ୍ତମାନ ଜିଓ ଆଣିଛି ଏକ ସ୍ୱତନ୍ତ୍ର ରିଚାର୍ଜ ପ୍ଲାନ୍। ଏଥିରେ ୟୁଜର୍ସ ପାଇବେ ଅନଲିମିଟେଡ୍ ଡାଟା ଏବଂ କଲିଂର ସୁବିଧା। ଏଥିରୁ ଆପଣ ଯେତେ ଚାହିଁବେ ସେତେ ଡାଟା ଖର୍ଚ୍ଚ କରିପାରିବେ। ଜିଓର ଏହି ପ୍ଲାନ୍ର ଫାଇଦା ୟୁଜର୍ସ ପୁରା ୧ମାସ ଯାଏଁ ଉଠାଇପାରିବେ। ଏଥିରେ କୌଣସି ଡାଟା ଲିମିଟ୍ ନାହିଁ। ଜିଓର ଏହି ପୋଷ୍ଟପେଡ୍ ପ୍ଲାନ୍ ମାତ୍ର ୬୪୯ ଟଙ୍କାରେ ମିଳୁଛି। ଏହି ରିଚାର୍ଜ ପ୍ଲାନରେ ଉପଭୋକ୍ତାମାନେ ଅସୀମିତ କଲିଂର ସୁବିଧା ପାଉଛନ୍ତି। ଏଥିରେ ଲୋକାଲ୍ ଏବଂ ଏସଟିଡି କଲ୍ ସାମିଲ ରହିଛି। ଜିଓର ପୋଷ୍ଟପେଡ୍ ପ୍ଲାନରେ ଉପଭୋକ୍ତାମାନେ ଏକ ସାଇକଲ୍ର ଭାଲିଡିଟି ପାଇଥାନ୍ତି। ଏଠାରେ ବିଲ୍‌ର ତାରିଖ ଅଛି ଯାହା ୭-୬ କିମ୍ବା ୧୯ ରୁ ୧୮ ତାରିଖ ହୋଇଥାଏ। ଜିଓର ଏହି ରିଚାର୍ଜ ପ୍ଲାନ୍ରେ ୟୁଜର୍ସମାନେ ଜିଓ ଟିଭି ଏବଂ ଜିଓ କ୍ଲାଉଡର ଆକ୍ସେସ୍ ପାଇଥାନ୍ତି। ଜିଓର ଏହି ପ୍ଲାନ୍ କ୍ରିକେଟ ପ୍ରେମୀଙ୍କ ପାଇଁ ବହୁତ ଉପଯୋଗୀ ହୋଇପାରେ। ୨୨ ମାର୍ଚ୍ଚରୁ ଆଇପିଏଲ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ମ୍ୟାଚ୍ କେକେଆର ଏବଂ ଆରସିବି ମଧରେ ହେବ। ଆଉ ମ୍ୟାଚ୍ ଦେଖିବାକୁ ବେଶ୍ ସାହାଯ୍ୟକାରୀ ହେବ ଜିଓର ଏହି ପ୍ଲାନ୍।

ଫେରିବ ସାହାରା ଟଙ୍କା

ନୂଆ ତାଲିକା ଜାରି କଲା କମ୍ପାନୀ

ନୂଆଦିଲ୍ଲୀ,୧୬।୩: ସାହାରା ଇଣ୍ଡିଆରେ ନିବେଶ କରିଥିବା ନିବେଶକଙ୍କ ପାଇଁ ଆସିଛି ଏକ ବଡ଼ ଖବର। ଏହି ନିବେଶ କମ୍ପାନୀର ନିବେଶ କରିଥିବା ବ୍ୟକ୍ତିଙ୍କୁ ଖୁବଶୀଘ୍ର ଟଙ୍କା ମିଳିବାକୁ ଯାଉଛି। ପୂର୍ବରୁ କିଛି ନିବେଶକଙ୍କୁ ଟଙ୍କା ମିଳିଥିବା ବେଳେ ଏବେ ଆଉ କିଛି ନିବେଶକଙ୍କୁ ମିଳିବାକୁ ଯାଉଛି ସାହାର ଟଙ୍କା। ନୂଆ ଲିଷ୍ଟ ଜାରି କରାଯାଇଥିବା ନେଇ ସୂଚନା ମିଳିଛି। ସାହାରା ଇଣ୍ଡିଆର ରିଫଣ୍ଡ ପୋର୍ଟାଲରେ ଆପଣ ନିଜର ଆପ୍ଲିକେଶନ ଷ୍ଟାଟସ ଚେକ କରିପାରିବେ।

ସାହାରା ଇଣ୍ଡିଆର ରିଫଣ୍ଡ ପୋର୍ଟାଲରେ ନୂଆ ପେମେଣ୍ଟ ଲିଷ୍ଟ ଜାରି କରିଛି କମ୍ପାନୀ। ଏହି ଲିଷ୍ଟରେ ଆପଣଙ୍କ ନାମ ଅଛି କି ନାହିଁ ତାହା ଯାଞ୍ଚ କରନ୍ତୁ। ଯଦି ଆପଣ ମଧ ରିଫଣ୍ଡ ପାଇବାକୁ ଆବେଦନ କରିଥିଲେ, ତେବେ ଆପଣ ଏହି ଲିଷ୍ଟ ତୁରନ୍ତ ଚେକ କରିବା ଆବଶ୍ୟକ। ଏହି ଖବର ଏବେ ପ୍ରାୟ ୧୦ କୋଟି ସାହାରା ନିବେଶକଙ୍କୁ ଖୁସି ଖବର ଦେବାକୁ ଯାଉଛି। ଖୁବଶୀଘ୍ର ସେମାନଙ୍କ ଟଙ୍କା ସେମାନଙ୍କୁ ଫେରାଇ ଦିଆଯିବ। ପୂର୍ବରୁ ଫେବୃଆରୀ ମାସ ଶେଷ ସୁଦ୍ଧା ୧୨ ଲକ୍ଷ ୯୭ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇସାରିଛି ୨୩୧୪ କୋଟି ଟଙ୍କା।

ସାହାରା ଇଣ୍ଡିଆ ପକ୍ଷରୁ ରିଫଣ୍ଡ ପୋର୍ଟାଲ ପୂର୍ବରୁ ଆରମ୍ଭ କରାଯାଇ ସାରିଛି। ଯେଉଁଥିରେ ଲୋକେ ସେମାନଙ୍କ ଜମା ଟଙ୍କା ଫେରିପାଇବା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇପାରୁଛନ୍ତି। ସାହାରା ଇଣ୍ଡିଆରେ ନିବେଶ କରି ଟଙ୍କା ଫେରି ପାଇନଥିଲେ ନିବେଶକ। ଏବେ ଟଙ୍କା ପାଇବା ପ୍ରକ୍ରିୟା ଧିରେ ଧିରେ ଜାରି ରହିଛି।

ସାହାରା ଇଣ୍ଡିଆ ଏକ ବଡ଼ ନବେଶ କମ୍ପାନୀ ଥିଲା। ଯେଉଠଁ ଅନେକ ଲୋକ ନିବେଶ କରିଥିଲେ। ବର୍ତ୍ତମାନ ପାଇଁ କେବଳ ୪ଟି ସ୍କିମରେ ନିବେଶ କରିଥିବା ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଉଛି। ସେଗୁଡିକ ହେଉଛି ସାହାରା କ୍ରେଡିଟ କୋ. ଅପରେଟିଭ ସୋସାଇଟି ଲିମିଟେଡ, ସାହାରାୟାନ ୟୁନିଭର୍ସାଲ ମଲ୍ଟିପର୍ପଜ ସୋସାଇଟି ଲିମିଟେଡ, ହମାରା ଇଣ୍ଡିଆ କ୍ରେଡିଟ କୋପରେଟିଭ ସୋସାଇଟି ଲିମିଟେଡ ଓ ଷ୍ଟାର୍ଟ ମଲ୍ଟିପର୍ପଜ କୋପରେଟିଭ ସୋସାଇଟି ଲିମିଟେଡ୍‌ରେ ନିବେଶ କରିଥିବା ନିବେଶକଙ୍କୁ ଟଙ୍କା ଫେରସ୍ତ କରାଯିବ।

ଆପଣ ବି ନିବେଶ ଟଙ୍କା ଫେରସ୍ତ ପାଇବାକୁ ଚାହୁଁଥିଲେ, ଏହାର ଅଫିସିଆଲ ୱେବସାଇଟ ଭିଜିଟ କରିବାକୁ ହେବ। ଏଠାରେ ରିଫଣ୍ଡ ପୋର୍ଟାଲରେ କ୍ଲିକ କରି ତଥ୍ୟ ପାଇପାରିବେ। ଏହାପରେ ଏକ ଫର୍ମ ଫିଲ୍ପ କରି ସବମିଟ ଉପରେ କ୍ଲିକ କରନ୍ତୁ। ଏଭଳି ଭାବରେ ସମସ୍ତ ଆବେଦନକାରୀ ନିବେଶ ଟଙ୍କା ଫେରି ପାଇବେ।

'ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପାଖରେ ଅଛି ପର୍ଯ୍ୟାପ୍ତ ପୁଞ୍ଜି, ଜମାକାରୀଙ୍କୁ ଚିନ୍ତା କରିବାର ଆବାଶ୍ୟକତା ନାହିଁ': ଆର୍‌ବିଆଇ



ନୂଆଦିଲ୍ଲୀ, ୧୬।୩: ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ଚାଲିଥିବା ସଂକଟ ଭିତରେ କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏକ ବୟାନ ଜାରି କରିଛି। ଏହି ବୟାନରେ ରିଜର୍ଭ ବ୍ୟାଙ୍କ କହିଛି ଯେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଆର୍ଥିକ ରୂପେ ସ୍ଥିର ଅଛି ଓ ବ୍ୟାଙ୍କ ପାଖରେ ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜି ରହିଛି। ତେଣୁ ଜମାକାରୀଙ୍କୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ରିଜର୍ଭ ବ୍ୟାଙ୍କ ନିଜ ବିବୃତ୍ତିରେ କହିଛି ଯେ ବ୍ୟାଙ୍କର ଆର୍ଥିକ ପରିଣାମକୁ ଅଡିଟର୍‌ଙ୍କ ଦ୍ୱାରା ସମୀକ୍ଷା କରାଯାଇଛି। ଏଥିରେ ଜଣାପଡ଼ିଛି ଯେ ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସରେ ପର୍ଯ୍ୟାପ୍ତ ପୁଞ୍ଜି ରହିଛି ଓ ଏହାର ପୁଞ୍ଜି ପର୍ଯ୍ୟାପ୍ତତା ୧୬.୪୬ ପ୍ରତିଶତ ରହିଛି। ଅନ୍ୟପଟେ ଯୋଗାଣ କଭ୍‌ରେଜ୍ ଅନୁପାତ ୭୦.୨୦ ପ୍ରତିଶତ ରହିଛି। ରିଜର୍ଭ ବ୍ୟାଙ୍କ ଅନୁସାରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ୨୦୨୫ ମାର୍ଚ୍ଚ ୯ ଯାଏ ଲିକ୍ୱିଡିଟି କଭ୍‌ରେଜ୍ ଅନୁପାତ ୧୧୩ ପ୍ରତିଶତ ରହିଛି। ନିୟାମକ ନିୟମ ଅନୁସାରେ ଏହା ୧୦୦ ପ୍ରତିଶତ ରହିବା କଥା।

ଆରବିଆଇ ଶନିବାର ଇଣ୍ଡସଇଣ୍ଡ ବ୍ୟାଙ୍କର ବୋର୍ଡକୁ ପରାମର୍ଶ ଦେଇ ଚଳିତ ତ୍ରୈମାସରେ ବ୍ୟାଙ୍କ ଦ୍ୱାରା ଘୋଷିତ ୨୧୦୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା ଭିତରେ ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ କହିଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ସପ୍ତାହ ଆରମ୍ଭରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଆକାଉଣ୍ଟିଂ ଅନିୟମିତତା ନେଇ ନେଇ ଖୁଲାସା ହୋଇଥିଲା। ଯେଉଁଥି ପାଇଁ ବ୍ୟାଙ୍କର ନେଟ୍‌ୱାର୍ଥ ଉପରେ ୨.୩୫ ପ୍ରତିଶତର ଆନୁମାନିକ ପ୍ରଭାବ ପଡ଼ିଥିଲା। ଏହି ଖୁଲାସା ପରେ ବ୍ୟାଙ୍କର ସେୟାରରେ ବଡ଼ ଧରଣର ହ୍ରାସ ଘଟିଥିଲା। ସାର୍ବଜନୀନ ସ୍ତରରେ ଉପଲବ୍ଧ ତଥ୍ୟ ଅନୁସାରେ, ବ୍ୟାଙ୍କ ବର୍ତ୍ତମାନ ସିଷ୍ଟମର ବ୍ୟାପକ ସମୀକ୍ଷା କରିବା ଓ ପ୍ରଭାବ ଆକଳନ କରିବା ପାଇଁ ଏକ ବାହାର ଅଡିଟ୍ ଟିମକୁ ନିଯୁକ୍ତ କରାଯାଇଛି।

ବେତନଟୀ ଓକିଲ ସଂଘର ନିର୍ବାଚନ ବିଗୁଲ ବାଜିଲା

ବେତନଟୀ,୧୬।୩(ସଂଚାର ବ୍ୟୁରୋ): ମାର୍ଚ୍ଚ ୫ରୁ ୭ ତାରିଖ ପର୍ଯ୍ୟନ୍ତ ବେତନଟୀ ଓକିଲ ସଂଘର ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ତାରିଖ ଥିଲା। ମାର୍ଚ୍ଚ ୧୦ ତାରିଖ ଯାଞ୍ଚ ଓ ୧୨ ତାରିଖ ପ୍ରତ୍ୟାହାର ଦିବସରେ ସଭାପତି ପଦରୁ ପ୍ରାର୍ଥୀ ସଚ୍ଚିଦାନନ୍ଦ ମହାନ୍ତି ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିଥିଲେ । ତେଣୁ ବିନା ପ୍ରତିଦ୍ୱନ୍ଦିତାରେ ଦେବବ୍ରତ ପରିଡ଼ା ଓ ସଂପାଦକ ପଦରେ ଏକମାତ୍ର ପ୍ରାର୍ଥୀ ଥିବା ପ୍ରବୀର କୁମାର ବାରିକ ଓ ହରଦତ୍ତ ମହାନ୍ତ, ସହ-ସଂପାଦକ ରୂପେ ନିର୍ବାଚିତ ଘୋଷିତ ହୋଇଛନ୍ତି। ଏଥିସମେତ ୫ଜଣ କାର୍ଯ୍ୟକାରୀ କମିଟିର ସଦସ୍ୟ ଧିରଜ ଖଣ୍ଡେଲ ୱାଲ, ସଂଜୟ କୁମାର ପାତ୍ର, ସତ୍ୟକାମ ପଣ୍ଡା,ଧିରେନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ବେହେରା ମଧ୍ୟ ନିର୍ଦ୍ଵନ୍ଦରେ ନିର୍ବାଚିତ ହୋଇଛନ୍ତି । କେବଳ ଉପସଭାପତି ପଦରେ ତିନିଜଣ ପ୍ରାର୍ଥୀ ରବିନାରାୟଣ ମହାପାତ୍ର, ମଧୁସୂଦନ ମହାନ୍ତ ଓ ହେମନ୍ତ କୁମାର ମହାନ୍ତ ଏବଂ କୋଷାଧ୍ୟକ୍ଷ ପଦରେ ଦୁଇଜଣ ପ୍ରାର୍ଥୀ ଲମ୍ବୋଦର ନାୟକ ଓ ମନୋଜ କୁମାର ଦଳେଇଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଅଛି । ଚଳିତ ମାର୍ଚ୍ଚ୨୯ ତାରିଖ ସକାଳ ୭ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇ ତତ୍‌ପରେ ନିର୍ବାଚନ ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତଙ୍କ ସୂତ୍ରରୁ ପ୍ରକାଶ।

ହୋଲିରେ ମସଗୁଲ ହେଲେ ଆବାଳବୃଦ୍ଧବନିତା

ହିଞ୍ଜିଳିକାଟୁ,୧୬।୩(ସଂଚାର ବ୍ୟୁରୋ): ରଙ୍ଗର ପର୍ବ ହୋଲି। ସମସ୍ତ ରାଗ ଅଭିମାନକୁ ଭୁଲି ଗୋଟିଏ ଖିଅରେ ବାନ୍ଧିବା। ଗାଁଠୁ ସହର ଉତ୍ସବମୁଖର ପରିବେଶ। ଆଉ ଏହାରି ଭିତରେ ହୋଲି ନିମନ୍ତେ ଚଳଚଞ୍ଚଳ ହୋଇଥିଲା ହିଞ୍ଜିଳିକାଟୁ ସହର। ରଙ୍ଗ ଦୋକାନ , ପୋଷାକ ଦୋକାନ ଓ ମିଠା ଦୋକାନରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ସେହିପରି ହୋଲିକୁ ଆହୁରି ରଙ୍ଗୀନ କରିବା ପାଇଁ ଡିଜେ ସାଉଣ୍ଡ ମଧ୍ୟ କିଛି କିଛି ଜାଗାରେ ବୁକିଂ କରାଯାଇଥିଲା। ହୋଲି ପାଇଁ ସହରର ପ୍ରମୁଖ ଛକ ଓ ବଜାର ଗୁଡ଼ିକରେ ରଙ୍ଗ ଅବିର ଦୋକାନ ଖୋଲିଥିଲା। ସେଠାରେ ବିଭିନ୍ନ ପ୍ରକାର ରଙ୍ଗ, ହାପି ହୋଲି ଲେଖାଥିବା ଟି -ସାର୍ଟ, ଟୋପି , ବିଭିନ୍ନ ମୁଖା ଓ ପିଚକାରୀ ଆଦି ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ସମ୍ପର୍କ ଓ ଭାଇଚାରାର ପର୍ବ ହୋଲି। ହିଞ୍ଜିଳିକାଟୁ ସ୍ଥିତ ବରାହୀ ପାହାଡ଼ରେ ଥିବା ଗାୟତ୍ରୀ ଶକ୍ତି ପୀଠ ପରିସରରେ ଗାୟତ୍ରୀ ହେଲଥ କେୟାର ପକ୍ଷରୁ ହୋଲି ଉତ୍ସବ ଧୂମ୍‌ଧାମରେ ପାଳିତ ହୋଇଥିଲା। ପ୍ରଥମେ ଯୋଗାଭ୍ୟାସ ଓ ପରେ ହୋଲି ଖେଳି ନାଚଗୀତରେ ପୁରା ଟିମ ମଜିଯାଇଥିଲେ। ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ହୋଲି ଉପଲକ୍ଷେ ମା 'ଘୋଡେଇଶୁଣି ପୀଠରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ହିଞ୍ଜିଳିକାଟୁ ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ଯୁବଗୋଷ୍ଠୀ, ବ୍ୟବସାୟୀ, ସାମ୍ବାଦିକ, ଆଇନଜୀବୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଏହି ଉତ୍ସବକୁ ଖୁସିରେ ମନାଇଥିଲେ।

ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳିତ

ବାଲିପାଟଣା/ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଏକ ଭିନ୍ନ ଢଙ୍ଗରେ ସହରର ଭିଡ଼, ଚାକଚକ୍ୟରୁ କାହିଁ କେତେ ଦୂରରେ ଚନ୍ଦକାର ଗୋଡିବାରି ଗାଁରେ ଅବସ୍ଥିତ ବୁଗିନ ହୋ ଶିକ୍ଷା କେନ୍ଦ୍ର ରେ ହୋଲି ପର୍ବ ଖୁବ ଉତ୍ସାହ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଓଡ଼ିଶାର ଆଗଧାଡିର ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ନିର୍ଭିକ ଖବରର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ଜନଜାତି ବାଳକ ବାଳିକା ଯୋଗ ଦେଇ ପଳାସ ଫୁଲ, ଅଭିର ରଙ୍ଗ ରେ ହୋଲି ଖେଳିବା ସହ ନାଚ, ଗୀତ ପରିବେଷଣ କରି ଥିଲେ ଏବଂ କର୍ମକର୍ତ୍ତାଙ୍କ ସହ ମିଶି ହୋଲି ପର୍ବର ଖୁବ ମଜା ନେଇ ଥିଲେ। କାଞ୍ଚନ ଫାଉଣ୍ଡେସନ ତରଫରୁ ପିଲା ମାନଙ୍କ ପାଇଁ ମିଠା, କେକ ,ବିସ୍କୁଟ, ଲସି ଆଦିର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଲକୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମୀୟ ପଟ୍ଟନାୟକ ଅନୁଷ୍ଠାନର ସଦସ୍ୟମାନଙ୍କ ଏଭଳି ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଏହିଭଳି ପିଲା ମାନଙ୍କ ସହ ହୋଲି ପାଳି ଖୁସି ବାଣ୍ଟିବା ହିଁ ହୋଲିର ପ୍ରକୃତ ଉଦେଶ୍ୟ ପୂରଣ ହୋଇପାରୁଛି ବୋଲି କାଞ୍ଚନ ଫାଉଣ୍ଡେସନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ ମତ ଦେଇଥିଲେ । ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଏହି ପିଲାଙ୍କମୁହଁରେ ହସ ଫୁଟେଇ ଥିବାରୁ ବୁଗିନ ହୋ ଶିକ୍ଷା କେନ୍ଦ୍ରର ମୁଖ୍ୟ ପରାମର୍ଶଦାତା ସବିତା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ନିର୍ଭିକ ଖବରର ମୁଖ୍ୟ ସମ୍ପାଦକ ଆଶୁତୋଷ ଚୌଧୁରୀ, ସହ ସମ୍ପାଦକ ପ୍ରଳୟ କୁମାର ଦାସ ଓ ଦୀପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷା ଯୋଜନା ଦିଗହରା

୯ ଶ୍ରେଣୀକୁ ୬ଜଣ ଶିକ୍ଷକ

ନିଶ୍ଚିନ୍ତକୋଇଲି,୧୬।୩(ସଂଚାର ବ୍ୟୁରୋ): ଶିକ୍ଷାକୁ ସାର୍ବଜନୀନ କରାଇବା ଓ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରାଇବା ନିମନ୍ତେ ସରକାର ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ମଧ୍ୟାହ୍ନ ଭୋଜନ ପୋଷାକ ଯୋତାମୋଜା ଯୋଗାଇ ଦେଉଛନ୍ତି। ବିଦ୍ୟାଳୟ ଗୃହକୁ ସର୍ବାଙ୍ଗ ସୁନ୍ଦର ରୂପେ ଗଢି ତୋଳିବା ପାଇଁ ପକ୍କା ଗୃହ ନିର୍ମାଣ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସୁକରପଡ଼ା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ସମଗ୍ର ଶିକ୍ଷା ଯୋଜନା ଦିଗହରା ହୋଇପଡ଼ିଥିବାର ଅଭିଯୋଗ ହୋଇଛି।

ସୁକରପଡ଼ା ୟୁଜିମଇ ବିଦ୍ୟାଳୟ ଗତ ୧୯୫୪ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀ ରହିଛି। ଏହି ୯ଟି ଶ୍ରେଣୀରେ ୨୨୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ମାତ୍ର ଏହି ବିଦ୍ୟାଳୟର ୯ଟିଶ୍ରେଣୀରେଶିକ୍ଷାଦାନ ନିମନ୍ତେ ମାତ୍ର ୬ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିବାର ଜଣାଯାଇଛି।

ତେବେ ୯ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ୬ଜଣ ଶିକ୍ଷକ କିପରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଥିବେ ତାହା ସହଜେ ଅନୁମେୟ। ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବହୁ ସମୟରେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଚାଲୁ ରହିଥିବା କାରଣରୁ ବହୁ ସମୟରେ ତାଲିମ ନେବା ନିମନ୍ତେ ଏହି ବିଦ୍ୟାଳୟର ଜଣେ ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଯିବାକୁ ପଡୁଛି। ଏପରିକି କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ଛୁଟି ନେଲେ କିମ୍ବା ଜରୁରୀ କାର୍ଯ୍ୟରେ ଅନୁପସ୍ଥିତ ରହିଲେ ବିଦ୍ୟାଳୟ ୪-୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ କାର୍ଯ୍ୟ କରୁଛି। ତେବେ ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ସମଗ୍ର ଶିକ୍ଷା ଯୋଜନା ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଥିବା କାରଣରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଉଚିତ ମଣୁନାହାନ୍ତି।

ଅପରପକ୍ଷରେ ଦିନକୁ ଦିନ ଶିକ୍ଷକ ଅଭାବ ଜନିତ କାରଣରୁ ଏହି ବିଦ୍ୟାଳୟରେ ଛାତ୍ର ଛାତ୍ରୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେହିପରି ଭାବେ ଏହି ବ୍ଲକ ଅଞ୍ଚଳରେ ଥିବା ବହୁ ବିଦ୍ୟାଳୟର ଗୃହର ଆବଶ୍ୟକତା ନଥାଇ ମଧ୍ୟ ଗୃହ ନିର୍ମାଣ ନିମନ୍ତେ ଅନୁଦାନ ଉପରେ ଅନୁଦାନ ଯୋଗାଇ ଦିଆଯାଉଛି। କିନ୍ତୁ ଏହି ବିଦ୍ୟାଳୟର ଗୃହ ଦୀର୍ଘ ବର୍ଷ ହେଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ ବିଦ୍ୟାଳୟକୁ ନୂତନ ଅନୁଦାନ ଯୋଗାଇ ଦିଆଯାଉନଥିବା କାରଣରୁ ଗୃହଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଥିବାର ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ୯ଟି ଶ୍ରେଣୀ ନିମନ୍ତେ ଅତିକମରେ ୯ଟି କକ୍ଷ ଆବଶ୍ୟକତା ରହିଛି। ମାତ୍ର ଠିକ୍ ଭାବେ ଶ୍ରେଣୀ କକ୍ଷ ନଥିବାର ଅଭିଯୋଗ ହୋଇଛି। ଗୋଟିଏ ଶ୍ରେଣୀ କକ୍ଷରେ ୫ଟି ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବହୁ କଷ୍ଟରେ ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ବିଦ୍ୟାଳୟରେ ହିନ୍ଦୀ ସଂସ୍କୃତ ଶିକ୍ଷକ ନଥିବା କାରଣରୁ ଛାତ୍ର ଛାତ୍ରୀମାନେ ରାଷ୍ଟ୍ରଭାଷା ହିନ୍ଦୀ ଓ ଦେବଭାଷା ସଂସ୍କୃତ ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ତେବେ ସରକାର ସର୍ବୋପରି ପ୍ରଶାସନ ତରଫରୁ ଏହି ବିଦ୍ୟାଳୟର ସମସ୍ୟାକୁ ତୁରନ୍ତ ସାମଧାନ କରାଯିବା ନିମନ୍ତେ ଅଭିଭାବକ ମହଲରେ ଦୃଢ଼ ଦାବି ହୋଇଛି।

ନିଖୋଜର ମାସେ ପରେ ବି ମିଳୁନି ଯୁବକଙ୍କ ପତ୍ତା

ବିଞ୍ଝାରପୁର,୧୬।୩(ସଂଚାର ବ୍ୟୁରୋ): ପରିବାର ମୁହଁ ରେ ଦାନା ମୁଠାଏ ଦେବା ପାଇଁ ଦାଦନ ଖଟିବାକୁ ଗୋଆ ଯାଇଥିଲା ବଢ଼ିଲା ପୁଅ। କିନ୍ତୁ ଗୋଆରୁ ଘରକୁ ଆସୁଥିବା ବେଳେ କୁଆଡ଼େ ନିଖୋଜ ହୋଇ ଯାଇଥିଲା। ଆଉ ସେବେଠୁ ମିଳୁନି ବଢ଼ିଲା ପୁଅର ପତ୍ତା ଆଉ ପରିବାର ଲୋକଙ୍କ ଆଖିରୁ ସୁଖୁନି ଲୋହୁ ର ଲୁହ।

ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ଧରମ ପୁର ଗ୍ରାମ ର ଶ୍ୟାମ ସୁନ୍ଦର ଓଝାଙ୍କ ଏକ ମାତ୍ର ପୁଅ ସରୋଜ ଓଝା(୩୦) ବାମଦେବ ପୁର ଗ୍ରାମ ର ବିନୋଦ ବିହାରୀ ରଣାଙ୍କ ସହିତ ଗୋଆ ଜୀବିକା ଅନ୍ୱେଷଣରେ ଯାଇଥିଲେ। କିନ୍ତୁ ସେଠି ସରୋଜ ଆଉ ବିନୋଦଙ୍କ ମଧ୍ୟରେ ତାଳମେଳ ଠିକ୍ ପାଇ ନ ଥିଲା। ଯେଉଁଥି ପାଇଁ ବାଧ୍ୟ ହୋଇ ଘରକୁ ଫେରି ଆସିବାକୁ ସ୍ଥିର କରିଥିଲେ ସରୋଜ। ଫେବୃଆରୀ ୧୧ ତାରିଖ ରେ

ଘରକୁ ଆସୁଥିବା କହିଥିଲେ ମଧ୍ୟ ଆଉ ଫେରି ନାହାଁନ୍ତି। ଏ ନେଇ ବିଞ୍ଝାରପୁର ଥାନାରେ ସରୋଜଙ୍କ ବାପା ଶ୍ୟାମ ସୁନ୍ଦର ଓଝା ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ନିଖୋଜର ମାସେ ପରେ ବି ମିଳୁନି ସରୋଜଙ୍କ ପତ୍ତା। ସମସ୍ତ ପ୍ରକାର ଚେଷ୍ଟା ପରେ ବି ବିଞ୍ଝାରପୁର ପୋଲିସ୍ ନିରାଶ ହୋଇ ବସିଛି।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମର ବିନୋଦ ବିହାରୀ ରଣା ଏବଂ ଅନ୍ୟ ଜଣେଙ୍କୁ କିଛି ଦିନ ହେବ ଥାନାକୁ ଡକାଇ ବିଞ୍ଝାରପୁର ପୁଲିସ୍ ପଚରା ଉଚରା କରୁଥିବା ବେଳେ ତାଙ୍କ ଠାରୁ ସେଭଳି କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନ ଥିବା ଜଣାପଡିଛି। ଅନ୍ୟ ପଟେ ପୁଅକୁ ଫେରି ପାଇବା ଆଶାରେ ବାରମ୍ବାର ଥାନାକୁ ଗ୍ରାମବାସୀଙ୍କୁ ଧରି ଦୌଡୁଛନ୍ତି ସରୋଜଙ୍କ ପରିବାର ଲୋକେ। ପୁଲିସ୍‌ର ତଦନ୍ତରେ ସରୋଜ କେବେ ମିଳୁଛି ତାକୁ ସମସ୍ତଙ୍କ ଅପେକ୍ଷା। ତେବେ ଯଦି କେହି ସହୃଦୟ ବ୍ୟକ୍ତି ସରୋଜଙ୍କ ପତ୍ତା ପାଆନ୍ତି ତେବେ୯୫୫୬୫୩୩୧୦୮ ନମ୍ବର୍ ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

ପୁଅର ଫାର୍ସା ମାଡ଼ରେ ବାପା ଗୁରୁତର

ଦଶରଥପୁର,୧୬।୩(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତସ୍ଥ ସହିମାଡ଼ ଗ୍ରାମର ଖଗେଶ୍ୱର ନାୟକ ୫୦ ବର୍ଷ ଓ ପୁଅ ମୃତ୍ୟୁଞ୍ଜୟ ନାୟକ ୨୮ ବର୍ଷଙ୍କ ମଧ୍ୟରେ ଘରୋଇ କଳିରୁ ଘଟଣା ଏତେ ଗୁରୁତର ହୋଇଥିଲା ଯେ ଶେଷରେ ପୁଅ ମୃତ୍ୟୁଞ୍ଜୟ ନିଜର କ୍ରୋଧ ସମ୍ବରଣ ନକରିପାରି ବାପା ଖଗେଶ୍ୱରର ମୁଣ୍ଡକୁ ଏକ ଫାର୍ଷାରେ ହାଣି ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା ଗୁରୁତର ହୋଇପଡି ଥିବା ବେଳେ ତାଙ୍କୁ ସଙ୍ଗେ ସଙ୍ଗେ ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନିଆଯାଇ ଥିଲା। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ସେଠାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ମେଡିକାଲକୁ ଚିକିତ୍ସା ନିମନ୍ତେ ନିଆ ଯାଇଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବା ଜଣା ପଡିଛି। ଏପରି ସ୍ଥଳେ ପୁଅକୁ ମଙ୍ଗଳପୁର ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣା ପଡିଛି। ଏଠାରେ ପ୍ରକାଶ ଥାଉକି ପ୍ରାୟ ୨ ବର୍ଷ ପୂର୍ବେ ମୃତ୍ୟୁଞ୍ଜୟ ଉକ୍ତ ଗ୍ରାମର ଜଣେ ଯୁବକ ଦିଲୀପ ନାୟକଙ୍କ ପେଟରେ ଛୁରୀ ମାଡ଼ କରିବା ଘଟଣାକୁ ନେଇ ସେ ସମୟରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

ନର୍ଲା ପ୍ରେସ ଆସୋସିଏସନ୍ ଓଜେୟୁ ଶାଖା ପକ୍ଷରୁ ଜରୁରୀ ବୈଠକ

କଳାହାଣ୍ଡି,୧୬।୩(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଦହଲ ଗ୍ରାମ ଠାରେ ନର୍ଲା ପ୍ରେସ ଏସୋ ସେସନ ଓଜେୟୁ ଶାଖା ପକ୍ଷରୁ ସଂଘର ସଭାପତି ଚିନ୍ତାମଣି ନାଏକଙ୍କ ଅଧକ୍ଷ୍ୟତାରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସଙ୍ଘର ଲିଗାଲ ଏଡ଼ଭାଇଜର ଦୀପକ କୁମାର ସାହୁ ସମସ୍ତ ଅତିଥି ମାନଙ୍କୁ ପରିଚୟ ପ୍ରଦାନ କରିବା ସହ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞ୍ୟାପନ କରିଥିଲେ। ଏହି ବୈଠକରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୁବ ସାମ୍ବାଦିକ ବନ୍ଧୁମାନେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜ ନିଜ ମତ ପ୍ରକାଶ କରିଥିଲେ। ବିଶେଷ କରି ସାଧାରଣ ନିରୀହ ନିଷ୍ପେସିତ ଅବହେଳିତ ଲୋକଙ୍କ ସମସ୍ୟାକୁ ପ୍ରଶାସନିକ ସ୍ତରରେ ପହଂଚାଇବା ଓ ସମସ୍ୟାର ସମାଧାନ ଦିଗରେ ନିରନ୍ତର କାର୍ଯ୍ୟ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତି ନିଆଯାଇଛି।

ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ନେଇ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର,୧୬।୩(ସଂଚାର ବ୍ୟୁରୋ): ବାଲେଶ୍ୱର, ମୟୂରଭଞ୍ଜ, କେଉଁଝର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାର ବିଦ୍ୟୁତ ଗ୍ରାହକମାନଙ୍କୁ ନେଇ ଗଠିତ 'ଉତ୍ତର ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ପରିଷଦ' ପକ୍ଷରୁ ଆହୁତ ସମ୍ମିଳନୀରେ ବିଦ୍ୟୁତ ଦରବୃଦ୍ଧି ପାଇଁ ଚାଲିଥିବା ପ୍ରସ୍ତୁତିକୁ ତୀବ୍ର ବିରୋଧ କରି ଆଜି ବାଲେଶ୍ୱରର ଷ୍ଟେସନ୍ କ୍ଲବରେ ଏକ ଗଣ କନ୍‌ଭେନ୍‌ସନ୍ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ଦର ବୃଦ୍ଧି ପ୍ରସ୍ତାବ ବାତିଲ କର, ନିର୍ବାଚନ ପ୍ରତିଶ୍ରୁତି ରକ୍ଷାକରିସମସ୍ତଗ୍ରାହକଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଅ, କୃଷିକ୍ଷେତ୍ରରେ ବିଦ୍ୟୁତ୍ ଦେୟ ଛାଡ଼କର, ପ୍ରିପେଡ଼ ସ୍ମାର୍ଟ ମିଟର ବସାଇବା ବନ୍ଦ କର, ଗ୍ରାହକମାନଙ୍କ ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କର, ବିଦ୍ୟୁତ୍ ବିତରଣ କ୍ଷେତ୍ରରୁ ଘରୋଇ କମ୍ପାନୀ ହଟାଅ ପ୍ରଭୃତି ଦାବି ଉପରେଏହି

ଜିଲ୍ଲାମାନଙ୍କରେ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦିଆଯାଇଥିଲା। ଓଡ଼ିଶା ରାଜ୍ୟ ବିଦ୍ୟୁତଉ ପଭୋକ୍ତା ମହାସଂଘ ତରଫରୁ ୨୧ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିକ୍ଷୋଭକୁ ଆଜିର ଉତ୍ତର ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ପରିଷଦ ତରଫରୁ ସମର୍ଥନ କରିବା ସହିତଏହି ଆନ୍ଦୋଳନରେ ଯୋଗଦେବାକୁ ନିଷ୍ପତ୍ତି ଗ୍ରହଣକରାଯାଇଛି।

ଆପତକାଳୀନ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୧୬।୩(ସଂଚାର ବ୍ୟୁରୋ): ମାର୍ଚ୍ଚ ୧୫ ତାରିଖ ଶନିବାର ପୂର୍ବାହ୍ନ ୧୦:୩୦ରେ ସୁନ୍ଦରଗଡ ଅଗ୍ନିଶମ କାର୍ଯ୍ୟାଳୟରେ ଆପତ କାଳୀନ ସଚେତନା କାର୍ଯ୍ୟକ୍ରମ ଉପରେ ଅଗ୍ନିଶମ ବିଭାଗ ସାମ୍ବାଦିକ ସମ୍ମିଳନୀ କରିଛି। ପବିତ୍ର ହୋଲି ଉତ୍ସବ ଯେପରି କାହାରି ପରିବାର, ସମାଜ, ଅଞ୍ଚଳ ଅଥବା ଜିଲ୍ଲାରେ ଦୁଃଖ ଆଣି ନ ଦେଉ ସେ ନେଇ ସୁନ୍ଦରଗଡ଼ ଜିଲ୍ଲା ଅଗ୍ନିଶମ ବିଭାଗ ଗଣମାଧ୍ୟମ ଜରିଆରେ ଲୋକ ମାନଙ୍କୁ ସଚେତନ କରିବା ନେଇ ବାର୍ତ୍ତା ଜାରି କରିଛି । ଏନେଇ ପ୍ରତ୍ୟେକ ପରିବାର ଓ ସମାଜକୁ ସଚେତନ ରହିବା ପାଇଁ ଅନୁରୋଧ କରିଛି ଅଗ୍ନିଶମ ବିଭାଗ। ତେବେ ଆପତ କାଳୀନ ସମସ୍ୟାକୁ ପ୍ରତିହତ କରିବା ନେଇ ବିଭାଗ ସମସ୍ତ ଉପକରଣ ସହ ସଜାଗ ରହିଛି। କୌଣସି ସ୍ଥାନରେ ନିଆଁ, ପାଣି ଅଥବା ଦୁର୍ଘଟଣା ସମ୍ବନ୍ଧୀୟ ଘଟଣା ଘଟିଲେ ୧୧୨କୁ ସୂଚନା ଦେବା ପାଇଁ ଅନୁରୋଧ କରିଛି ବିଭାଗ ।

ଡାକ ବିଭାଗ ହିନ୍ଦୁ ଅସ୍ମିତାର ପରିଚୟ ଦେଲା

ହୋଲିରେ ବି ଅଫିସ ଖୋଲାଗଲା

ବୈଶିଙ୍ଗା,୧୬।୩(ସଂଚାର ବ୍ୟୁରୋ): ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ଭାରତରେ ହୋଲି ପର୍ବ ଭାଇଚାରାର ପରିଚୟ ସୃଷ୍ଟି କରିଥାଏ। ସେଥିପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ହୋଲି ଉତ୍ସବ ପାଇଁ ଦୁଇଦିନ ସରକାରୀ ଛୁଟି ଦେଇଥାନ୍ତି। ମାତ୍ର ଚଳିତ ବର୍ଷ ଡାକବିଭାଗର ଛୁଟି ତାଲିକାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଶାସନ କାଳରେ ମଧ୍ୟ ହୋଲି ଉତ୍ସବ ପାଇଁ ଡାକ ବିଭାଗ କର୍ମଚାରୀଙ୍କୁ ଛୁଟି ମିଳୁଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ହୋଲି ପାଇଁ ଛୁଟି ମିଳୁଥିଲା । ମାତ୍ର ଚଳିତ ବର୍ଷ ଏହି ମାର୍ଚ୍ଚ ୧୪ ଏବଂ ୧୫ତାରିଖ ଦୁଇଦିନ ଛୁଟିକୁ ସରକାରୀ ସ୍ତରରେ କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ ପରିତାପର ବିଷୟ ପାଇଟିଛି ।

ସନାତନ ସନାତନୀକୁ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଥିବାର ଡିଣ୍ଡିମ ପିଟୁଥିବା ବେଳେ ହିନ୍ଦୁ ମାନଙ୍କର ଅସ୍ମିତା ଉପରେ ଏହା ଏକ କୁଠାରାଘାତ ବୋଲି କେତେକ କର୍ମଚାରୀ ପ୍ରକାଶ କରିଛନ୍ତି। ବୈଶିଙ୍ଗା, ଜୁଗୁପୁରା, ଗଡଦେଉଳିଆ ଉପ ଡାକଘର ସମେତ ଏହା ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ଶାଖା ଡାକଘର ଖୋଲା ରହିଥିବାର ଦେଖିବାକୁ ମିଳିଥିଲା। ଏଥିପାଇଁ ସମସ୍ତ କର୍ମଚାରୀଙ୍କୁ ହୋଲି ସତ୍ତ୍ୱେ କାର୍ଯ୍ୟ କରିବାକୁ ପଡିଥିଲା। ସାଧାରଣରେ ଏଥିପାଇଁ କ୍ଷୋଭ ପ୍ରକାଶ କରାଯାଇଥିବା ଜଣାଯାଇଛି।

ରୋଜଗାର ଯୋଗାଉଛି ପାଚିଲା କେନ୍ଦୁ

ଉମରକୋଟ,୧୬।୩(ସଂଚାର ବ୍ୟୁରୋ): ପ୍ରକୃତି ନବରଙ୍ଗପୁର ଜିଲ୍ଲା ଅଦିବାସୀଙ୍କୁ ବଞ୍ଚିବାର ବହୁ ସାଧନା ଦେଇଛି। ଜଙ୍ଗଲଜାତ ଦ୍ରବ୍ୟ ସାଙ୍ଗକୁ ଫଳମୂଳ ସଂଗ୍ରହ କରି ନିଜେ ଖାଇବା ସହ ବଳକା ହାଟବଜାରରେ ବିକ୍ରିକରି ତେଲଲୁଣ କିଣି ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ବିଭିନ୍ନ ଋତୁରେ ଏଠାରେ ଜଙ୍ଗଲରୁ ନାନା କିସମର ଫଳମୂଳ ମିଳିପାରୁଛି। ଏବେ ଫଗୁଣ ସମୟରେ ଋତୁକାଳୀନ ଫଳ କେନ୍ଦୁ ଆଦିବାସୀ ଓ ବନବାସୀଙ୍କୁ ରୋଜଗାର ଯୋଗାଉଛି। ଗଛରେ ପାଚୁଥିବା କେନ୍ଦୁ ଆଦିବାସୀ ସମ୍ପ୍ରଦାୟଙ୍କ ମନରେ ଖୁସି ଆଣିଦେଇଛି।

ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି, ୨ମାସ ଧରି କେନ୍ଦୁ ଝଡ଼ିଥାଏ। ଏହାର ସ୍ୱାଦ ଅତି ନିଆରା । ଲୋକଙ୍କ ବାଡିବଗିଚା ଓ ବଣ ଜଙ୍ଗଲର ଏହା

ମିଳିଯାଉଛି। ସକାଳୁ ପିଲାଠାରୁ ବୃଦ୍ଧବୃଦ୍ଧା ସମସ୍ତେ ଦଳ ଦଳ ହୋଇ ଜଙ୍ଗଲକୁ ଟୋକେଇ, ବ୍ୟାଗ ଧରି ଯାଉଛନ୍ତି। ଏବେ ସ୍ଥାନୀୟ ବଜାର ସହ ଜିଲ୍ଲା ବାହାରେ କେନ୍ଦୁର ଚାହିଦା ରହିଛି। ସ୍ଥାନୀୟ ବଜାରରେ ଭାଗ ୨୦ ଟଙ୍କାରେ ବିକ୍ରି କରାଯାଉଛି। ଗୋଟିଏ ଭାଗରେ ୨୦ରୁ ୨୫ କେନ୍ଦ୍ର ରହୁଛି । ତେବେ ସାନିଲା କେନ୍ଦ୍ର ସାଇତି ରଖିବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ସଂଗ୍ରହକାରୀମାନେ କ୍ଷତିରେ ପଡୁଛନ୍ତି। ବଜାରକୁ ଆଣୁଥିବା କେନ୍ଦୁ ବିକ୍ରି ହୋଇ ନପାରିଲେ ସେଗୁଡ଼ିକ ପଚି ନଷ୍ଟ ହୋଇଯାଉଛି । ଜିଲ୍ଲାର ସମସ୍ତ ବଣପାହାଡ଼ରେ କେନ୍ଦୁ ଗଛ ରହିଛି। ପୂର୍ବରୁ ଅଧିକ ଗଛ ଥିଲା। ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଗଛ ନଷ୍ଟ ହୋଇଯାଉଛି।

ପ୍ରକାଶଥାଉକି, କେନ୍ଦୁ ବୁଦାରୁ ତୋଳାଯାଉଥିବା ପତ୍ରରୁ ବିଡି ପ୍ରସ୍ତୁତ ହୋଇଆସୁଛି। ଏଥିରେ ଅଞ୍ଚଳର ହଜାର ହଜାର ଗରିବ ଲୋକ ନିର୍ଭର କରିଆସୁଛନ୍ତି । ପତ୍ର ତୋଳି ସରକାରଙ୍କୁ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ସରକାର ମଧ୍ୟ କେନ୍ଦୁପତ୍ରରୁ ରାଜସ୍ୱ ପାଉଛନ୍ତି । ଅନ୍ୟପକ୍ଷେ କେନ୍ଦୁ ଭାଲୁ, ବାର୍‌ହା ଆଦି ବନ୍ୟଜନ୍ତୁଙ୍କ ପ୍ରିୟ ଖାଦ୍ୟ ହୋଇଥିବାରୁ ଅନେକ ସମୟରେ ସେମାନଙ୍କ ଆକ୍ରମଣରେ ସଂଗ୍ରହକାରୀ କ୍ଷତବିକ୍ଷତ ହେଉଛନ୍ତି । ଏହି ସମୟରେ ବନ୍ୟଜନ୍ତୁଙ୍କ ପ୍ରତି ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି ।

ଜୟଚଣ୍ଡୀ ପ୍ରତିଭା ସମ୍ମାନ-୨୦୨୫

ଦଶରଥପୁର,୧୬।୩(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଜୟଚଣ୍ଡୀ ନଗର ସ୍ଥିତ ମା ଜୟଚଣ୍ଡୀଙ୍କ ପୀଠରେ ସମାଜସେବୀ ଦେବବ୍ରତ ନାୟକଙ୍କ ଦ୍ୱାରା ଆୟୋଜିତ ଜୟଚଣ୍ଡୀ ପ୍ରତିଭା ସମ୍ମାନ- ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟିକୁ ମା ଜୟଚଣ୍ଡୀ ପରିଚାଳନା କମିଟିର ସଭାପତି ସୁଦର୍ଶନ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଟିକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର କୁନି କୁନି କଳାକାର ମାନେ ଯୋଗଦେଇ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ନୃତ୍ୟ ପ୍ରତିଯୋଗିତାର ଶତାଧିକ କୁନି କଳାକାର ଭାଗ ନେଇଥିବା ବେଳେ ସ୍ୱାତୀ ଦାସ, ପ୍ରତାପ କୁମାର ପଣ୍ଡା, ଆକାଶ କୁମାର ମଲ୍ଲିକ ବିଚାରକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମାଜର ୫ଟି ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ମାନଙ୍କୁ ଜୟଚଣ୍ଡୀ ପ୍ରତିଭା ସଂମାନ-୨୦୨୫ ରେ ସମ୍ମାନିତ କରାଯାଇ ଥିଲା।

କୃଷିର ଉନ୍ନତି ପାଇଁ ଗରବନ୍ଧ ଗ୍ରାମର ଭ୍ରମରବର ମଲ୍ଲିକଙ୍କୁ ଅନ୍ନଦାତା ସମ୍ମାନ, ଶ୍ରୀରାମପୁର ଗ୍ରାମର କାର୍ତ୍ତିକ ଜେନା ଓ ମଲ୍ଲିପୁର ଗ୍ରାମର ଶିବ ପ୍ରସାଦ ନାୟକଙ୍କୁ କଳାକାର ସମ୍ମାନ, ଦୁବକଣ ଜୟଚଣ୍ଡୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଇଟାପଡା ଗ୍ରାମର ଶଶଧର ନାୟକ ଓ ଦୁଦୁରାଅନ୍ତା ଗ୍ରାମର ଚକ୍ରଧର ଓଝାଙ୍କୁ ଶିକ୍ଷା କ୍ଷେତ୍ର ପାଇଁ ଶିକ୍ଷା ଦର୍ପଣ

ସମ୍ମାନ, ସମାଜ ସେବାପାଇଁ ଓଳସାଇ ଗ୍ରାମର ଡ଼ଃ ହରିଶଚନ୍ଦ୍ର ପଣ୍ଡା, ଭଦ୍ରକର ରମାକାନ୍ତ ମଣ୍ଡଳ ଓ ଭଦ୍ରକର ଇନ୍ଦୁମତୀ ସାହୁଙ୍କୁ ଜୟଚଣ୍ଡୀ ପ୍ରତିଭା ସମ୍ମାନ -୨୦୨୫ ରେ ସମ୍ମାନିତ କରାଯାଇ ଥିବା ବେଳେ କ୍ରୀଡାର ପ୍ରତିଭା କ୍ଷେତ୍ରରେ ରକବି ଖେଳ ପାଇଁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ ଯାଇପାରିଥିବା ସୁନାମଧନ୍ୟ ଖେଳାଳି ସାଇ ସତ୍ୟବ୍ରତ ସାହୁ ଓ ଶୁଭଜିତ ମହାପାତ୍ରଙ୍କୁ ଜୟଚଣ୍ଡୀ ପ୍ରତିଭା ସମ୍ମାନ-୨୦୨୫ ରେ ସମ୍ମାନିତ କରାଯାଇ ଥିଲା। ଏହି ପରିପ୍ରେକ୍ଷୀରେ ନୂତନ କରି ଗଢିଉଠିଥିବା ସ୍ୱେଚ୍ଛା ସେବି ଅନୁଷ୍ଠାନ (ଆମେ ଅଛୁ ଆପଣଙ୍କ ସାଥିରେ ୨୪ ×୭) ର ଲୋଗୋ ଉନ୍ମୋଚନ କରାଯାଇ ଥିଲା। ଶେଷରେ ସମାଜ ସେବି ଦେବବ୍ରତ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।